ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

ବର୍ଷ-୧ ସଂଖ୍ୟା-୧୨ ୦୩-୦୯ ଏପ୍ରିଲ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-12 03rd-09th APRIL, 2017 BHUBANESWAR ₹ 5.00 (8 Pages)










## ସୁପ୍ରିମୋଙ୍କ କଡ଼ା ତାଗିଦ୍

# ବିଜେଡିରେ ଝଡ଼ ଥମିଛି

**ଭୁବନେଶ୍ୱର :** ବିଜେଡିରେ ଗୀତା ମେହେଟ୍ଟାଙ୍କ ଆବିର୍ଭାବ, ରାଜ୍ୟସଭା ସଦସ୍ୟ ପଦରୁ ବିଷ୍ଣୁ ଦାସଙ୍କ ଅଚାନକ ଇସ୍ତଫା ଓ ପରେ ପରେ ଦଳର ଦୁଇ ସାଂସଦଙ୍କ ମଧ୍ୟରେ ଟ୍ୱିଟ୍‌ରେ ବାକ୍‌ଯୁଦ୍ଧକୁ ନେଇ ଦଳ ଭିତରେ ଅସନ୍ତୋଷ ଦେଖାଦେଇଥିଲା। ପରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଏକ ସ୍ତମ୍ଭରେ ପ୍ରକାଶିତ ଲେଖାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ବିଜେଡିରେ ଝଡ ସୃଷ୍ଟି ହୋଇଥିଲା। ଫଳରେ ଦଳର କିଛି ବରିଷ୍ଠ ନେତା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଥିଲେ। କିନ୍ତୁ ଦଳ ସୁପ୍ରିମୋ କିଛିଦିନ ନିରବତା ଅବଲମ୍ବନ କରିବା ପରେ ସାଂସଦ ବୈଜୟନ୍ତଙ୍କୁ କଡ଼ା ତାଗିଦ୍ କରିଥିବା ଜଣାପଡ଼ିଛି। ଦଳ ବିରୋଧୀ ମନ୍ତବ୍ୟରୁ ଦୂରେଇ ରହିବାକୁ ସୁପ୍ରିମୋ ବୈଜୟନ୍ତଙ୍କୁ କହିଥିବା ଆଲୋଚନା ହେଉଛି। କାରଣ ଦଳ ଭିତରୁ ଦଳ ବିରୋଧରେ ବାହାରେ ମନ୍ତବ୍ୟ ଦେଲେ ତଳସ୍ତରରେ ଏହା ନକରାତ୍ମକ ପ୍ରଭାବ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ବର୍ତ୍ତମାନ ବିଜେଡିରେ ଝଡ଼ ଥମିଛି।



ସୂଚନାଯୋଗ୍ୟ, ପଞ୍ଚାୟତ ନିର୍ବାଚନ ଫଳାଫଳ ପରେ ଓଡ଼ିଶାରେ ରାଜ୍ୟ ବିଜେପି ବେଶ ଉତ୍ସାହିତ ଥିବା ବେଳେ ବିଜେଡି ପାଇଁ ସଙ୍କଟ ସୃଷ୍ଟି ହୋଇଛି। ବିଜେଡି ନିଜ ଦଳର ପ୍ରଦର୍ଶନ କାହିଁକି ଖରାପ ହେଲା ଏହାର ସମୀକ୍ଷା କରୁଥିବା ବେଳେ ଟ୍ୱିଟ୍‌ରରେ ବିଜେଡି ସାଂସଦଙ୍କ ବାକ୍‌ଯୁଦ୍ଧକୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। କେହି କେହି ଏହାକୁ ବିଜେଡିର ବିଭାଜନ ବେଳ ଆସନ୍ନ ବୋଲି କହୁଥିବା ବେଳେ ଆଉ କେହି କେହି ବିଜେପି ଆଡକୁ ଢଳୁଥିବା ବିଜେଡିର କିଛି ନେତାଙ୍କ ଚକ୍ରାନ୍ତ ଭାବେ ବିବେଚନା କରୁଛନ୍ତି। ତେବେ ବିଜେଡିର ଦୁଇ ସାଂସଦ ଟ୍ୱିଟର ମାଧ୍ୟମରେ ବାକ୍‌ଯୁଦ୍ଧ କରିବା ପରେ ସଂସଦର କେନ୍ଦ୍ରୀୟ କକ୍ଷରେ ସାଂସଦ ବୈଜୟନ୍ତ ପଣ୍ଡା, ତଥାଗତ ସତପଥି ଓ ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେଙ୍କ ସହ ସେଲ୍‌ଫି ନେବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା। କେହି କେହି ବିଜେପିକୁ ଚେକ୍ ଦେବା ପାଇଁ ଏହା ଦଳର ସାଂସଦମାନଙ୍କ ଚାଲ ବୋଲି ମଧ୍ୟ ଆଲୋଚନା କରୁଛନ୍ତି। ତେବେ ଏହି ଘଟଣାରେ ବିଜେପି ମୁଣ୍ଡ ଖେଳାଉ ନଥିବା ଦଳ କହୁଛି। ବିଜେପି କହିବାର କଥା ହେଉଛି, ରାଜ୍ୟରେ ଦଳର ଉତ୍ଥାନ ପାଇଁ ନିଷ୍ଠାପର ଉଦ୍ୟମ ଚାଲିଥିବା ବେଳେ ବିଜେଡିରେ କ'ଣ ଘଟିଛି ସେଥିରେ ଚିନ୍ତା କରିବା ଦରକାର ନାହିଁ। କାରଣ ଏହା ବିଜେଡିର ଦଳୀୟ ବ୍ୟାପାର।

କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ପଣ୍ଡା ଏବଂ ଢେଙ୍କାନାଳ ସାଂସଦ ଶ୍ରୀ ସତପଥି ପରସ୍ପର ବିରୋଧରେ କରିଥିବା ଟ୍ୱିଟ୍‌କୁ ନେଇ ବିଜେଡି ରାଜନୀତିରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାପରେ 'ବିଜେଡି: ଆତ୍ମସମୀକ୍ଷାର ସମୟ' ଶୀର୍ଷକ ଲେଖା ପ୍ରକାଶ ପାଇବା ➤ ପୃ-୭

## ଉତ୍କଳ ଦିବସରେ ମୋଦିଙ୍କ ଶୁଭେଚ୍ଛା



**ଭୁବନେଶ୍ୱର :** ପବିତ୍ର ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ଶୁଭକାମନା ଜଣାଇଛନ୍ତି। ନିଜ ଟ୍ୱିଟର ଆକାଉଣ୍ଟରେ ଓଡ଼ିଶା ଗସ୍ତବେଳେ ଶ୍ରୀମନ୍ଦିରଠାରେ ଉଠାଇଥିବା ଫଟୋରେ ଓଡ଼ିଆରେ ବାର୍ତ୍ତା ଲେଖି ସେ ଏହି ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଉତ୍କଳ ଦିବସ ଅବସରରେ ମେ'ଫେୟାର ପରିସରରେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଚ୍ଛ ବିଏସ୍-ଆଇଭି ଇନ୍ଧନର ସର୍ବଭାରତୀୟ ଶୁଭାରମ୍ଭ କରିଛନ୍ତି। ଏଥିସହ ଜନତା ମଇଦାନରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍କଳ ଦିବସ କାର୍ଯ୍ୟକ୍ରମରେ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହଙ୍କ ସହ ଶ୍ରୀ ପ୍ରଧାନ ଯୋଗ ଦେଇଥିଲେ।

### ଭିତର ପୃଷ୍ଠାରେ...


- ବିମୁଦ୍ରୀକରଣର ସ୍ଥିତି ପରଖିବେ ସିଏଜି
- କଠୋର କାର୍ଯ୍ୟାନୁଷ୍ଠାନ ଲୋଡ଼ା
- ଲାଲ୍‌ମାଟିର ଗାଥା
- ନିଃସହାୟ ମଣିଷ
- ବୈଜ୍ଞାନିକଙ୍କ ମାର୍ଗଦର୍ଶକ
- ରହସ୍ୟମୟ ମନ୍ଦିର


# ୩,୧୫୭ଟି ପ୍ରତାରଣା ମାମଲା

## ଗୃହ ବିଭାଗର ଶ୍ୱେତପତ୍ର

**ଭୁବନେଶ୍ୱର :** ଗୃହବିଭାଗ ପକ୍ଷରୁ ନିକଟରେ ପ୍ରକାଶିତ ଶ୍ୱେତପତ୍ରରେ ମାଓ ସ୍ଥିତିରେ ଉନ୍ନତି ସୂଚନା ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ଅପରାଧ ନିୟନ୍ତ୍ରଣ ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ୨୦୧୬ ମସିହାରେ ରାଜ୍ୟରେ ୧ ଲକ୍ଷ ୩ ହଜାର ୬୦୨ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜିକୃତ ହୋଇଥିବାବେଳେ ସେଥିରୁ ୬୯ ହଜାର ୩୧୨ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିବା ସୂଚନା ଦେଇଛି ଗୃହ ବିଭାଗ। ସେହିପରି ସେହିବର୍ଷ ପଞ୍ଜିକୃତ ୧୩୨୮ଟି ହତ୍ୟା ଘଟଣା ମଧ୍ୟରୁ ୬୫୪ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିଥିଲେ। ରାଜ୍ୟରେ ୫୬୬ଟି ଡକାୟତି ମାମଲା ମଧ୍ୟରୁ ୫୫୭ଟି ସତ୍ୟ ବୋଲି ବିଭାଗ ସ୍ୱୀକାର କରିଛି। ଡକାୟତି ଘଟଣାରେ ପୁଲିସ ଦ୍ୱାରା ୨୩ ଜଣ ଆନ୍ତଃରାଜ୍ୟ ଡକାୟତଙ୍କ ସମେତ ୧୮୯୩ ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ୧୫ଟି ଘଟଣାରେ ବିଭିନ୍ନ ମାରଣାସ୍ତ୍ର ଓ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ଏହି ସମସ୍ତ ମାମଲାରେ ୨୨ କୋଟି ୧୬ ଲକ୍ଷ ୪୨ ହଜାର ୨୦୮ ଟଙ୍କା ମୂଲ୍ୟର ଚୋରି ଯାଇଥିବା ସାମଗ୍ରୀ ମଧ୍ୟରୁ ୨ କୋଟି ୪୬ ଲକ୍ଷ ୧୧ ହଜାର ୫୫୦ ଟଙ୍କାର ସାମଗ୍ରୀ ଉଦ୍ଧାର କରାଯାଇଛି। ୨୭୮ଟି ମାମଲାର ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ଗତବର୍ଷ ୨୦୧୨ଟି ଲୁଣ୍ଠନ ମାମଲା ରୁଜୁ କରାଯାଇଥିବାବେଳେ ସେଥିରୁ ୭ଟି ବ୍ୟାଙ୍କ, ୧୩୯ଟି ବାଣିଜ୍ୟ ପ୍ରତିଷ୍ଠାନ ଓ ୪୪୯ଟି ରାସ୍ତାଲୁଟ୍ ଅନ୍ତର୍ଭୁକ୍ତ। ୫୮ଟି ଲୁଣ୍ଠନ ଘଟଣାର ପ୍ରସ୍ତୁତି ପୂର୍ବରୁ ଆସାମୀଙ୍କୁ ଧରାଯାଇଛି। ୨୦୧୬ରେ ୪ ହଜାର ୪ଟି ସିନ୍ଧିଚୋରି ମାମଲା ମଧ୍ୟରୁ ୧୨୬୫ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ପ୍ରାୟ ୯୦୪୪ଟି ଚୋରି ମାମଲା ପଞ୍ଜିକୃତ କରାଯାଇଥିବା ଏହି ଶ୍ୱେତପତ୍ରରେ ପ୍ରକାଶ ପାଇଛି।

ଓଡ଼ିଶାରେ ସଙ୍ଗଠିତ ଅର୍ଥନୈତିକ ଅପରାଧ ଗୁଡ଼ିକର ତଦନ୍ତ ନିମନ୍ତେ ରାଜ୍ୟ ଅର୍ଥନୈତିକ ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିଛି। ୨୦୧୬ରେ ଏ ସଂକ୍ରାନ୍ତ ୩୪ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୭ଟିରେ ➤ ପୃ-୭

## ଠିକ୍ ସମୟରେ ଆସିବ ମୌସୁମୀ



**ଭୁବନେଶ୍ୱର :** ଏଲ୍ ନିନୋର ପ୍ରଭାବ ପଡିବନି ଓଡ଼ିଶାରେ। ଚଳିତ ବର୍ଷ ରାଜ୍ୟରେ ଭଲ ବର୍ଷା ହେବ। ଦେଶର ଅନ୍ୟ ରାଜ୍ୟରେ ଏଲ୍ ନିନୋ ପ୍ରଭାବ ପକାଇପାରେ, କିନ୍ତୁ ଏହା ଓଡ଼ିଶାରେ ମୌସୁମୀକୁ ପ୍ରଭାବିତ କରିବ ନାହିଁ ବୋଲି ଜଣାପଡ଼ିଛି। ଏଠାରେ ସ୍ୱାଭାବିକ ବର୍ଷା ହେବ ଏବଂ ନିର୍ଦ୍ଧାରିତ ସମୟରେ ମୌସୁମୀ ଓଡ଼ିଶା ଛୁଇଁବ। ମୌସୁମୀର ଆଗମନ ପୂର୍ବରୁ ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶାରଦମାନେ। ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଇମେଟ୍ ଏଭଳି ସମ୍ଭାବନା କରିଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ତଥା ପାଣିପାଗ ବିଶାରଦ ଡକ୍ଟର ସୁରେନ୍ଦ୍ରନାଥ ପଶୁପାଳଙ୍କ ଆକଳନ ବି ଏକା ପ୍ରକାର। ଡକ୍ଟର ପଶୁପାଳ କହିଛନ୍ତି ଯେ ଲା ନିନା ଦୁର୍ବଳ ହୋଇଚାଲିଛି। ଯାହା ଆକଳନ କରାଯାଉଛି ଜୁନ୍ ମାସ ବେଳକୁ ଲା ନିନୋ ସମ୍ପୂର୍ଣ୍ଣ ହଟିଯାଇ ସ୍ୱାଭାବିକ ସ୍ଥିତି ରହିବ। ଜୁଲାଇ ବେଳକୁ ଏଲ୍ ନିନୋ ଆରମ୍ଭ ହୋଇଯିବ, କିନ୍ତୁ ଏହାର ପ୍ରଭାବ ଭାରତ ଉପରେ ପଡିବା ଆଶଙ୍କା ପ୍ରାୟତଃ ନାହିଁ। ଓଡ଼ିଶାରେ ଏଥର ଭଲ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗରର ବିଷୁବ ରେଖା ପାଖରେ ଜଳ ଉତ୍ତପ୍ତୀକରଣ ପ୍ରକ୍ରିୟା। ➤ ପୃ-୭

## ବାପା ଦେଲାନି ଭୋଟ, ଝିଅକୁ ଦୁଷ୍କର୍ମ

**ଭୁବନେଶ୍ୱର :** ରାଜନୀତିରେ ପ୍ରତିଦ୍ୱନ୍ଦିତା-ପ୍ରତିଯୋଗିତା, ଆରୋପ-ପ୍ରତ୍ୟାରୋପ, ଶତ୍ରୁତା-ବନ୍ଧୁତା ଲାଗିଥାଏ। ରାଜନୀତିରେ ଆଜି ଯିଏ ବନ୍ଧୁ କାଲି ସିଏ ଶତ୍ରୁ ତ ପୁଣି କାଲି ଯିଏ ଶତ୍ରୁ ଥିଲା, ସେ ଆଜି ବନ୍ଧୁ ପାଲଟିଯିବାରେ କୌଣସି ଅସୁବିଧା ନାହିଁ। ସେହିପରି ରାଜନୀତିର ପଶାପାଲିରେ ଶତ୍ରୁତାକୁ ନେଇ ମାରପିଟ୍, ଆକ୍ରମଣ ଓ ହତ୍ୟା ଭଳି ଘଟଣା ଅତି ସାଧାରଣ କଥା। ମାତ୍ର ଏବେ ରାଜନୈତିକ ପାଣିପାଗ ବଦଳୁଛି। ଦିନକୁ ଦିନ ଏହା କଳୁଷିତ ହେବାରେ ଲାଗିଛି। ଏଥିଯୋଗୁଁ ବଳିପଡୁଛନ୍ତି ନିରୀହ ଜୀବନ। ଏପରିକି ପ୍ରତିଶୋଧପରାୟଣ ହୋଇ ସମ୍ପର୍କୀୟ ଭଉଣୀକୁ ମଧ୍ୟ ଗଣବଳାତ୍କାର ଭଳି କୁତ୍ସିତ କାଣ୍ଡ କରିବା ପାଇଁ ପଛାଉନାହାନ୍ତି ଦୁର୍ବୃତ୍ତ। ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି ଜରଡ଼ା ଥାନା ଆଙ୍କୋଲି ପଞ୍ଚାୟତରେ। ନ୍ୟାୟ ପାଇଁ ଆଇନ୍‌ର ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତା।

ଗତ ପଞ୍ଚାୟତ ନିର୍ବାଚନରେ ନାବାଳିକାର ବାପା ଏକ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରିଥିଲେ। ଯାହାକୁ ଏହି କାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ସୁବାସ ନାମକ ସମ୍ପର୍କୀୟ ଏହାକୁ ପସନ୍ଦ କରି ନଥିଲା। ➤ ପୃ-୭

## ଜୁନ୍ ଯାଏ ଡାଲିରେ ଭାଟ୍ ରିଆତି

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ୮ଟି ପ୍ରସ୍ତାବ ଉପରେ ମୋହର ମାରିଛି। ସରକାରଙ୍କ ପକ୍ଷରୁ ଏସମ୍ପର୍କରେ ବିଧିବଦ୍ଧ ଭାବରେ କିଛି ସୂଚନା ମିଳି ନ ଥିଲେ ହେଁ ଡ଼ାଲି ଉପରେ ଭାଟ ରିଆତିକୁ ଜୁନ୍ ୩୦ ଯାଏ ବଳବତ୍ତର ରଖାଯାଇଛି। ଏହି ରିଆତି ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ଥିଲା ଏବଂ ଏହାକୁ ୩ ମାସ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଜୁଲାଇ ୧ ତାରିଖରୁ ଜିଏସ୍‌ଟି ଲାଗୁ ହେବା ସମ୍ଭାବନା ଥିବାରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଭାଟ୍ ରିଆତି ଦିଆଯିବ ବୋଲି ସୂଚନା ମିଳିଛି। ଅନୁରୂପ ଭାବରେ ଅଣୁ-କ୍ଷୁଦ୍ର-ମଧ୍ୟମ ବିଭାଗ ପକ୍ଷରୁ ଷ୍ଟାର୍ଟଅପ୍ ନୀତିରେ ସାମାନ୍ୟ ସଂଶୋଧନ କରାଯାଇଛି। ଏଣିକି

### କ୍ୟାବିନେଟ୍‌ରେ ୮ ପ୍ରସ୍ତାବ ପାସ୍

ଗୋଷ୍ଠୀ ସହ ବ୍ୟକ୍ତିଗତ ଉଦ୍ୟୋଗୀଙ୍କୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହାବ୍ୟତୀତ ଅନୁସୂଚିତ ଜାତି ଓ ଜନଜାତି ନିଯୁକ୍ତି ନିମନ୍ତେ ଓଆର୍‌ଭିରେ ସଂଶୋଧନ, ଓଏଫ୍‌ଏସ୍‌ମାନଙ୍କ ପଦୋନ୍ନତି ➤ ପୃ-୭

## ଠାକୁରଙ୍କ ଜମି ହଡପ

### ସନ୍ଦେହଘେରରେ ଜିଲ୍ଲା ଉପନିବନ୍ଧକଙ୍କ ଭୂମିକା



**କେନ୍ଦୁଝର :** ପୁରୀ ସ୍ୱର୍ଗଦ୍ୱାର ଜମି ହଡପ ହେବା ଘଟଣା ରାଜ୍ୟରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିବାବେଳେ କେନ୍ଦୁଝରରେ ଶ୍ରୀରଘୁନାଥଜୀଉ ଠାକୁରଙ୍କ ଜମି ହଡପ ହେବା ଘଟଣା ଏବେ ଏଠାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦେବଦେବୀଙ୍କ ନାମରେ ଥିବା ବହୁ ମୂଲ୍ୟବାନ ଜମି ଡଞ୍ଚକତା ପୂର୍ବକ ହଡପ କରାଯାଉଥିବା ଅଭିଯୋଗ କରାଯାଉଛି। ଏହି ମୂଲ୍ୟବାନ ଜମି କିଣାବିକାରେ ଜିଲ୍ଲା ଉପନିବନ୍ଧକଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। କେନ୍ଦୁଝର ଜିଲ୍ଲାପାଳ ଏହାର ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରିଛନ୍ତି। ଶ୍ରୀରଘୁନାଥଜୀଉଙ୍କ ମୂଲ୍ୟବାନ ୪ଏକର ଜମିକୁ ବେଆଇନ ଭାବେ କିପରି ବିକ୍ରୀ ପାଇଁ ଅନୁମତି ଦିଆଗଲା ତାହା ଏବେ ତଦନ୍ତ ସାପେକ୍ଷ। ଶ୍ରୀରଘୁନାଥଜୀଉଙ୍କ ନାମରେ ଥିବା ସଦର ତହସିଲର ଗଉଡୁଣୀବେଢା ମୌଜାରେ ଜମି ହଡପ ପଛରେ ଜଣେ ଜମି ଦଲାଲ ଭୁବନେଶ୍ୱର ଦେବୋତ୍ତର କମିଶନର ଅଫିସରୁ କିପରି ଅନୁମତି ଆଣିଲେ ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ➤ ପୃ-୭




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# 'ସବୁ ଯୋଜନାରେ ଆଧାର ବାଧ୍ୟତାମୂଳକ ନୁହେଁ'



**ନୂଆଦିଲ୍ଲୀ :** କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାର ହିତାଧିକାରୀଙ୍କୁ ଯୋଜନାର ଲାଭ ପାଇବାକୁ ଆଧାର କାର୍ଡ଼ ଦେବାକୁ ବାଧ କରାଯାଉଛି। ତେବେ ହିତାଧିକାରୀଙ୍କୁ ଆଧାର କାର୍ଡ଼ ଦେବାକୁ ବାଧ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜେଏସ୍ ଖେହେର, ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଓ ଏକ୍‌କେ କୌଲ୍‌ଙ୍କୁ ନେଇ ଗଠିତ ପୀଠ ନିଜ ରାୟରେ ଦର୍ଶାଇଛନ୍ତି ଜନକଲ୍ୟାଣ ଯୋଜନାରେ ସାମିଲ ହିତାଧିକାରୀମାନେ ଆଧାର କାର୍ଡ଼ ଦେବାକୁ ବାଧ ନୁହଁନ୍ତି। ତେବେ ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଆଧାର କାର୍ଡ଼ ବ୍ୟବହାର ପାଇଁ ସରକାରଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ କୌଣସି ରୋକ୍ ଲଗାଇନାହାନ୍ତି। ସୁପ୍ରିମ୍‌କୋର୍ଟର ବିଚାରପତି ଜେଏସ୍ ଖେହର ବିଚାରପତି ଡି ୱାଇ ଚନ୍ଦ୍ରଚୂଡ ଏବଂ ବିଚାରପତି ସଞ୍ଜୟ କିଶନ କାଉଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କିନ୍ତୁ ଆଧାରର ସାମ୍ବିଧାନିକ ବୈଧ୍ୟତାକୁ ନେଇ ଦାଏର ହୋଇଥିବା ଅନେକ ଗୁଡିଏ ପିଟିଶନର ଶୁଣାଣି ପାଇଁ ଖଣ୍ଡପୀଠ କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରିନାହାନ୍ତି। ଏଥିପାଇଁ ଏକ ୭ଜଣିଆ ଖଣ୍ଡପୀଠ ଗଠନ କରାଯିବ ବୋଲି ଜଷ୍ଟିସ୍ ଖେହର କହିଛନ୍ତି। ବର୍ତ୍ତମାନ ଏହାର ଶୁଣାଣି ହୋଇପାରିବ ନାହିଁ, ଏବେ ଆହୁରି ତିନୋଟି ମାମଲାର ଶୁଣାଣି ବାକି ରହିଛି। ସବୁ ମାମଲାର ଶୁଣାଣି ଗୋଟିଏ ପରେ ଗୋଟିଏ କରାଯିବ ବୋଲି ସେ କହିଛନ୍ତି। ବରିଷ୍ଠ ଆଇନ୍‌ଜୀବୀ ଶ୍ୟାମା ଦିଭାନ ଆଧାର ସମ୍ପର୍କିତ ମାମଲାଗୁଡିକ ମଧ୍ୟରୁ ଗୋଟିଏକୁ ନେଇ ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ବହୁ ନିର୍ଦ୍ଦେଶ କେନ୍ଦ୍ର ସରକାର ପାଳନ କରୁନାହାନ୍ତି। ଏପରିକି କେତେକ କ୍ଷେତ୍ରରେ ଆଧାର ଇଚ୍ଛାଧୀନ। ଏହା ବାଧ୍ୟତାମୂଳକ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ ମଧ୍ୟ ତାହାକୁ ସରକାର ଅନୁପାଳନ କରୁନାହାନ୍ତି ବୋଲି ଦିଭାନ ଯୁକ୍ତି ଦର୍ଶାଇଥିଲେ। ଡ୍ରାଇଭିଂ ଲାଇସେନ୍ସ ଆବେଦନ ଏବଂ ଆୟକର ରିଟର୍ଣ୍ଣ ଫାଇଲ୍ କରିବା ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ବୋଲି ସରକାର ନିକଟରେ ଘୋଷଣା କରିଛନ୍ତି। ତେବେ ଅଦାଲତ ବିଭିନ୍ନ ସମୟରେ ଦେଉଥିବା ମଧ୍ୟବର୍ତ୍ତୀ କାଳୀନ ରାୟ କାର୍ଯ୍ୟକାରୀ କରା ନଯିବା ନ୍ୟାୟାଳୟ ଅବମାନନା ବୋଲି ସେ କହିଥିଲେ। ୨୦୧୫ ଅଗଷ୍ଟ ୧୧ରେ ସୁପ୍ରିମ୍‌କୋର୍ଯ ଆଧାର କାର୍ଡକୁ ବାଧ୍ୟତାମୂଳକ ନୁହେଁ ବୋଲି ରାୟ ଦେଇଥିଲେ। କିନ୍ତୁ ଉକ୍ତ ବର୍ଷ ଅକ୍ଟୋବର ୧୫ରେ ଏହି ରାୟକୁ ପରିବର୍ତ୍ତନ କରି ଆଧାର କାର୍ଯ୍ୟ ଇଚ୍ଛାଧୀନ ଭାବେ ଦାଖଲ କରାଯାଇପାରିବ ବୋଲି କୋର୍ଟ କହିଥିଲେ। ମନରେଗା ଯୋଜନା ଏବଂ ପ୍ରୋଭିଡେଣ୍ଟ ଫଣ୍ଡ ପାଇଁ ଆଧାର ଇଚ୍ଛାଧୀନ ବୋଲି ଶୁଣାଣି କରିଥିଲେ। ସେହିପରି ପୂର୍ବତନ ମୁଖ୍ୟ ବିଚାରପତି ଏଚ.ଏଲ. ଦତ୍ତୁ ମଧ୍ୟବର୍ତ୍ତୀକାଳୀନ ରାୟ ଶୁଣାଣି କରି ମଧ୍ୟ ସତର୍କ କରିଥିଲେ ଯେ ଆଧାରକାର୍ଡ ଯୋଜନା ସମ୍ପୂର୍ଣ୍ଣ ଇଚ୍ଛାଧୀନ। ଯେପର୍ଯ୍ୟନ୍ତ କୋର୍ଟ ଏହାର ସମ୍ପୂର୍ଣ୍ଣ ବିଚାର କରି ନାହାନ୍ତି ସେ ପର୍ଯ୍ୟନ୍ତ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ବିଭିନ୍ନ ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ଆଧାର କାର୍ଡକୁ ଇଚ୍ଛାଧୀନ ବୋଲି କହିଥିଲେ ମଧ୍ୟ ସରକାର ନିକଟରେ ବହୁ କଲ୍ୟାଣକାରୀ ଯୋଜନାରେ ଏହାକୁ ବାଧ୍ୟତାମୂଳକ ବୋଲି ଘୋଷଣା କରିଛନ୍ତି। ଏପରି କି ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ, ସାଧାରଣ ବଣ୍ଟନ ବ୍ୟବସ୍ଥା, ମୋବାଇଲ୍ ବ୍ୟବହାର, ଡ୍ରାଇଭିଂ ଲାଇସେନ୍ସ, ମାଗଣା ଏଲ୍‌ପିଜି ଆଦି ବହୁ ଆବଶ୍ୟକତା ଲାଗି ସରକାର ଆଧାର ପୈଠ କରିବା ପାଇଁ ଘୋଷଣା କରିଛନ୍ତି।

## ମୁମ୍ବାଇରୁ ହଟିବ ଜିନ୍ନା ହାଉସ୍!



**ମୁମ୍ବଇ :** ମହମ୍ମଦ ଅଲ୍ଲୀ ଜିନ୍ନା ହେଉଛନ୍ତି ପାକିସ୍ତାନର ପ୍ରତିଷ୍ଠାତା। ଭାରତର ଦକ୍ଷିଣ ମୁମ୍ବାଇରେ ଥିବା ତାଙ୍କର ମାଲବାର ହିଲ୍ସ ବାସଭବନ 'ଜିନ୍ନା ହାଉସ୍' ବେଶ୍ ଜଣାଶୁଣା। ଏହାକୁ ଭାଙ୍ଗି ସେଠାରେ ସଂସ୍କୃତି କେନ୍ଦ୍ର ସ୍ଥାପନ ପାଇଁ ଦାବି କରିଛନ୍ତି ବିଜେପି ବିଧାୟକ ତଥା ମୁମ୍ବାଇର ଧନୀ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ମଙ୍ଗଲ ପ୍ରଭାତ ଲୋଧା। ସୂଚନାଯୋଗ୍ୟ ଯେ ଦେଶ ସ୍ୱାଧୀନ ପୂର୍ବରୁ ୧୯୩୦ ମସିହାରେ ନିର୍ମିତ ଏହି ବଙ୍ଗଳାରେ ଭାରତ ବିଭାଜନର ମନ୍ତ୍ରଣା ହୋଇଥିଲା। ସରକାର ଏହାର ରକ୍ଷଣାବେକ୍ଷଣ ବାବଦରେ କୋଟିକୋଟି ଟଙ୍କା ବ୍ୟୟ କରୁଛନ୍ତି। ଅଢ଼େଇ ଏକର ଜମିରେ ୟୁରୋପୀୟ ଢାଞ୍ଚାରେ ଇଟାଲୀ ମାର୍ବଲ ବ୍ୟବହାରରେ ଏହା ନିର୍ମିତ। ଭାରତ ବିଭାଜନ ପରେ ଜିନ୍ନା ଏହାକୁ ଛାଡ଼ି କରାଚି ଚାଲିଯାଇଥିଲେ। ୧୯୪୯ରେ ଭାରତ ସରକାର ଏହାକୁ ନିଷ୍କାନ୍ତ ସମ୍ପତ୍ତି ଘୋଷଣା କରିଥିଲେ। ୧୯୮୨ ଯାଏଁ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଏଠାରେ ବାସ କରୁଥିଲେ। ତା'ପରଠାରୁ ଏହା ତାଲା ପଡ଼ି ଅବ୍ୟବହୃତ ଭାବେ ପଡ଼ିରହିଛି। ଏହା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନର ଠିକ୍ ଅପରପାର୍ଶ୍ୱରେ ଅବସ୍ଥିତ। ବର୍ତ୍ତମାନ ଏହାର ବଜାର ଦର ୪୦୦ମିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଜିନ୍ନା ହାଉସ୍ ପ୍ରାଙ୍ଗଣରେ ମଙ୍ଗଳବାର ସ୍ଥାନୀୟ ଅଧିବାସୀ ମହାରାଷ୍ଟ୍ର ନବବର୍ଷ 'ଗୁଡି ପଡ଼ୱା' ପାଳନ କରିଛନ୍ତି। ପାକିସ୍ତାନ ଏହି କୋଠାକୁ କିଣି ନେଇ କିମ୍ବା ଲିଜ୍ ସୂତ୍ରରେ ନେଇ ସେଠାରେ ଦୂତାବାସ କାର୍ଯ୍ୟାଳୟ ଖୋଲିବାକୁ ଦୀର୍ଘ ଦିନ ହେଲା ଭାରତ ସରକାରଙ୍କ ନିକଟରେ ଦାବି କରିଆସୁଛି। ଏହାଛଡ଼ା ନ୍ୟୁୟର୍କରେ ବାସ କରୁଥିବା ଜିନ୍ନାଙ୍କ ଝିଅ ଡିନା ୱାଡିଆ ୨୦୦୭ରେ ବମ୍ବେ ହାଇକୋର୍ଟରେ ପୁଅ ତଥା ମୁମ୍ବାଇର ବିଶିଷ୍ଟ ବ୍ୟବସାୟୀ ନୁସ୍‌ଲି ୱାଡିଆଙ୍କ ନାମରେ କରିଦେବା ପାଇଁ ଆବେଦନ କରିଥିଲେ। ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇ ନାହିଁ। ଗତ ସପ୍ତାହରେ ଭାରତୀୟ ସଂସଦରେ ଶତ୍ରୁ ସମ୍ପତ୍ତି ବିଧେୟକ ପାରିତ ହେବା ପରେ ଏହି ଐତିହାସିକ କୋଠା ଏବେ ବସ୍ତୁତଃ ଭାରତ ସରକାରଙ୍କ ହାତକୁ ଆସିଯାଇଛି। ଏହି ବିଧେୟକ ଅନୁଯାୟୀ, ବିଭାଜନ ବା ଯୁଦ୍ଧ ସମୟରେ ଯେଉଁମାନେ ପାକିସ୍ତାନ ବା ଚୀନ୍‌କୁ ଚାଲିଯାଇଛନ୍ତି ସେମାନଙ୍କ ବଂଶଧରଙ୍କର ଭାରତରେ ଥିବା ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ।

## ବିମୁଦ୍ରୀକରଣ ସ୍ଥିତି ପରଖିବେ ସିଏଜି

**ନୂଆଦିଲ୍ଲୀ :** ବିମୁଦ୍ରୀକରଣ ପ୍ରଭାବକୁ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ସମୀକ୍ଷା କରିବା ପାଇଁ ଯୋଜନା କରୁଛି। ବିମୁଦ୍ରୀକରଣ ଦ୍ୱାରା ସରକାରଙ୍କ ଟିକସ ରାଜସ୍ୱ ଉପରେ କି ପ୍ରଭାବ ପଡିଛି ତାହା ସମୀକ୍ଷା କରିବା ପାଇଁ ଯୋଜନା ରହିଛି ବୋଲି ସିଏଜି ଶଶିକାନ୍ତ ଶର୍ମା କହିଛନ୍ତି। ନୂତନ ସାମଗ୍ରୀ ଓ ସେବା ଟିକସ ଅଧୀନରେ ସିଏଜି ଟିକସ ରାଜସ୍ୱ ସମୀକ୍ଷା କରିବା ପାଇଁ ପ୍ରସ୍ତୁତ ରହିବା ସହିତ ଅଡିଟ୍ ପଦ୍ଧତି ଓ ପ୍ରକ୍ରିୟାକୁ ବଢ଼ାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଛି। ସିଏଜି ଏବେ ସୁଦ୍ଧା ଫସଲ ବୀମା ଯୋଜନା, ବନ୍ୟା ନିୟନ୍ତ୍ରଣ, ବନ୍ୟା ପୂର୍ବାନୁମାନ ଆଦିର ସମୀକ୍ଷା ଶେଷ କରିଥିବା ବେଳେ ବର୍ତ୍ତମାନ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଶିକ୍ଷା ଅଧିକାର, ଗଙ୍ଗାନଦୀ ଉନ୍ନତୀକରଣ, ଡିଫେନ୍ସ ପେନ୍‌ସନ ଆଦିର ସମୀକ୍ଷା କରୁଛି। ଏହି ସମସ୍ତ ସମୀକ୍ଷା ରିପୋର୍ଟ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରସ୍ତୁତ କରାଯିବ। ସେହିପରି ବିମୁଦ୍ରୀକରଣ ଟିକସ ଆୟ ଉପରେ କିଭଳି ପ୍ରଭାବ ପକାଇଛି ତାହା ସମୀକ୍ଷା କରିବାକୁ ଯୋଜନା କରୁଛୁ ବୋଲି ଶର୍ମା କହିଛନ୍ତି। ୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରିଦେଲେ। ପରେ ଯେଉଁମାନେ ଅଘୋଷିତ ଆୟ ଜମା କରିଛନ୍ତି ସେମାନଙ୍କୁ କ୍ଷମା କରିବା ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମ୍‌ଜିୱାଇ) ପରି ନୂତନ ଟିକସ ଯୋଜନା ଘୋଷଣା କଲେ। ଏ ସମସ୍ତ ଘଟଣାର ସମୀକ୍ଷା କରିବା ସହିତ ଆର୍‌ବିଆଇ ନୂତନ ନୋଟ୍ ଛାପିବା ବାବଦ ଖର୍ଚ୍ଚ, ଉକ୍ତ ସମୟରେ ବ୍ୟାଙ୍କ କାରବାର ସମ୍ପର୍କିତ ସମୀକ୍ଷା କରିବା ପାଇଁ ଯୋଜନା ଚାଲିଛି ବୋଲି ଶର୍ମା କହିଛନ୍ତି।

## 'ସମସ୍ତଙ୍କ ପାଇଁ ଲାଭଦାୟକ'

**ନୂଆଦିଲ୍ଲୀ :** ବହୁ ପ୍ରତୀକ୍ଷିତ ୪ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ସହାୟକ ବିଲ୍ ଲୋକସଭାରେ ଗୃହୀତ ହୋଇଯାଇଛି। ଫଳରେ ଏହି ନୂଆ ପରୋକ୍ଷ ଟିକସ ବ୍ୟବସ୍ଥାକୁ ଜୁଲାଇ ପହିଲାରୁ ଦେଶରେ କାର୍ଯ୍ୟକାରୀ କରାଇବା ନେଇ ପଥ ପରିଷ୍କାର ହୋଇଯାଇଛି। ସରକାରଙ୍କ ପକ୍ଷରୁ ଏହି ୪ ସହାୟକ ବିଲ୍‌କୁ ଗୃହରେ ଆଗତ କରାଯାଇଥିଲା। ଜିଏସ୍‌ଟି ସହାୟକ ବିଲ୍‌କୁ ଲୋକସଭାର ଅନୁମୋଦନ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଦେଶବାସୀଙ୍କୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଲୋକସଭାରେ ବୁଧବାର ୪ ଜିଏସ୍‌ଟି ସହାୟକ ବିଲ୍ ଆଗତ କରିଥିଲେ। ଗୃହରେ ସଦସ୍ୟଙ୍କ ମଧ୍ୟରେ ବିଲ୍ ଉପରେ ଜୋରଦାର ଆଲୋଚନା ହୋଇଥିଲା। ଏହି ୪ ସହାୟକ ବିଲ୍ ହେଉଛି କେନ୍ଦ୍ରୀୟ ଦ୍ରବ୍ୟ ଓ ସେବା କର ବିଲ୍ ୨୦୧୭ (ସିଜିଏସ୍‌ଟି), ସମନ୍ୱିତ ଦ୍ରବ୍ୟ ଓ ସେବା କର ବିଲ୍ ୨୦୧୭ (ଆଇ-ଜିଏସ୍‌ଟି), କେନ୍ଦ୍ର ଶାସିତ ଅଞ୍ଚଳ ଦ୍ରବ୍ୟ ଓ ସେବା କର ବିଲ୍ ୨୦୧୭ (ୟୁଟି-ଜିଏସଟି) ଏବଂ ଜିଏସ୍‌ଟି (ରାଜ୍ୟଗୁଡିକୁ କ୍ଷତିପୂରଣ)। ବିରୋଧୀମାନେ ଜିଏସ୍‌ଟି ସହାୟକ ବିଲ୍ ଉପରେ ଲୋକସଭାରେ ଅନେକ ସଂଶୋଧନ ପ୍ରସ୍ତାବ ଆଣିଥିଲେ। ତେବେ ଲୋକସଭାରେ ଆଜି ବିଲ୍ ଉପରେ ଦୀର୍ଘ ୭ଘଣ୍ଟାର ବିତର୍କ ଚାଲିଥିଲା। ଜିଏସ୍‌ଟି ସହାୟକ ବିଲ୍ ଲୋକସଭାରେ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଦେଶବାସୀଙ୍କୁ ବଧେଇ ଜଣାଇବା ସହ ଏହାକୁ 'ନୂଆବର୍ଷ, ନୂଆ ଭାରତ, ନୂଆ ନିୟମ' ବୋଲି ଦର୍ଶାଇଥିଲେ। ଜିଏସ୍‌ଟି ବିଲ୍‌କୁ ଅର୍ଥ ମନ୍ତ୍ରୀ ଏକ ବୈପ୍ଳବିକ ବିଲ୍ ବୋଲି ଅଭିହିତ କରିଥିଲେ। ଏହା ଦେଶରେ ଏକ ଏକକ ଟିକସ ବ୍ୟବସ୍ଥା ଆରମ୍ଭ କରାଇବ। ବିଲ୍ ସପକ୍ଷରେ ମତ ରଖି ଜେଟ୍‌ଲୀ କହିଲେ, ଏହି ବିଲ୍ ସମସ୍ତଙ୍କ ପାଇଁ ଲାଭଦାୟକ ହେବ। ଥରେ ଜିଏସ୍‌ଟି କାର୍ଯ୍ୟକାରୀ ହୋଇଗଲେ ରାଜ୍ୟଗୁଡିକ ଦ୍ୱାରା ଲାଗୁ କରାଯାଉଥିବା ପ୍ରବେଶ କର ଭଳି ସମସ୍ତ କର ଉଚ୍ଛେଦ ହୋଇଯିବ। ଗୋଟିଏ ଉତ୍ପାଦ ପାଇଁ ଦେଶରେ ଗୋଟିଏ ଟିକସ ହାର ବ୍ୟବସ୍ଥା ଲାଗୁ ହେବ। ଜିଏସ୍‌ଟି ଲାଗୁ ହେବାର ବର୍ଷ ମଧ୍ୟରେ ରିଅଲ ଇଷ୍ଟେଟ୍ କ୍ଷେତ୍ରକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ଅର୍ଥମନ୍ତ୍ରୀ ଏବଂ ରାଜ୍ୟ ଅର୍ଥ ମନ୍ତ୍ରୀମାନଙ୍କୁ ନେଇ ଗଠିତ ଜିଏସ୍‌ଟି ପରିଷଦ ରାଜି ହୋଇଛି। ବର୍ତ୍ତମାନ ଦେଶରେ ବିଭିନ୍ନ ଉତ୍ପାଦ ଉପରେ ପର୍ଯ୍ୟାୟ କ୍ରମେ ଟିକସ ଉପରେ ଟିକସ ଲାଗୁ କରାଯାଉଛି। ଯେତେବେଳେ ଏହି ସବୁ ବ୍ୟବସ୍ଥା ଉଠିଯିବ ସେତେବେଳେ ଉତ୍ପାଦ ଶସ୍ତା ହୋଇଯିବ। ଜିଏସ୍‌ଟି ପରିଷଦର ୧୨ଟି ଯାକ ବୈଠକ ଜିଏସ୍‌ଟିକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସହମତି ଏବଂ ସୁପାରିସକୁ ଭିତ୍ତି କରି ହୋଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ତେବେ ଟିକସ କ୍ଷେତ୍ରରେ ରହିଥିବା ବ୍ୟବଧାନକୁ ଜିଏସ୍‌ଟି ସମାପ୍ତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ସରକାର ଜୁଲାଇ ପହିଲାରୁ ଦେଶରେ ଜିଏସ୍‌ଟି ଲାଗୁ କରିବାକୁ ପ୍ରସ୍ତାବ ରଖିଛନ୍ତି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ଦ୍ୱାରା ସମଗ୍ର ଦେଶରେ ଦ୍ରବ୍ୟ ମାଗଣା ପରିବହନ ସମ୍ଭବପର ହେବ ବୋଲି ଜେଟ୍‌ଲୀ କହିଛନ୍ତି।

## ହାଫିଜ୍ ସଇଦ୍‌ର ସ୍ଥାନ ନେଲା ପୁଅ ତଲ୍‌ହା

**ଇସଲାମାବାଦ୍ :** ଜମାତ-ଉଦ୍-ଦାୱା ସଂଗଠନର ମୁଖ୍ୟ ହାଫିଜ୍ ସଇଦ୍‌କୁ ପାକିସ୍ତାନ ସରକାର ଗୃହବନ୍ଦୀ କରିଥିବା ବେଳେ ସଂଗଠନର ନେତୃତ୍ୱ ତାର ପୁଅ ତଲ୍‌ହା ନେଇଛି। କିଛିଦିନ ପୂର୍ବେ ତଲ୍‌ହା ସଭାରେ ଉଦ୍‌ବୋଧନ ଦେଇ ଭାରତ ବିରୋଧରେ ବିଷ ଓଗାଳିଛି। କାଶ୍ମୀରକୁ ମୁକ୍ତ କରିବାକୁ ଜମାତ-ଉଲ୍-ଦାୱାର ସଂଘର୍ଷ ଜାରି ରହିବ ବୋଲି ତଲ୍‌ହା କହିବା ସହ ଭାରତର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟାଇବାକୁ ଧମକ ଦେଇଛି। ଆତଙ୍କବାଦୀଙ୍କ ସହ ପାକିସ୍ତାନ ପୋଲିସ ହାତ ମିଳିଥିବା ସେ କହିବା ସହ କାଶ୍ମୀରକୁ ଭାରତରୁ ଛଡ଼ାଇ ଆଣିବାକୁ ଅଧିକରୁ ଅଧିକ ସଂଖ୍ୟକ ଯୁବକ ଜମାତ-ଉଲ୍-ଦାୱାରେ ସାମିଲ ହେବାକୁ ଆହ୍ୱାନ ଦେଇଛି। କାଶ୍ମୀର ବୁଦଗାମ୍‌ରେ ସୁରକ୍ଷାକର୍ମଚାରୀଙ୍କ ଉପରେ ସ୍ଥାନୀୟ ନାଗରିକ ଯେଉଁ ଆକ୍ରମଣ କରିଥିଲେ ତାହାକୁ ମଧ୍ୟ ତଲ୍‌ହା ପ୍ରଶଂସା କରିଛି। ଜମାତ୍-ଉଲ୍-ଦାୱାର ମୁଖିଆ ତଥା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଅନ୍ୟତମ ପ୍ରତିଷ୍ଠାତା ଭାବେ ଜଣାଶୁଣା ହାଫିଜ୍ ସଇଦକୁ ଅନ୍ତର୍ଜାତୀୟ ଚାପ ପରେ ପାକିସ୍ତାନ ସରକାର ଗୃହବନ୍ଦୀ ରଖିଛନ୍ତି। ହାଫିଜ୍‌ର ପୁଅ ତଲ୍‌ହା ମଧ୍ୟ ମୂଳରୁ ନିଜ ବାପାଙ୍କ ପଦାଙ୍କ ଅନୁସରଣ କରି ଆତଙ୍କବାଦୀ କାର୍ଯ୍ୟକଳାପରେ ନିଜକୁ ସାମିଲ କରିଥିଲା। ୨୦୧୩ ମସିହାରେ ଶ୍ରୀନଗରସ୍ଥିତ ସିଆର୍‌ପିଏଫ୍ ଶିବିର ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣ ପଛରେ ତଲ୍‌ହା ମାଷ୍ଟର ମାଇଣ୍ଡ ଥିଲା। ସେହିପରି ୨୦୧୫ରେ ଉଦ୍ଧମପୁର ବିଏସ୍‌ଏଫ୍ ଉପରେ ହୋଇଥିବା ଆକ୍ରମଣ ପଛରେ ତଲ୍‌ହାର ହାତ ଥିବା ସନ୍ଦେହ କରାଯାଉଛି। ବିଭିନ୍ନ ସମୟରେ ଭାରତ ବିରୋଧରେ ମତ ଦେଇ ତଲ୍‌ହା ବେଶ୍ ଚର୍ଚ୍ଚିତ ହୋଇଛି। ଭାରତୀୟ ସୈନିକମାନେ ପାକିସ୍ତାନ ଆତଙ୍କବାଦୀକୁ ମୁକାବିଲା କରିବାକୁ ଅକ୍ଷମ ବୋଲି ସେ ବହୁବାର ମତ ଦେଇଛି। କାଶ୍ମୀରରେ ଅଶାନ୍ତି ସୃଷ୍ଟି କରିବାକୁ ସେ ଆତଙ୍କବାଦୀ ଆକ୍ରମଣକୁ ନିଜ ଅସ୍ତ୍ର ଭାବେ ବ୍ୟବହାର କରି ଆସୁଛି। କାଶ୍ମୀରକୁ ପାକିସ୍ତାନରେ ସାମିଲ ନ କରିବା ଯାଏ ସେ ଶାନ୍ତିରେ ନିଶ୍ୱାସ ନେବ ନାହିଁ ବୋଲି ତଲ୍‌ହା କହି ଆସୁଛି। ବାପା ହାଫିଜ୍‌ର ସ୍ଥାନ ନେବା ପରେ ତଲ୍‌ହା ନିଜ ସଂଗଠନ ଦ୍ୱାରା କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବଢ଼ାଇବାକୁ ଚେଷ୍ଟା କରିବ ବୋଲି ଆଶଙ୍କା କରାଯାଉଛି।

## 'ୟୁପି ହେବ ଅପରାଧ ଓ ଅପରାଧୀମୁକ୍ତ'



**ଗୋରଖପୁର :** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅପରାଧୀ ଓ ସେମାନଙ୍କୁ ସମର୍ଥନ କରୁଥିବା ଲୋକଙ୍କୁ କଠୋର ସନ୍ଦେଶ ଦେଇଛନ୍ତି। ରବିବାର ଗୋରଖପୁର ଗସ୍ତର ଦ୍ୱିତୀୟରେ ଆଦିତ୍ୟନାଥ କହିଛନ୍ତି ଉତ୍ତରପ୍ରଦେଶରେ ଅପରାଧୀ ଓ ଅସାମାଜିକଙ୍କ ପାଇଁ କୌଣସି ସ୍ଥାନ ନାହିଁ। ଗୁଣ୍ଡା ଓ ମାଫିଆମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଲୋକଙ୍କ ପାଇଁ ରାଜ୍ୟରେ ସ୍ଥାନ ନାହିଁ। ଏପରି ଅସାମାଜିକମାନେ ରାଜ୍ୟ ଛାଡି ବାହାରକୁ ଚାଲି ଯାଆନ୍ତୁ କିମ୍ବା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ (ଜେଲ୍)କୁ ଯାଆନ୍ତୁ। ସେ କହିଛନ୍ତି ଆଗାମୀ ଦୁଇମାସ ମଧ୍ୟରେ ଲୋକେ ଜାଣିବାକୁ ପାଇବେ ଯେ ରାଜ୍ୟ ସରକାର କିପରି କାମ କରନ୍ତି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦୁଇମାସ ମଧ୍ୟରେ ସଜାଡିବା ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟକୁ ଅପରାଧ ମୁକ୍ତ କରାଯିବ। ସେ କହିଛନ୍ତି ବର୍ତ୍ତମାନ ସମୟରେ କୌଣସି ମଉଜ ମସ୍ତି କରିବାର ଅବସର ନୁହେଁ। ଯେଉଁମାନେ ଦିନକୁ ୧୮ରୁ ୨୦ଘଣ୍ଟା କାମ କରିବାକୁ ପ୍ରସ୍ତୁତ ସେମାନେ ତାଙ୍କ ଦଳରେ ସାମିଲ ହେବାକୁ ସବୁବେଳେ ସ୍ୱାଗତ କରାଯିବ ବୋଲି ଆଦିତ୍ୟନାଥ କହିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ଆଦିତ୍ୟନାଥ ଶନିବାର ପ୍ରଥମ କରି ଗୋରଖପୁର ଗସ୍ତରେ ଯାଇଥିଲେ। ଗସ୍ତର ପ୍ରଥମ ଦିନରେ ଆଦିତ୍ୟନାଥ ଏକ ସାଧାରଣ ସଭାକୁ ସମ୍ବୋଧିତ କରି କହିଥିଲେ ରାଜ୍ୟର ସାମଗ୍ରିକ ବିକାଶ କରିବା ତାଙ୍କ ସରକାରର ମୁଖ୍ୟ ଲକ୍ଷ୍ୟ। ୟୁପିକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ଆଦିତ୍ୟନାଥ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ଉନ୍ନତି ଆଣିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମହିଳା ଓ ଯୁବତୀଙ୍କ ସୁରକ୍ଷା ପାଇଁ ଗଠିତ ଆଣ୍ଟି-ରୋମିଓ ସ୍କ୍ୱାଡକୁ ଅଧିକ କ୍ରିୟାଶୀଳ କରିବାକୁ ସେ ପରାମର୍ଶ ଦେଇଛନ୍ତି। କର୍ତ୍ତବ୍ୟରେ ହେଳା କରୁଥିବା ତଥା ଅପରାଧୀଙ୍କ ସହ ସଂପର୍କ ରଖିଥିବା ପୁଲିସ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବ ବୋଲି ସେ ଚେତାଇ ଦେଇଛନ୍ତି। ଆଦିତ୍ୟନାଥ ଗୋଶାଳା ଯାଇ ଗାଇମାନଙ୍କୁ ଖାଇବାକୁଦେଇଥିଲେ। ଏହାପରେ ଗୋରଖପୁର ମନ୍ଦିରରେ ଆୟୋଜିତ ଯୋଗୀରାଜ ବାବା ଗମ୍ଭୀରନାଥଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇଥିଲେ। ପରେ ବିଜେପି କର୍ମକର୍ତ୍ତାଙ୍କୁ ଭେଟି ଆଦିତ୍ୟନାଥ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ବେନିଗଞ୍ଜଠାରେ ଥିବା ଦଳୀୟ କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଆଦିତ୍ୟନାଥଙ୍କ ଦ୍ୱାରା ଗଠିତ ଆଣ୍ଟିରୋମିଓ ସ୍କ୍ୱାଡକୁ ବିଜେପି ଦୃଢ ସମର୍ଥନ କରିଛି। ରାଜ୍ୟରେ ମହିଳା ଓ ଝିଅଙ୍କ ସୁରକ୍ଷା ପାଇଁ ଏପରି ସ୍କ୍ୱାଡ ଆଗାମୀ ଦିନରେ ଅଧିକ ସକ୍ରିୟ ହେବ ବୋଲି ଦଳୀୟ ନେତା କହିଛନ୍ତି।

## ସାମ୍ବିଧାନିକ ଖଣ୍ଡପୀଠରେ ହେବ 'ତିନି ତଲାକ୍'ର ଶୁଣାଣି

**ନୂଆଦିଲ୍ଲୀ :** ତିନି ତଲାକ୍ ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଶୁଣାଣି ପାଞ୍ଚ ଜଣିଆ ସମ୍ବିଧାନିକ ଖଣ୍ଡପୀଠ କରିବେ। ମେ ୧୧ତାରିଖରେ ଏହାର ଶୁଣାଣି ହେବ। ମୁସଲମାନ ସମ୍ପ୍ରଦାୟରେ ପ୍ରଚଳିତ ଏଭଳି ପ୍ରଥାର ଆଇନଗତ ବୈଧତା ଉପରେ ତର୍ଜମା କରାଯିବ। ସୁପ୍ରିମ କୋର୍ଟ ପ୍ରଧାନ ବିଚାରପତି ଜଗଦୀଶ ଚନ୍ଦ୍ର ଖେହର ଗୁରୁବାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟର ଗ୍ରୀଷ୍ମ ଅବକାଶରେ ଏହାକୁ ମିଶାଇ ତିନିଟି ସମ୍ବିଧାନିକ ଖଣ୍ଡପୀଠ ବିଚାରାଧୀନ ଥିବା ତିନିଟି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିବେ। ମାମଲା ବୋଝ ହ୍ରାସ କରିବା ପାଇଁ ଗ୍ରୀଷ୍ମ ଅବକାଶରେ ଶୁଣାଣି ଜାରି ରହିବ ବୋଲି ବରିଷ୍ଠ ଆଇନଜୀବୀ କପିଲ ଶିବଲଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ପ୍ରଧାନ ବିଚାରପତି ଖେହର। ତିନି ତଲାକ ପ୍ରଥା ଉଚ୍ଛେଦ ପାଇଁ ଓ ବହୁ ପତ୍ନୀ ଗ୍ରହଣ ବ୍ୟବସ୍ଥା ବିରୋଧରେ କୋର୍ଟରେ ସଂଖ୍ୟାଧିକ ଆବେଦନ ପଡ଼ି ରହିଛି। ପୂର୍ବରୁ ମୁହଁରେ ତିନି ଥର ତଲାକ କହି ପତ୍ନୀଙ୍କୁ ଛାଡ଼ପତ୍ର ଦେଉଥିଲେ ମୁସଲମାନ ପୁରୁଷମାନେ; କିନ୍ତୁ ଏବେ ହ୍ୱାଟ୍ସ ଆପ୍, ଫେସ୍ ବୁକ୍ ମାଧ୍ୟମରେ ବି ତଲାକ ଦେଉଥିବା ଅଭିଯୋଗ ହୋଇଛି। ତେବେ କୌଣସି ନିର୍ଦ୍ଦିଷ୍ଟ ମାମଲାର ବିଚାର ପରିବର୍ତ୍ତେ ସାମଗ୍ରିକ ଭାବେ ପ୍ରଚଳିତ ପ୍ରଥାର ଆଇନଗତ ବୈଧତା ଉପରେ ବିଚାର କରାଯିବ। ତା'ଛଡ଼ା ଏହାର ବିଚାର ଧାର୍ମିକ ଅଧିକାରରେ ହସ୍ତକ୍ଷେପ ହେବ କି ନାହିଁ କିମ୍ବା ଧାର୍ମିକ ଅଧିକାର ଆଳରେ ଛାଡ଼ି ଦିଆଯିବ ସେ ସମ୍ପର୍କରେ ଶୁଣାଣି ହେବ। ଅଲ ଇଣ୍ଡିଆ ମୁସଲିମ୍ ଲ'ବୋର୍ଡ ପୂର୍ବରୁ ଏହାର ବିଚାରକୁ ବିରୋଧ କରି କୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ସମ୍ବିଧାନରେ ମୁସଲମାନଙ୍କ ବ୍ୟକ୍ତିଗତ ଧାର୍ମିକ ସ୍ୱାଧୀନତାର ସୁରକ୍ଷାକୁ ସମ୍ମାନ ଦିଆଯାଇଥିବାରୁ ଏଥିରେ କାହାରି ହସସ୍ତକ୍ଷେପର ଅଧିକାର ନାହିଁ ବୋଲି ଦର୍ଶାଇଥିଲା। ଅଦାଲତ ଏହାର ତର୍ଜମା କିମ୍ବା କୌଣସି ପରିବର୍ତ୍ତନ କରିପାରିବେ ନାହିଁ ବୋଲି ବୋର୍ଡ କହିଥିଲା। ଏହି ପ୍ରଥା ମୁସଲମାନ ମହିଳାଙ୍କ ମାନବିକ ଅଧିକାର କ୍ଷୁଣ୍ଣ କରୁଥିବା ଦୃଷ୍ଟିରୁ ବୋର୍ଡର ବିରୋଧ ସତ୍ତ୍ୱେ ଏହାର ସଂଶୋଧନ ହୋଇପାରିବ କି ନାହିଁ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

# ଅଟୋମେଶନ ଯୋଗୁଁ ବିପଦରେ କର୍ମନିଯୁକ୍ତି

## ୨୦୨୧ ସୁଦ୍ଧା ପ୍ରତି ୧୦ରୁ ୪ ଚାକିରି ଯିବା ଆଶଙ୍କା



**ନୂଆଦିଲ୍ଲୀ :** ସାରା ବିଶ୍ୱରେ ଦ୍ରୁତ ହାରରେ ସୂଚନା ଏବଂ ପ୍ରଯୁକ୍ତି ଆଦୃଥ ହେଉଛି। ଏହାସହିତ ବିଭିନ୍ନ କ୍ଷେତ୍ରରେ ଅଟୋମେଶନ ଏକ ନୂଆ କ୍ଷେତ୍ର ଭାବରେ ବିସ୍ତାର ଲାଭ କରୁଛି। ନମ୍ନରୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ର ଏହା ମାଧ୍ୟମରେ ପ୍ରଭାବିତ ହେଉଥିବା ନଜରକୁ ଆସୁଛି। ନିକଟରେ ହୋଇଥିବା ଏକ ସର୍ଭେ ମୁତାବକ ୨୦୨୧ ବେଳକୁ ସାରା ବିଶ୍ୱରେ ଅଟୋମେଶନ କାରଣରୁ ପ୍ରତି ୧୦ ଚାକରି ମଧ୍ୟରୁ ୪ଟି ଗଭୀର ଭାବରେ ପ୍ରଭାବିତ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ପ୍ରଯୁକ୍ତି, ମାନୁଫାକଚରିଂ, ଅଟୋମୋବାଇଲ, ଆଇଟି ଏବଂ ବ୍ୟାଙ୍କିଂ ଭଳି କ୍ଷେତ୍ରଗୁଡିକରେ ଅଟୋମେଶନର ଆଦୃତି ବଢ଼ି ଚାଲିଛି। ଏହାଫଳରେ ଉଚ୍ଚ ମୂଲ୍ୟର ଟ୍ରାଞ୍ଜାକଶନ ସମେତ ଅନ୍ୟାନ୍ୟ କେତେକ କ୍ଷେତ୍ର ଉପରେ ଏହାର ସିଧାସଳଖ ପ୍ରଭାବ ପଡିବ। ପିପୁଲ ଷ୍ଟ୍ରଙ୍ଗ୍ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ପ୍ରତିଷ୍ଠାତା ପଙ୍କଜ ବଂଶଲ କହିଛନ୍ତି ଯେ ଆସନ୍ତା ୩ ରୁ ୪ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅଟୋମେଶନଜନିତ ପରିବର୍ତ୍ତନ ଆସିବାର ଏକ ବିରାଟ ସମ୍ଭାବନା ରହିଛି। ଏହି କାରଣରୁ ମାନୁଫାକଚରିଂ, ଆଇଟି, ଆଇଟିଇଏସ୍, ନିରାପତ୍ତା ସେବା ଏବଂ କୃଷି ଭଳି କ୍ଷେତ୍ରରେ କର୍ମନିଯୁକ୍ତି ବିଶେଷ ଭାବରେ ପ୍ରଭାବିତ ହେବ। ୨୦୨୧ ବେଳକୁ ପ୍ରତି ୧୦ ଚାକିରି ମଧ୍ୟରୁ ୪ଟି ଚାକିରି ଚାଲିଯିବ। ଏହି ୪ ଚାକିରି ମଧ୍ୟରେ ଘରୋଇ ବଜାରରେ ଜଣଙ୍କର ଚାକିରି ପ୍ରଭାବିତ ହେବ। ମୋଟାମୋଟି ଭାବେ କହିବାକୁ ଗଲେ ଅଟୋମେଶନ କାରଣରୁ ଘରୋଇ ବଜାରରେ ୨୩% ଚାକିରି ପ୍ରଭାବିତ ହେବ ବୋଲି ବଂଶଲ କହିଛନ୍ତି। ପାଞ୍ଚବର୍ଷ ତଳ କଥା ବିଚାରକୁ ନେଲେ ଯଦି କୁଶଳୀ ଶ୍ରମଶକ୍ତି କ୍ଷେତ୍ରରେ ୧,୫୦୦ ଲୋକଙ୍କୁ ନିଆଯାଉଥିଲା ତାହା ଏବେ ୫୦୦କୁ ହ୍ରାସ ପାଇଛି। କମ୍ପାନୀଗୁଡିକ କୁଶଳୀ ପରିବର୍ତ୍ତେ ଅଟୋମେଶନକୁ ଅଗ୍ରାଧିକାର ଦେଉଛନ୍ତି। ଫଳରେ ମୋଟାମୋଟି ଭାବରେ ଶ୍ରମଶକ୍ତି ସ୍ଥାନରେ ଅଟୋମେଶନ କାର୍ଯ୍ୟ କରୁଛି। ଏଣୁ ନିଯୁକ୍ତି ମଧ୍ୟ ହ୍ରାସ ହେଉଛି ବୋଲି କେଲି ଓସିଜି ଇଣ୍ଡିଆ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ ସଲ୍ୟୁଶନ୍ସ କଣ୍ଟ୍ରି ସିଇଓ ତଥା ନିର୍ଦ୍ଦେଶକ ଫ୍ରାଙ୍କସିସ୍ ପଦମଦନ ଏହି ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ନିମ୍ନକୁଶଳୀ ଏବଂ ଉଚ୍ଚ ଟ୍ରାଞ୍ଜାକଶନ ଯୋଗୁ ଗଭୀର ଭାବରେ ପ୍ରଭାବିତ ହେବ। ଏହିଭଳି ସମସ୍ୟାର ସମାଧାନ ପାଇଁ ସରକାରୀ ସ୍ତରରେ ମଧ୍ୟ ପ୍ରୟାସ କରାଯିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବିଶେଷକରି ଦୁଇ ପ୍ରମୁଖ କଥାକୁ ସରକାର ଧ୍ୟାନରେ ରଖିବା ଆବଶ୍ୟକ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ମଧ୍ୟବଜାର କ୍ଷେତ୍ର ଏବଂ ଶ୍ରମଶକ୍ତିକୁ ପୁଣିଥରେ କୁଶଳୀ କରି ଗଢ଼ି ତୋଳିବାର ଆବଶ୍ୟକତା ରହିଥିବା ଜଣାପଡିଛି। ଅଟୋମେଶନ ପରବର୍ତ୍ତୀ ସମୟରେ ଆସିବାକୁ ଥିବା ନୂଆ ଆହ୍ୱାନ ସାମ୍ନାରେ ଶ୍ରମଶକ୍ତି ଯେପରି ନିଜକୁ ଯୋଗ୍ୟ ସାବ୍ୟସ୍ତ କରିପାରିବ ସେଭଳି ତାଲିମର ଆବଶ୍ୟକତା ରହିଛି ବୋଲି ସର୍ଭେରେ ପ୍ରକାଶ ପାଇଛି। ଅଟୋମେଶନ ସମସ୍ତ ଚାକିରି ନେଇପାରିବ ନାହିଁ ବୋଲି ଫ୍ରାଙ୍କସିସ୍ କହିଛନ୍ତି। ଅଟୋମେଶନ ପାଇଁ ରୋବଟ ଏବଂ ମନିଟର ପ୍ରସ୍ତୁତି କୁଶଳୀ କାରିଗରମାନେ ହିଁ କରିବେ। ଏଣୁ କେତେକ ଚାକିରି ପ୍ରଭାବିତ ହେବାକୁ ଥିବା ବେଳେ ଅନ୍ୟ କେତେକ ନୂଆ ନିଯୁକ୍ତି ସୃଷ୍ଟି ହେବ।

## ୪୬ଜଣଙ୍କୁ ପଦ୍ମ ପୁରସ୍କାର

**ନୂଆଦିଲ୍ଲୀ :** ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ୪୬ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଉତ୍ସବରେ ଉପରାଷ୍ଟ୍ରପତି ହମିଦ ଅନସାରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଉପସ୍ଥିତ ରହିଥିଲେ। ପୁରସ୍କାର ଗ୍ରହଣକାରୀଙ୍କ ମଧ୍ୟରେ ରହିଛନ୍ତି ବିଜେପିର ବରିଷ୍ଠ ନେତା ମୁରଲୀ ମନୋହର ଜୋଷୀ, ଏନସିପି ନେତା ଶରଦ ପୱାର, ଲୋକସଭାର ପୂର୍ବତନ ବାଚସ୍ପତି ପି ଏ ସାଙ୍ଗମା (ମରଣୋତ୍ତର), ବଲିଉଡ ସଙ୍ଗୀତଜ୍ଞ ଅନୁରାଧା ପଡୱାଲ, ବୈଜ୍ଞାନିକ ଉଡିପି ରାମଚନ୍ଦ୍ର ରାଓ ପ୍ରମୁଖ ରହିଛନ୍ତି। ୪୬ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ପଦ୍ମ ବିଭୂଷଣ, ୩ଜଣଙ୍କୁ ପଦ୍ମଭୂଷଣ ଓ ୩୭ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଦିଆଯାଇଛି। ଗତ ସାଧାରଣତନ୍ତ୍ର ଦିବସ ଅବସରରେ ମୋଟ ୮୯ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଥିଲା। ଅବଶିଷ୍ଟ ବିଜେତାଙ୍କୁ ଏପ୍ରିଲ ୧୩ରେ ପୁରସ୍କାର ପ୍ରଦାନ କରାଯିବ।

## ଦେଶବ୍ୟାପୀ ତାତି ଅସହ୍ୟ

ନୂଆଦିଲ୍ଲୀ, ୩୦।୩: ମହାରାଷ୍ଟ୍ରରେ ପ୍ରଚଣ୍ଡ ରୌଦ୍ରତାପ ଜନିତ ଅଂଶୁଘାତରେ ୫ଜଣଙ୍କର ମୃତ୍ୟୁ ହୋଇଛି। ରାଜ୍ୟର ଅନେକ ସ୍ଥାନର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍‌ରୁ ଉପରେ ରହିଛି। ରୌଦ୍ରତାପ ଯୋଗୁଁ ରାଜ୍ୟର କେନ୍ଦ୍ର ଓ ଉତ୍ତରାଞ୍ଚଳ ଜିଲାଗୁଡିକ ଅଧିକ ପ୍ରଭାବିତ ହୋଇଛି। ରାୟଗଡ ଜିଲା ଭିରାରେ ତାପମାତ୍ରା ୪୬.୫ ଡିଗ୍ରୀ ସେଲସିୟସ୍ ରହିଥିବା ରେକର୍ଡ କରାଯାଇଛି। ରାୟଗଡରେ ତାପମାତ୍ରା ଅତ୍ୟଧିକ ବୃଦ୍ଧି ଉପରେ ଯାଞ୍ଚ ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏହାର ଦଳ ପଠାଇଥିବା କହିଛି। ସେହିପରି ଆକୋଲାରେ ତାପମାତ୍ରା ୪୪.୨ ଡିଗ୍ରୀ ସେଲସିୟସ୍ ରହିଥିବାବେଳେ ୱାର୍ଦ୍ଧା, ନାଗପୁର ଓ ଚନ୍ଦ୍ରପୁରରେ ତାପମାତ୍ରା ୪୩ଡିଗ୍ରୀ ରହିଛି। ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛି। ବାରଣାସୀ, ଆହ୍ଲାବାଦ, ହମିରପୁର ଓ ଆଗ୍ରାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିଛନ୍ତି। ଦିଲ୍ଲୀରେ ମଧ୍ୟ ତାପମାତ୍ରା ସ୍ୱାଭାବିକଠାରୁ ଉପରେ ରହିଛି। ଦିଲ୍ଲୀର ତାପମାତ୍ରା ୩୮.୨ ରହିଥିବା ରେକର୍ଡ କରାଯାଇଛି। ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ ଓ ଜାମ୍ମୁ-କାଶ୍ମୀର ରାଜଧାନୀ ଶ୍ରୀନଗରର ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିଥିବା ଜଣାଯାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର




Bhubaneswar, 3rd-09th Apr, 2017
ଭୁବନେଶ୍ୱର, ୦୩-୦୯ ଏପ୍ରିଲ, ୨୦୧୭



# କଠୋର କାର୍ଯ୍ୟାନୁଷ୍ଠାନ ଲୋଡ଼ା

**ଆ**ଗରୁ ଭାବବିନିମୟ ବା ଯୋଗାଯୋଗର ମାଧ୍ୟମ ଭାବେ ଚିଠିପତ୍ର ଓ ଦୂରଭାଷ ସମ୍ପର୍କ ଏକମାତ୍ର ମାଧ୍ୟମ ଥିଲା । ଦେଶରେ ବୈଷୟିକ ବିକାଶ ଓ ବିଜ୍ଞାନର ଉପଯୋଗ ବଢ଼ିବା ପରେ ଏବେ ଯୋଗାଯୋଗ ବ୍ୟବସ୍ଥା ଅତି ସହଜ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଇଣ୍ଟରନେଟର ବହୁଳ ପ୍ରଚଳନ ଫଳରେ ଲୋକେ ମାତ୍ରାଧିକ ଭାବେ ଏହାର ବ୍ୟବହାର କରୁଛନ୍ତି । ଅଧିକାଂଶ କ୍ଷେତ୍ରରେ ଏହା ଉପଯୁକ୍ତ ସାବ୍ୟସ୍ତ ହୋଇଥିଲା ବେଳେ ସୋସିଆଲ ମିଡିଆରେ ଏହାର ଦୁରୂପଯୋଗ ଦେଖିବାକୁ ମିଳିଛି । ଫଳରେ କିଛି ଅପରାଧୀ ଏହାରି ମାଧ୍ୟମରେ ବିଭିନ୍ନ ଅପରାଧ ଘଟାଉଛନ୍ତି । ନାରୀ ଚରିତ୍ରକୁ ମଧ୍ୟ ଏଥିରେ କଳଙ୍କିତ କରାଯାଉଛି । ନିକଟରେ ରାଜଧାନୀର ଏକ ଖ୍ୟାତନାମା ମହିଳା କଲେଜର କିଛି ଛାତ୍ରୀଙ୍କ ଫଟୋକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯିବା ଘଟଣା ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି କରିଛି । ସୁଜିତ ସାହୁ ନାମକ ଜନୈକ ବ୍ୟକ୍ତି ଇଭେଣ୍ଟ ମ୍ୟାନେଜମେଣ୍ଟ ନାଁରେ ଏଭଳି କରିଥିବା ପରେ ଜଣାପଡ଼ିଲା । ଏଥିରେ ଏହି କଲେଜର ଛାତ୍ରୀଙ୍କ ଚରିତ୍ର ସଂହାର ହୋଇଥିବା ଅନୁଭବ କରି ସମ୍ପୃକ୍ତ ଛାତ୍ରୀମାନେ ଉପଯୁକ୍ତ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ଏ ନେଇ ମୁଖ୍ୟମନ୍ତ୍ରୀ ତୁରନ୍ତ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା । ଏହାକୁ ନେଇ ରାଜ୍ୟର ବିଭିନ୍ନ ମହିଳା ସଂଗଠନ ଓ କଲେଜ ଛାତ୍ରୀମାନଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ 'ଏକମାତ୍ର' ପକ୍ଷରୁ କିଛି ଛାତ୍ରୀ ଏବଂ ବିଭିନ୍ନ ବର୍ଗର ମହିଳାଙ୍କ ମତାମତ ସଂଗ୍ରହ କରାଯାଇଛି । ସେମାନେ ଯାହା କୁହନ୍ତି...





**ପ୍ରଜ୍ଞାପାରମିତା ମହାନ୍ତି**
**ପ୍ରୋଜେକ୍ଟ ଡାଇରେକ୍ଟର**
**ଏଚ୍‌ଟିପିଏଲ୍, ଭୁବନେଶ୍ୱର**

ସୋସିଆଲ ମିଡିଆର ପ୍ରଚଳନ ପରେ ସାରାବିଶ୍ୱ ଏକ ବୋଲି ମନେହୁଏ । ଭାବ ବିନିମୟରେ ଦୂରତା ହ୍ରାସ ପାଇ ଏହା ଖୁବ୍ କ୍ଷୀପ୍ର ଓ ବ୍ୟାପକ ହୋଇଯାଇଛି । ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଓ ଟ୍ୱିଟର ଭଳି ମାଧ୍ୟମ ଯଦିଓ ସମ୍ପର୍କ ପାଇଁ ଉପଯୋଗୀ ସାବସ୍ତ୍ୟ ହୋଇଛି, ତଥାପି ଏହାର ଦୁରୂପଯୋଗ ଅନେକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ବିଶେଷକରି ଛାତ୍ରଗୋଷ୍ଠୀ ଏଥିରେ ଅଧିକ ନିମଗ୍ନ ରହିବା ଦ୍ୱାରା ସେମାନଙ୍କ କ୍ୟାରିୟରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଅନେକ କ୍ଷେତ୍ରରେ ଅନ୍ୟର ଚରିତ୍ର ସଂହାର ପାଇଁ କୁଚରିତ୍ର ବ୍ୟକ୍ତିମାନେ ସୋସିଆଲ ମିଡିଆକୁ ବ୍ୟବହାର କରୁଛନ୍ତି । ତେଣୁ ସବୁଦିଗକୁ ବିଚାର କରି ବିଶେଷଭାବେ ଛାତ୍ର ତଥା ମହିଳାମାନେ ଏ କ୍ଷେତ୍ରରେ ସଚେତନ ରହିବା ଉଚିତ । ଆବଶ୍ୟକସ୍ଥଳେ ଆଇନର ସାହାଯ୍ୟ ହେବାକୁ କୁଣ୍ଠାପ୍ରକାଶ କରିବା ଅନୁଚିତ ।



**ସୁଶ୍ରୀ ସୋନାଲି**
**ଛାତ୍ରୀ, ଦେବରାୟ କଲେଜ,**
**ଭୁବନେଶ୍ୱର**

ଏଭଳି ଦୁର୍ବୃତ୍ତମାନେ ସମାଜ ପାଇଁ ବୋଝ ସଦୃଶ । ଏମାନଙ୍କୁ କଠୋର ଦଣ୍ଡର ଆବଶ୍ୟକତା ରହିଛି । ଦଣ୍ଡ ଏଭଳି ହେବା ଉଚିତ ଯେମିତି ସେ ହୃଦ୍‌ବୋଧ କରିବା ଉଚିତ ଯେ ସେ ଯାହା କରିଛି ସମ୍ପୂର୍ଣ୍ଣ ଭୁଲ୍ ଏବଂ ଭବିଷ୍ୟତରେ ଏଭଳି ଆଉ କରିବା ପାଇଁ ସାହସ କରିବ ନାହିଁ । ତେବେ ଏ ନେଇ ଆଇନରେ ଆହୁରି କଠୋରତାର ଆବଶ୍ୟକ ରହିଛି । ଆଇନ୍‌ରେ ରହୁଥିବା ଫାଙ୍କକୁ ବନ୍ଦ କରି ଦୃଢ଼ ଆଇନ ତିଆର କରିବାକୁ ପଡ଼ିବ । ତେବେ ଏହାକୁ ନେଇ ମହିଳାମାନେ ସୋସିଆଲ ମିଡିଆକୁ ଛାଡ଼ିବା ଉଚିତ ନୁହେଁ । କାରଣ ଆଜିକା ଦୁନିଆରେ ଆଗକୁ ବଢ଼ିବା ପାଇଁ ସୋସିଆଲ ମିଡିଆ ଅନ୍ୟତମ ଦିଗ ଭାବେ କାର୍ଯ୍ୟ କରୁଛି । ମାତ୍ର ଏହାକୁ ବ୍ୟବହାର ତଥା ଏଥିରେ ବନ୍ଧୁତା କରୁଥିବା ବ୍ୟକ୍ତିମାନଙ୍କ ସହ ଅଧିକ ସତର୍କତାର ଆବଶ୍ୟ ରହିଛି । କାହା ସହିତ ଚାଟିଂ, କାହାରିକୁ ଫଟୋ ଇତ୍ୟାଦି ଦେବା ବେଳେ ଢେର ସଂଯତ ରହିବାକୁ ହେବ । ଯଦିବା କେହି କିଛି ବି ଭୁଲ୍ କରେ, ତେବେ ତୁରନ୍ତ ଆଇନର ଆଶ୍ରୟ ନେବା ଉଚିତ ।

ଛାତ୍ରୀମାନଙ୍କ ଫଟୋକୁ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିବା ନିଶ୍ଚିତ ଭାବରେ ଦୁଃଖଦାୟକ । ଏଭଳି ଅମାନବୀୟ ଚିନ୍ତାଧାରାର ବ୍ୟକ୍ତିବିଶେଷଙ୍କୁ କଠୋର ଦଣ୍ଡବିଧାନ କରାଯିବା ଉଚିତ୍ । ଏଭଳି ଲୋକ ଅତୀତରେ ଆଇନ୍ ହାତରେ ଧରାପଡ଼ିଥିଲେ ବି ଆଇନ୍‌ର ଫାଙ୍କ ଦେଇ ପରବର୍ତ୍ତୀ ମୁହୂର୍ତ୍ତରେ ବାହାରକୁ ଆସି ପୁନର୍ବାର ଏଭଳି କାଣ୍ଡକାରଖାନା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏମାନଙ୍କୁ ଜନସାଧାରଣଙ୍କୁ ହସ୍ତାନ୍ତର କରିଦେବା ଉଚିତ୍ । ସୋସିଆଲ୍ ମିଡିଆ ବନ୍ଧୁ ଏବଂ ପ୍ରିୟଜନଙ୍କ ସଂଯୋଗ ସ୍ଥାପନ ପାଇଁ ହୋଇଛି । ସମସ୍ତେ ସଚେତନ ହେଲେ ଏଭଳି କାର୍ଯ୍ୟକୁ ରୋକାଯାଇ ପାରିବ ବୋଲି ମୋର ବିଶ୍ୱାସ । ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂଏଭଳି ଦୁର୍ବୃତ୍ତଙ୍କୁ ସର୍ବସମ୍ମୁଖରେ ଦଣ୍ଡିତ କରିବା ଉଚିତ । ଫଳରେ ଅନ୍ୟମାନେ ଏଭଳି କାମ କରିବାକୁ ସାହସ କରିବେ ନାହିଁ । ସମଗ୍ର ଦେଶ ସ୍ମାର୍ଟ ହେବାକୁ ଯାଉଥିବା ବେଳେ ମହିଳାମାନେ ବି ଏଥିରେ ସାମିଲ ହେବା ଉଚିତ । ତେଣୁ ସେମାନେ ସୋସିଆଲ ମିଡିଆରେ ରହନ୍ତୁ, କିନ୍ତୁ ଅଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକତା ରହିଛି ।

**ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାପାତ୍ର**
**ଛାତ୍ରୀ,**
**ବାଙ୍କୀ ସ୍ୱୟଂଶାସିତ**
**ମହାବିଦ୍ୟାଳୟ**



**ମୌସୁମୀ ନନ୍ଦ**
**ଛାତ୍ରୀ, ବାଙ୍କୀ**
**ସ୍ୱୟଂଶାସିତ**
**ମହାବିଦ୍ୟାଳୟ**



ଏସବୁ ଘଟଣା ଯୋଗୁଁ ସୋସିଆଲ ମିଡିଆରେ ଯୋଗଦେବା ପାଇଁ ଯୁବତୀ ଓ ମହିଳାମାନେ ଭୟ କରୁଛନ୍ତି । ଫଳରେ ସେମାନେ ଯେତିକି ଆଗକୁ ଯିବା କଥା ତାହା ହୋଇପାରୁନି ।ଅନ୍ୟର ଫଟୋକୁ ବିନା ଅନୁମତିରେ ସୋସିଆଲ୍ ମଡିଆରେ ଛାଡ଼ିଥିବା ଅପରାଧୀଙ୍କୁ ଆଇନ୍ ଅନୁସାରେ ଦୃଢ଼ ଦଣ୍ଡବିଧାନ କରାଯାଉ । ପୋଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇ ଏବେ ବି ସଂଶୟ ରହିଛି । କାରଣ ଅତୀତରେ ମଧ୍ୟ ଏଭଳି ଅନେକ କାଣ୍ଡ ଘଟିଛି, ଯେଉଁଥିରେ କି ଅପରାଧୀମାନେ କିଛିଦିନ ଜେଲ୍‌ରହଣି ପରେ ପୁଣି ଜାମିନରେ ବାହାରକୁ ଆସି ଅଘଟଣ ଘଟାଇଛନ୍ତି । ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଗଲେ ଇତିହାସ ମନେରଖିବ ।

ତେବେ ମହିଳାମାନେ ଏ ନେଇ ଆହୁରି ଅଧିକ ଦୃଢ଼ ଓ ଏକତ୍ରିତ ହେବାର ଆବଶ୍ୟକତା ରହିଛି । ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀମାନଙ୍କ ଭଳି ଏକାଠି ହୋଇ ଏମାନଙ୍କୁ ମୁକାବିଲା କଲେ, ନିଶ୍ଚୟ ସେମାନେ ଭୟ କରିବେ, ଏଥିସରେ ସନ୍ଦେହ ନାହିଁ ।

ମହିଳାମାନେ ଆଗକୁ ବଢୁଛନ୍ତି, ସେମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଯେତେ କହିଲେ ମଧ ଆଜି ବି କିଛି ଅସାମାଜିକ ସେମାନଙ୍କୁ ହେୟଜ୍ଞାନ କରୁଛନ୍ତି । ମହିଳାବିରୋଧୀ ହିଂସା ଏବେ ବି କମିନାହିଁ । ରମାଦେବୀ ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ ହେବା ଘଟଣା ଏହାର ସଦ୍ୟତମ ଉଦାହରଣ । ଏହି ଘଟଣାରେ ଯଦିଓ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇସାରିଛି, ତେବେ ଏଥିରେ ଆଉ କେହି ସାମିଲ ଅଛନ୍ତି କିମ୍ବା ଏହା ସହ କେଉଁ ର୍‍ୟାକେଟ୍ ଜଡ଼ିତ, ତାହା ଆଜିପର୍ଯ୍ୟନ୍ତ ଜଣାପଡ଼ିପାରି ନାହିଁ । ଏ ନେଇ ଅଧିକ ଖୋଳତାଡ଼ର ଆବଶ୍ୟକତା ରହିଛି । ତେବେ ପ୍ରଥମେ ଏଭଳି ମାନସିକତା ବଦଳିବା ଆବଶ୍ୟକ । ଆଉ ଏଥିପାଇଁ ବ୍ୟାପକ ଜନସଚେତନତା ଅପରିହାର୍ଯ୍ୟ । ସର୍ବୋପରି ଏଭଳି ଅସାମାଜିକ ଓ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ ଆଇନ୍ ବ୍ୟବସ୍ଥା ସହ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ଉପଯୁକ୍ତ ତତ୍ପରତା ପ୍ରକାଶ ପାଇବା ନିତାନ୍ତ ଜରୁରୀ । ମହିଳାମାନେ ଆଗେଇଲେ ହିଁ ଦେଶ ଆଗେଇବ । ବିକଶିତ ଦେଶର ମହିଳାମାନେ ଢେର ଆଗରେ, ସେଥିପାଇଁ ତାଙ୍କ ଦେଶ ବିକାଶର ଶିଖର ଛୁଇଁପାରିଛି । ଦେଶକୁ ଶିଖରଗାମୀ କରିବାକୁ ହେଲେ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନତା ଦେବା ଆବଶ୍ୟକ ।

**ପ୍ରଜ୍ଞା ପାଲ୍**
**ପଟ୍ଟଚିତ୍ରଶିଳ୍ପୀ, ଭୁବନେଶ୍ୱର**





**ଶର୍ମିଳା ବେହେରା,**
**ଛାତ୍ରୀ, ବାଙ୍କୀ**
**ସ୍ୱୟଂଶାସିତ**
**ମହାବିଦ୍ୟାଳୟ**

ରମାଦେବୀ ମହାବିଦ୍ୟାୟର ୧୫ଜଣ ଛାତ୍ରୀଙ୍କ ଫଟୋକୁ ସୋସିଆଲ୍ ମେଡ଼ିଆରେ ଅପଲୋଡ୍ କରି ଅଶ୍ଳୀଳ କମେଣ୍ଟ ଦେବା ଭଳି କାର୍ଯ୍ୟ କରିଥିବା ଅପରାଧୀଙ୍କୁ ସର୍ବସମ୍ମୁଖରେ ଦଣ୍ଡିତ କରାଯାଉ । ଏଭଳି କାମ କରି ଅପରାଧୀମାନେ ପଶୁଠାରୁ ହୀନ ପାଲଟିଛନ୍ତି । ତେଣୁ ଆଇନ୍‌ର ପରିସର ବାହାରେ ଦଣ୍ଡିତ କରାଗଲେ ଯାଇ ପରବର୍ତ୍ତୀ ସମୟରେ ଏଭଳି କରିବାକୁ ଅପରାଧୀମାନେ ଭୟ କରିବେ । କେବଳ ଅପରାଧୀଙ୍କୁ ଗିରଫ କରିଦେଲେ ସମସ୍ୟାର ସମାଧାନ ହୁଏନାହିଁ । ଏଭଳି ଦୃଷ୍ଟାନ୍ତମୂଳକ ଓ ଐତିହାସିକ ଦଣ୍ଡ ମିଳିବା ଉଚିତ, ଯେମିତିକି ପରବର୍ତ୍ତୀ ସମୟରେ କେବଳ ସେହି ଅପରାଧୀ ନୁହେଁ, ବରଂ ଅନ୍ୟ ଅପରାଧୀମାନେ ବି ଏଭଳି କାଣ୍ଡ କରିବା ପୂର୍ବରୁ ଅନେକଥର ଚିନ୍ତା କରିବେ । ଆଜିର ନାରୀ ସ୍ୱାବଲମ୍ବୀ ହୋଇଛି, ତାକୁ ଆଗକୁ ବଢ଼ିବାକୁ ଦିଆଯିବା ପରିବର୍ତ୍ତେ କିଛି ଅସାମାଜିକଙ୍କ ଯୋଗୁଁ ଆଜି ବି କେତେକ କ୍ଷେତ୍ରରେ ନାରୀ ପଛରେ ପଡ଼ିଯାଇଛି । ତେଣୁ ସମାଜକୁ ଅନୁରୋଧ ସଭିଏଁ ବଢ଼ନ୍ତୁ, ଏବଂ ନାରୀକୁ ମଧ ବଢ଼ିବାକୁ ଦିଅନ୍ତୁ । ନଚେତ୍ ସମାଜ ଆଗେଇପାରିବେ ନାହିଁ । ସମସ୍ତଙ୍କୁ ଅନୁରୋଧ ଯେ ନାରୀ ବିରୋଧୀ ହିଂସା ବନ୍ଦ କରନ୍ତୁ ।

# ଧଳସାମନ୍ତ ଭ୍ରାତାଙ୍କ ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର :** ବେଆଇନ୍ ଟଙ୍କା କାରବାର ଅଭିଯୋଗ ନେଇ ଧଳସାମନ୍ତ ଭ୍ରାତାଙ୍କ ସମ୍ପତ୍ତିର ଖୋଳତାଡ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ବୁଧବାର ଦୁଇ ଭାଇ ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କର ମୋଟ ସ୍ଥାବର ଓ ଅସ୍ଥାବର ୮.୨୩ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି ।

ବାଜ୍ୟାପ୍ତ ହେବାକୁ ଥିବା ସ୍ଥାବର ସମ୍ପତ୍ତି ମଧ୍ୟରେ ସେମାନଙ୍କର କଟକ ସିଡିଏ ସେକ୍ଟର-୬ରେ ଥିବା ୩ ମହଲା ବିଶିଷ୍ଟସୌଖୀନ ବାସଭବନ ରହିଥିବା ବେଳେ ସେମାନଙ୍କ ଅସ୍ଥାବର ସମ୍ପତ୍ତି ମଧ୍ୟରେ ବିଭିନ୍ନ ବ୍ୟାଙ୍କ୍‌ରେ ସଞ୍ଚୟ ଥିବା ୩.୪୯ କୋଟି ଏବଂ ସେମାନଙ୍କ ଘରୁ ଜବତ ହୋଇଥିବା ନଗଦ ୩.୬୨ କୋଟି ଟଙ୍କା ରହିଛି । ସେହିପରି ଘନିଷ୍ଠ ଥିବା ଅନ୍ୟ ସହଯୋଗୀଙ୍କୁ ପଚରାଉଚରା କରିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ମଧ୍ୟ ସେମାନଙ୍କର ଅଂଶୀଦାରି ଥିବା କିଛି ବ୍ୟବସାୟକୁ ମଧ୍ୟ ଏହିରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱରର ଜଣେ ବ୍ୟବସାୟୀ ଦେବେନ୍ଦ୍ର କୁମାର ପଣ୍ଡାଙ୍କର ୬୦.୨୩ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସ୍ଥାବର ସମ୍ପତ୍ତି ମଧ୍ୟରେ ଶ୍ରୀ ପଣ୍ଡାଙ୍କର ବମିଖାଲସ୍ଥିତ ଏକ ବାସଭବନ ସହିତ



ତାଙ୍କର ଯାଜପୁର ଜିଲାର ବେଣାପୁର, ପତ୍ରଙ୍ଗଠାରେ ଥିବା ୧୨ଟି ପ୍ଲଟକୁ ମିଶାଇ ୫୫,୭୦,୯୦୦ ଟଙ୍କା ଏବଂ ତାଙ୍କର ବ୍ୟାଙ୍କ ଆକାଉଣ୍ଟରେ ଥିବା ୪,୫୨,୬୮୨ ଟଙ୍କାକୁ ବାଜ୍ୟାପ୍ତ କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଶ୍ରୀ ପଣ୍ଡା ୫ଟି ଜାଲ୍ କ୍ଷୁଦ୍ରଶିଳ୍ପ ନାମରେ ଓଡ଼ିଶା ସମବାୟ ଖାଉଟି ମହାସଂଘ ନିକଟରୁ ସରକାରୀ ରିଆତି ଦରରେ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡର ୧,୯୫,୯୭,୬୯୬ ମେଟ୍ରିକ୍ ଟନ୍ କୋଇଲା କିଣିଥିଲେ, ହେଲେ ଏହାକୁ ବଜାର ଦରରେ ଅନ୍ୟ ସଂସ୍ଥାଗୁଡ଼ିକୁ ବିକ୍ରି କରି ଦେଇଥିଲେ । ଯେଉଁଥିରେ ସରକାରଙ୍କ ୧.୩୫ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା । ସେତେବେଳେ ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଜଳସେଚନ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ ପ୍ରଶାନ୍ତ କୁମାର ବାରିକଙ୍କର ୫୩,୪୭,୭୬୯ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରକ୍ରିୟା ଆରମ୍ଭ କରିଛି । ୨୦୧୦ରେ ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତିଠୁଳ ମାମଲା ରୁଜୁ କରାଯାଇ ମୁଖ୍ୟଯନ୍ତ୍ରୀ ଶ୍ରୀ ବାରିକଙ୍କ ଘରେ ଚଢ଼ଉ କରାଯାଇଥିଲା । ତାଙ୍କର ୬୨,୫୪,୯୫୬ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଆକଳନ କରାଯାଇଥିଲା । ତେଣୁ ପୂର୍ବତନ ମୁଖ୍ୟଯନ୍ତ୍ରୀ ଶ୍ରୀ ବାରିକଙ୍କ ୫୩,୪୭,୭୬୯ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହି ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ଶ୍ରୀ ବାରିକଙ୍କ ୨ଟି ଜମି ଓ ଘର ସହିତ ବ୍ୟାଙ୍କରେ ଜମା ଥିବା ୨,୭୨,୯୧୪ ଟଙ୍କା ଅନ୍ତର୍ଭୁକ୍ତ ।

ସେହିପରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ରାଜ୍ୟ ସମବାୟ ସେବାର ଅଧିକାରୀ ତାରାକାନ୍ତ ପଣ୍ଡାଙ୍କ ୩୪,୫୪,୮୩୩.୬୫ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୦୯ରେ ଶ୍ରୀ ପଣ୍ଡାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ମାମଲା ରୁଜୁ କରାଯାଇଥିଲା । ଶ୍ରୀ ପଣ୍ଡା ସମବାୟ ବିଭାଗର ବିଭିନ୍ନ ପଦବିରେ କାର୍ଯ୍ୟ କରିଛନ୍ତି । ତାଙ୍କର ଏହି ସମ୍ପତ୍ତି ମଧ୍ୟରେ ୧୭,୫୨,୯୦୮ ଟଙ୍କାର ସ୍ଥାବର ସମ୍ପତ୍ତି ରହିଥିବା ବେଳେ ଘରର ଦାମୀ ଉପକରଣ ଏବଂ ପରିବାର ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଓ ବୀମା ଥିବା ୧୭,୦୨,୯୨୫ ଟଙ୍କା ରହିଛି ।

# ୫ରୁ ଚେନ୍ନାଇକୁ ଡାଇରେକ୍ଟ ବିମାନ

**ଭୁବନେଶ୍ୱର :** ଭୁବନେଶ୍ୱରରୁ ନିୟମିତ ବ୍ୟବଧାନରେ ଅନ୍ୟ ସହରକୁ ନୂଆ ବିମାନ ଚଳାଚଳ ଆରମ୍ଭ କରୁଥିବା ବେଳେ ଆସନ୍ତା ମାସରୁ ବିଦେଶକୁ ସିଧାସଳଖ ବିମାନ ସେବା ଆରମ୍ଭ ହେଉଛି । ତେବେ ଏହା ସହିତ ବିମାନ ଯାତ୍ରୀଙ୍କ ପାଇଁ ଆଉ ଏକ ଖୁସି ଖବର ହେଲା ଯେ ପ୍ରଥମଥର ଲାଗି ଭୁବନେଶ୍ୱର-ଚେନ୍ନାଇ ମଧ୍ୟରେ ସିଧଳସଳଖ ବିମାନ ସେବା ଆରମ୍ଭ ହେଉଛି । ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ଦୁଇ ସହର ମଧ୍ୟରେ ଦୈନିକ ଚଳାଚଳ କରିବ । ୫ ତାରିଖରୁ ଏହି ବିମାନ ସେବା ଆରମ୍ଭ ହେଉଥିବା ଜଣାପଡିଛି । ଏବେ ଭୁବନେଶ୍ୱରରୁ ବିଭିନ୍ନ ମେଟ୍ରୋ ଓ ଛୋଟ ସହରକୁ ଚାରିଟି ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପକ୍ଷରୁ ବିମାନ ଚଳାଚଳ କରୁଥିବା ବେଳେ ଚେନ୍ନାଇକୁ କୌଣସି ବିମାନ ସିଧାସଳଖ ଯାଉ ନଥିଲା । ଚେନ୍ନାଇରେ ବହୁ ସଂଖ୍ୟକ ଓଡ଼ିଆ ଲୋକ ରହୁଥିବା ବେଳେ ସେମାନେ ଅବା ସେମାନଙ୍କର ସମ୍ପର୍କୀୟ ସେଠାକୁ ବିମାନରେ ଯାତାୟାତ କରିଥାନ୍ତି । ସେହିପରି ବ୍ୟବସାୟ ଏବଂ ଅଫିସ୍ କାର୍ଯ୍ୟ ହେଉ ଅବା ଅନ୍ୟ କୌଣସି କାମ, ଭୁବନେଶ୍ୱର-ଚେନ୍ନାଇ ମଧ୍ୟରେ ବହୁ ସଂଖ୍ୟକ ଲୋକ ବିମାନରେ ଯାତ୍ରା କରିଥାନ୍ତି । କିନ୍ତୁ ଏଠାରୁ କୌଣସି ଏୟାରଲାଇନ୍ସର ବିମାନ ସିଧାସଳଖ ଯାଉନଥିଲା । ଚାରିଟି ଏୟାରଲାଇନ୍ସର ଏଠାରୁ ବିମାନ ସେବା ପ୍ରଦାନ କରୁଥିଲେ ମଧ୍ୟ କେବଳ ଇଣ୍ଡିଗୋର ଗୋଟିଏ ବିମାନ ଚେନ୍ନାଇ ଯାଉଛି, କିନ୍ତୁ ତାହା ଭାୟା ବିଶାଖପାଟଣା ଦେଇ ଯାତାୟାତ



କରୁଛି । ଫଳରେ ଭୁବନେଶ୍ୱର-ଚେନ୍ନାଇ ମଧ୍ୟରେ ଯିବା ଆସିବା କରୁଥିବା ଲୋକଙ୍କୁ ଅଧିକ ସମୟ ବିମାନରେ ବସିବାକୁ ପଡୁଥିଲା ଏବଂ କିଛିଟା ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେଉଥିଲା । ଟିକେଟ ମିଳିବାରେ ମଧ୍ୟ ସମସ୍ୟା ଭୋଗୁଥିଲେ ଯାତ୍ରୀ । କିନ୍ତୁ ଦୁଇ ସହର ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ସେଠାକୁ ସିଧାସଳଖ ବିମାନ ସେବା ଆରମ୍ଭ ଲାଗି ନିଷ୍ପତ୍ତି ହୋଇଛି । ମିଳିଥିବା ସୂଚନା ଅନୁସାରେ ୫ ତାରିଖରୁ ଦୈନିକ ଇଣ୍ଡିଗୋ ବିମାନ ସଂଖ୍ୟା ୬ଇ-୧୪୧ ଅପରାହ୍ନ ୧୨.୩୫ ସମୟରେ ଚେନ୍ନାଇରୁ ଉଡାଣ ଆରମ୍ଭ କରି ୨.୨୦ ସମୟରେ ଭୁବନେଶ୍ୱରରେ ଅବତରଣ କରିବ । ସେହିପରି ଫେରିବା ପଥରେ ବିମାନ ସଂଖ୍ୟା ୬ଇ-୭୫୬ ଅପରାହ୍ନ ୨.୫୦ ସମୟରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇରେ ୪.୨୫ ସମୟରେ ପହଞ୍ଚିବ । ଏନେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ଆର.ମହାଲିଙ୍ଗମ୍ କହିଛନ୍ତି, ପୂର୍ବରୁ କେବଳ ବିଶାଖପାଟଣା ଦେଇ ବିମାନ ଚେନ୍ନାଇ ଯାଉଥିବାରୁ ଯାତ୍ରୀଙ୍କୁ ବିଶେଷ ସମସ୍ୟା ହେଉଥିଲା । ଭୁବନେଶ୍ୱର ଏବଂ ଚେନ୍ନାଇ ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଦୁଇ ସହର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ଜରୁରୀ ଥିଲା । ତେଣୁ ଭୁବନେଶ୍ୱର-ଚେନ୍ନାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହେଉଥିବାରୁ ଯାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ । ଅନ୍ୟପକ୍ଷେ ଅଧିକାଂଶ ବିମାନ ଚଳାଚଳ ଦ୍ୱାରା ଆମ ବିମାନବନ୍ଦରର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

## ସରିଲା ଓଜେଇ ଆବେଦନ

# ମେ ୧୪ରେ ପରୀକ୍ଷା, ୨୦ରୁ ମିଳିବ ପ୍ରବେଶପତ୍ର

**ଭୁବନେଶ୍ୱର :** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇ) ୨୦୧୭ ପାଇଁ ଅନ୍‌ଲାଇନ୍ ଆବେଦନ ରବିବାର ଶେଷ ହୋଇଛି । ପ୍ରାୟ ୬୦ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି । ସେଥିମଧ୍ୟରୁ ୪୯,୨୦୦ ଆବେଦନ ଫି' ଦାଖଲ କରିଛନ୍ତି । ତେବେ ଓଜେଇ ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀ ମାର୍ଚ୍ଚ୨୮ପର୍ଯ୍ୟନ୍ତ ସେମାନେ ଫି' ଜମା କରିପାରିବେ । ବି.ଟେକ୍ ଲାଟେରାଲ୍ ଏଣ୍ଟ୍ରି ପାଠ୍ୟକ୍ରମ ପାଇଁ ସର୍ବାଧିକ ୧୮,୭୦୦ରୁ ଅଧିକ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ମେ' ୧୪(ରବିବାର)ରେ 'ଓଜେଇ ୨୦୧୭' ଅନୁଷ୍ଠିତ ହେବ । ଏଥିପାଇଁ ଏପ୍ରିଲ୍ ୨୦ରୁ ଆଡ୍‌ମିଟ୍‌କାର୍ଡ ଡାଉନ୍‌ଲୋଡ୍ କରିହେବ ବୋଲି ବୋଲି ଓଜେଇ ଅଧ୍ୟକ୍ଷ ତୁଷାରକାନ୍ତ ନାଥ ପ୍ରକାଶ କରିଛନ୍ତି । ଓଜେଇ ପରୀକ୍ଷା ସମ୍ପର୍କିତ ତଥ୍ୟ ପାଇବା ପାଇଁ 'ଓଜେଇଇ ମୋବାଇଲ୍ ଆପ୍‌ସ' ପ୍ରଚଳନ କରାଯାଇଛି । ଆଣ୍ଡ୍ରୋଏଡ୍ ମୋବାଇଲ୍ ହ୍ୟାଣ୍ଡସେଟ୍ ବା ସ୍ମାର୍ଟଫୋନ୍‌ରେ ଛାତ୍ରଛାତ୍ରୀ ଏହାକୁ ସହଜରେ ବ୍ୟବହାର କରିପାରିବେ । ସେମାନେ ଏହା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରିପାରିବେ । ଓଜେଇ ପରୀକ୍ଷା, କାର୍ଯ୍ୟସୂଚୀ, ସିଟ୍ ଆଲଟ୍‌ମେଣ୍ଟ, କାଉନ୍‌ସେଲିଂ କେନ୍ଦ୍ର, ରିପୋଟିଂ କେନ୍ଦ୍ର ଆଦି ସମ୍ପର୍କରେ ଏହି ମୋବାଇଲ୍ ଆପ୍‌ସରୁ ତତ୍କାଳ ସୂଚନା ପାଇପାରିବେ । ମେ' ୧୪ରେ ଓଜେଇ ପାଇଁ ରାଜ୍ୟର ୨୧ଟି ସହରରେ ୮୧ଟି ପରୀକ୍ଷା କେନ୍ଦ୍ର କରାଯିବ । ବିଏଏମଏସ୍(ବ୍ୟାଚଲର୍ ଅଫ୍ ଆୟୁର୍ବେଦ ମେଡିସିନ୍ ଆଣ୍ଡ ସର୍ଜରି), ବିଏଚ୍‌ଏମ୍‌ଏସ୍ (ବ୍ୟାଚଲର୍ ଅଫ୍ ହୋମିଓପ୍ୟାଥିକ୍ ମେଡିସିନ୍ ଆଣ୍ଡ ସର୍ଜରି), ବିଫାର୍ମା, ଏମ୍‌ସିଏ, ଏମ୍ ଟେକ୍, ଏମ୍‌ଆର୍କ, ବିଭିନ୍ନ ବିଷୟରେ ଲାଟେରାଲ୍ ଏଣ୍ଟ୍ରି ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

# ପାତାଳିକନ୍ୟାର ଠିକଣା ମିଳିଲା, ବନ୍ଧାହେଲେ ବାପା

**ଯାଜପୁର :** ଗତ ୨୫ତାରିଖରେ ଜେନାପୁର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଏକ ଖତଗଦାରୁ ଉଦ୍ଧାର ନବଜାତ ଶିଶୁକନ୍ୟା (ଧରିତ୍ରୀ) ଘଟଣାର ପର୍ଦ୍ଦାଫାସ କରିଛି ଯାଜପୁର ପୁଲିସ । ଏହି ଘଟଣାରେ ଅଭିଯୁକ୍ତ ତଥା ନବଜାତକର ପିତା ଧ୍ରୁବଚରଣ ବସନ୍ତିଆଙ୍କ ପୁଅ ରମେଶ ବସନ୍ତିଆ(୩୪)କୁ ପୁଲିସ ଗିରଫ କରିଛି । ମଙ୍ଗଳବାର ପାଣିକୋଇଲିସ୍ଥିତ ଯାଜପୁର ପୁଲିସର ମୁଖ୍ୟ କାର୍ଯ୍ୟାଳୟରେ ଏସ୍‌ପି ଅନୁପକୁମାର ସାହୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କାରିଛନ୍ତି ।

୨୬ ତାରିଖ ରାତ୍ରିରେ ଶ୍ୟାମଦାସପୁର ଗ୍ରାମର ଏକ ଖତଗଦାରୁ ଏହି ନବଜାତ ଶିଶୁ କନ୍ୟା ଉଦ୍ଧାର ହେବା ପରେ ଏହା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିଥିଲା । ଫଳରେ ଜେନାପୁର ଥାନାଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ଏକ ମାମଲା ୩୬/୧୭ ରୁଜୁ କରି ତଦନ୍ତ ଜାରି ରଖିଥିଲେ । ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ରମେଶଙ୍କ ପୂର୍ବରୁ ୪ଟି ସନ୍ତାନ ଅଛନ୍ତି । ସେମାନେ ହେଲେ ବଡଝିଅ ଲକ୍ଷ୍ମୀପ୍ରିୟା(୧୧), ମଝିଆ ଝିଅ ଶୁଭଲକ୍ଷ୍ମୀ(୯), ସାନପୁଅ ଦେବାଶିଷ(୬) ଏବଂ ପୁଅ ଓମ୍ ସାଗର(୪) । ଏହାପରେ ୫ମ ସନ୍ତାନ ଗର୍ଭସ୍ଥ ହେବାରୁ ତାହାକୁ ଗର୍ଭପାତ କରିଥିଲେ । ୬ଷ୍ଠ ସନ୍ତାନକୁ ଗର୍ଭପାତ କରିବାକୁ ଚାହିଁଥିଲେ । ମାତ୍ର ରମେଶଙ୍କ ପତ୍ନୀ ପୁରୀରେ ରହିଯିବାରୁ ଗର୍ଭପାତର ସମୟ ଅତିକ୍ରାନ୍ତ ହୋଇଯାଇଥିଲା । ଫଳରେ ଚଳିତମାସ ୨୫ରେ କନ୍ୟା ସନ୍ତାନ ଜନ୍ମ ହେବାରୁ ରମେଶ ତାକୁ ରାତ୍ରି ୮ଟା ବେଳେ ନେଇ ଘର ନିକଟସ୍ଥ ଖତ ଗାଡିଆରେ ପକାଇଦେଇଥିଲା । ହେଲେ ସକାଳୁ ଏହି ଖବର ପ୍ରଚାରିତ ହେବା ପରେ ଘଟଣାର ଅନୁସନ୍ଧାନ କରି ଜେନାପୁର ପୁଲିସ ଘଟଣାର ପର୍ଦ୍ଦାଫାସ କରିଛି । ଏହି ମାମଲାରେ ରମେଶଙ୍କ ସ୍ତ୍ରୀ କ'ଣ ସମ୍ପୃକ୍ତି ରହିଛି କି ନାହିଁ ତାର ସହମତିରେ ଏହି ଘଟଣା ଘଟିଛି କି ନାହିଁ ସେ ସମ୍ପର୍କରେ ପୁଲିସ ଅନୁସନ୍ଧାନ ଜାରି ରଖିଥିବାବେଳେ ତା' ସ୍ୱାମୀ ଏଥିର ଦାୟୀ ନଥିବା ମମତା ଆଜି ଏସପିଙ୍କ ସମେତ ପୁଲିସ ଅଧିକାରୀଙ୍କ ନିକଟରେ ବୟାନ ଦେଇଛି

## ସମ୍ପାଦକୀୟ

# ସ୍ୱପ୍ନ ଓ ସ୍ୱାଭିମାନ ଥାଉ

**କ**ଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ରାଜ୍ୟ ଓଡ଼ିଶା ଭାଷାଭିତ୍ତିରେ ଗଠିତ ହେଲା। ବହୁ ସଂଘର୍ଷ ପରେ ଇତିହାସ ପୃଷ୍ଠାରେ ଭାରତର ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ଲାଭ କରିଥିଲା ଓଡ଼ିଶା। ଏବେ ଏହାକୁ ୮୧ ବର୍ଷ ପୁରିଛି। ଏହା ୧୯୩୬ ମସିହା ଏପ୍ରିଲ ୧ରେ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଏହାପଛରେ ବହୁ ଓଡ଼ିଆ କବି,ଲେଖକ, ସାମ୍ବାଦିକ,ବୁଦ୍ଧିଜୀବୀ ଏବଂ ରାଜନୀତିଜ୍ଞମାନଙ୍କର ଅଦମ୍ୟ ପ୍ରଚେଷ୍ଟା ରହିଥିଲା। ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀମାନଙ୍କ ମଧ୍ୟରେ ବ୍ୟାସକବି ଫକୀର ମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ, କବିବର ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେର, ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ଗୋପାଳଚନ୍ଦ୍ର ପ୍ରହରାଜ, ପଲ୍ଲୀକବି ନନ୍ଦକିଶୋର ବଳ, ଉତ୍କଳମଣି ଗୋପବନ୍ଧୁ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ପଣ୍ଡିତ ନୀଳକଣ୍ଠ ଦାସ, ବିଶ୍ୱନାଥ ଦାସ, ମହାରାଜା କୃଷ୍ଣଚନ୍ଦ୍ର ନାରାୟଣ ଦେଓ, ଡ. ହରେକୃଷ୍ଣ ମହତାବ, ରମାଦେବୀ, ରାଜବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ନବକୃଷ୍ଣ ଚୌଧୁରୀ, ବିଜୁ ପଟ୍ଟନାୟକ ଏବଂ ନନ୍ଦିନୀ ଶତପଥୀଙ୍କ ସମେତ ବହୁ ମହାମନିଷଙ୍କ ସଂଗ୍ରାମ ଅବିସ୍ମରଣୀୟ। ତନ୍ମଧ୍ୟରେ କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରଣ ୧୯୦୩ ମସିହା ଅକ୍ଟୋବର ୧୫ ତାରିଖରେ କଟକର କନିକା ରାଜବାଟୀରେ ନବଗଠିତ ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ସେ ଭାଷା ଜନନୀର ସୁରକ୍ଷା ପାଇଁ ବହୁ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ମବୀର ଗୌରୀଶଙ୍କର ରାୟଙ୍କ 'ଉତ୍କଳଦୀପିକା' ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଶାରେ ଖବରକାଗଜର ପ୍ରକାଶନକୁ ଏକ ନୂଆ ପରିଚୟ ଦେଇଥିଲା। ଆଜି କିନ୍ତୁ ଓଡ଼ିଶାର ଚିତ୍ର ବଦଳି ଯାଇ ବହୁ ବିକାଶ ଘଟିଛି। ଯଦିଓ ବିଭିନ୍ନ ସମୟରେ ଉଦ୍ୟମ କରି ଆମେ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେଇପାରିଛେ। କିନ୍ତୁ ଭୁଲିଯାଇଛେ ଅତୀତର ସେଇ ମହାମନୀଷ ମାନଙ୍କର ତ୍ୟାଗ ଓ ସଂଘର୍ଷର କାହାଣୀ। ପରାଧିନ ଭାରତରେ ଓଡ଼ିଆମାନେ ହିଁ ଓଡ଼ିଆ ଭାଷାର ରକ୍ଷା କବଚ ସାଜିଥିଲେ।

ଭାଷା, ସାହିତ୍ୟର ସୁରକ୍ଷା ଓ ସମ୍ମାନ ନରହିଲେ ଗୋଟିଏ ଜାତି କେଉଁ ଆଧାରରେ ଗର୍ବ କରିପାରିବ ! ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଆ ଭାଷାର ବିଲୋପ ପାଇଁ ଅଣଓଡ଼ିଆଙ୍କ ଚକ୍ରାନ୍ତକୁ ବିରୋଧ କରି ଯେଉଁ ଜାତି ପ୍ରଗତିର ସୋପାନ ପରେ ସୋପାନ ଅତିକ୍ରମ କରି ବର୍ତ୍ତମାନରେ ପାଦ ଥାପିଛି, ସେଠାରେ ଏବେ ବି ଏଠି ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ଚାଲିଛି। ଭାଷା ଯଦିଓ ଶାସ୍ତ୍ରୀୟ ମାନ୍ୟତା ପାଇ ଉଚ୍ଚତର ଆସନକୁ ଯାଇଛି, ଦୁଃଖର ବିଷୟ ଏଯାବତ୍ ରାଜ୍ୟର ସବୁକ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରଚଳନ ସମ୍ଭବ ହୋଇପାରିନାହିଁ। ଜାତିର ଭାଷାକୁ ଉପେକ୍ଷା କରି ରାଜ୍ୟର ବିକାଶ ଚିତ୍ରକୁ ଯେତେ ରଙ୍ଗେଇଲେ ବି ଏହା ମଳିନ। ଦେଶ ହେଉ କି ବିଦେଶ, ପ୍ରତ୍ୟେକ ନିଜ ନିଜର ଅସ୍ମିତାକୁ ବଜାୟ ରଖିବା ହେଉଛି ପ୍ରଧାନ କର୍ତ୍ତବ୍ୟ। ତେଣୁ ଆଜିର ଦିନରେ ପ୍ରତ୍ୟେକ ଓଡ଼ିଆ ଯେବେ ନିଜ ମାତୃଭାଷା ବା ନିଜ ମାଟିର ଭାଷା ପାଇଁ ଚିନ୍ତା ନକରିବେ ତେବେ ଗୋଟିଏ ଜାତିର ଗରିମା ନିଶ୍ଚୟ କ୍ଷୁର୍ଣ୍ଣ ହେବ। ତତ୍କାଳୀନ ଓଡ଼ିଶାର ଇଂରେଜ ଶାସକ ଜନ୍ ବୀମ୍ସ ସାହେବ ଓଡ଼ିଆ ଭାଷାକୁ ଆଧୁନିକ ଭାରତୀୟ ଭାଷାର ମର୍ଯ୍ୟାଦା ପାଇଁ ଯେଭଳି ଉଦ୍ୟମ କରିଥିଲେ ତାହା ଚିରସ୍ମରଣୀୟ। ଯାହା ଫଳରେ ଓଡ଼ିଆ ଭାଷା ଏକ ସ୍ୱୟଂସମ୍ପୂର୍ଣ୍ଣ ଭାଷାର ମର୍ଯ୍ୟାଦା ଲାଭ କରିଥିଲା। ସାଂପ୍ରତିକ ସମୟରେ ଓଡ଼ିଆମାନେ ଯେବେ ଓଡ଼ିଆ ଭାଷା ପ୍ରତି ବୀତସ୍ପୃହ ହେବେ, ତେବେ ଏ ଭାଷାକୁ ବଞ୍ଚାଇ ରଖିବ କିଏ ? ଓଡ଼ିଆ ଜାତିର ଉତ୍ତରଦାୟାଦ ଭାବେ ଆମକୁ ଏ ଦାୟିତ୍ୱ ନେବାକୁ ପଡିବ। ଏହା ଆମର ସର୍ବପ୍ରଥମ କର୍ତ୍ତବ୍ୟରେ ପରିଣତ ନହେଲେ କେବଳ ଯେ ସରକାରୀ ସ୍ତରରେ ଏହା ସମ୍ଭବ ହୋଇପାରିବ ତାହା ମଧ୍ୟ ଭାବିବା ଅନୁଚିତ। ଶାସନକଳ ସହ ପ୍ରତ୍ୟେକ ଓଡ଼ିଆ ଏ ଦିଗରେ ନିଜର ସାଧମତେ ଉଦ୍ୟମ କରିବା ଦରକାର। ଖାଣ୍ଟି ଓଡ଼ିଆରେ କଥାବାର୍ତ୍ତା କରିବା ଓ ଭାଷା ସାହିତ୍ୟରେ ଏହାକୁ ପ୍ରତିଫଳିତ କରିବା ହେଉଛି ମଧ୍ୟ ଏକ ବଡ ଉଦ୍ୟମ। ଏଥିସହ ପ୍ରାଚୀନ ଓଡ଼ିଆ ଶବ୍ଦର ପୁନରୁଦ୍ଧାର ଓ ନୂତନ ସାହିତ୍ୟ ସୃଷ୍ଟିରେ ଏହାର ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ। ଭାଷାର ପ୍ରଚାର ପ୍ରସାର ପାଇଁ ସରକାରୀ ସ୍ତରରେ ଯେଭଳି ଉଦ୍ୟମ ହେବା ଉଚିତ, ବ୍ୟକ୍ତିଗତ ସ୍ତରରେ ମଧ୍ୟ ସେଥିପାଇଁ ଆଗ୍ରହ ସୃଷ୍ଟି ନହେଲେ ଏହା ସମ୍ଭବ ହୋଇପାରିବ ନାହିଁ। ଓଡ଼ିଶାର ଅବହେଳିତ ଐତିହ୍ୟ ସୁରକ୍ଷା କରିବା ଦିଗରେ ମଧ୍ୟ ସମସ୍ତଙ୍କର ପ୍ରଚେଷ୍ଟା ଜରୁରୀ। ଏହା ହୋଇପାରିଲେ ଓଡ଼ିଶା ପ୍ରଦେଶ ଗଠନର ମହତ୍ତ୍ୱ ଅକ୍ଷୁର୍ଣ୍ଣ ରହିବା ସହ ଏ ଜାତି ତା'ର ଗୌରବକୁ ଫେରିପାଇବ। ତେଣୁ ଉତ୍କଳ ଦିବସର ପବିତ୍ର ଅବସରରେ ଆମେ ଆମର ଭାଷା ଓ ଜାତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇ ନୂଆ ସ୍ୱପ୍ନ ଦେଖିବା ସହ ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହେବା।

# ଲାଲ୍‌ମାଟିର ଗାଥା



ସତ୍ୟବାଦୀ ବଳିଆରସିଂହ

**ଓ**ଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ଜାତୀୟବାଦୀ ଆନ୍ଦୋଳନକୁ ବୀରଭୂମି ଖୋର୍ଦ୍ଧାର ଅବଦାନ ଅତୁଳନୀୟ। ଖୋର୍ଦ୍ଧାକୁ ବାଦ୍ ଦେଇ ଏକ ପୂର୍ଣ୍ଣାଙ୍ଗ ଓଡ଼ିଶାର ଚିତ୍ର କଳ୍ପନା କରାଯାଇ ନ ପାରେ। ଓଡ଼ିଶା ମାନଚିତ୍ରରେ ଖୋର୍ଦ୍ଧା ଅଞ୍ଚଳର ଐତିହ୍ୟ ଓ ମହାନ ପରମ୍ପରା ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଖ୍ରୀ. ୧୫୬୮ରେ ଉତ୍କଳ ସାମ୍ରାଜ୍ୟର ସ୍ୱାଧୀନତା ଲୋପ ପରେ ମହା ଶକ୍ତିଶାଳୀ ଓଡ଼ିଆ ଜାତି ରାଜନୀତିର କୁଚକ୍ରରେ ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ଏହାପରେ ଦାକ୍ଷିଣାତ୍ୟର ଗୋଟମାଗଡ଼ରୁ ଆସି ଓଡ଼ିଶାର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଦନେଇ ବିଦ୍ୟାଧରଙ୍କ ସୁଯୋଗ୍ୟ ପୁତ୍ର ରମେଇ ରାଉତରାୟ ବରୁଣେଇ ପାହାଡ଼ ପାଦଦେଶରେ ଦୁର୍ଗ ପ୍ରତିଷ୍ଠା କରି ଖୁରୁଧା ରାଜ୍ୟ ସ୍ଥାପନ କରିଥିଲେ। ଖୁରୁଧା ରାଜ୍ୟକୁ ହିଁ ଅଭିହିତ କରାଯାଇଥିଲା ଓଡ଼ିଶା ରୂପେ ଏବଂ ରମେଇ ରାଉତରାୟ, ଗଜପତି ରାମଚନ୍ଦ୍ର ଦେବ (ପ୍ରଥମ) ରୂପେ ଖୁରୁଧା ରାଜସିଂହାସନ ଆରୋହଣ କରି 'ନବକୋଟି କର୍ଣ୍ଣାଟ-କଳବର୍ଗେଶ୍ୱର ଗୌଡ଼େଶ୍ୱର ରାଉତରା କ୍ଷତ୍ରୀୟ ଧୂମକେତୁ ମହାରାଜା ଶ୍ରୀ ୧୦୮' ରୂପେ ମଣ୍ଡିତ ହୋଇଥିଲେ। ସୂର୍ଯ୍ୟବଂଶୀ ଔଡ୍ର-କ୍ଷତ୍ରୀୟ କପିଳେନ୍ଦ୍ର ଦେବଙ୍କ ପରେ ପୁରୁଷୋତ୍ତମ ଦେବ ଓ ପ୍ରତାପରୁଦ୍ର ଦେବ ରାଜା ହୋଇଥିଲେ। ସୂର୍ଯ୍ୟବଂଶ ପରେ କ୍ରମାଗତ ଭାବେ ଜଣଙ୍କ ପରେ ଜଣେ ଭୋଇ ବା ମନ୍ତ୍ରୀ ରାଜଗାଦି ଅଧିକାର କରିଥିବାରୁ ଏହି ରାଜବଂଶକୁ ଭୋଇବଂଶ କୁହାଯାଏ, ଯେପରି ଏକଦା ଦିଲ୍ଲୀରେ ଦାସବଂଶ ସ୍ଥାପିତ ହୋଇଥିଲା। ଗଜପତି ରାମଚନ୍ଦ୍ର ଦେବଙ୍କଠାରୁ ଭୋଇବଂଶର ଆରମ୍ଭ ଧରାଯାଏ। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ରାମଚନ୍ଦ୍ର ଦେବଙ୍କ ପିତା ଜନାର୍ଦ୍ଦନ ବିଦ୍ୟାଧର ନିଜର ଦୁଇ ଭ୍ରାତାଙ୍କ ସହ ଜଗନ୍ନାଥ ଦର୍ଶନାର୍ଥେ ପୁରୀ ଆସିଥିଲେ। ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି, ଏକଦା ନିଶିଥରେ ଗଜପତିଙ୍କୁ ମହାପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା ଯେ, 'ତୁ କାଲି ସକାଳେ ମୋହର ଦର୍ଶନ ସମୟରେ ଗରୁଡ଼ସ୍ତମ୍ଭ ନିକଟରେ ଯେଉଁ ତିନିଜଣ ବୀରଙ୍କୁ ଦେଖିବୁ ସେମାନେ ବଡ଼ଭକ୍ତ ଏବଂ ଯଦୁବଂଶୀ କ୍ଷତ୍ରୀୟ। ସେମାନଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ରାଜ୍ୟର ଅବଶ୍ୟ ମଙ୍ଗଳ ହେବ।'' ଏହି ତିନି ସହୋଦର ହେଲେ ଯଥାକ୍ରମେ ଗୋବିନ୍ଦ ସିଂହ, ଜନାର୍ଦ୍ଦନ ସିଂହ ଓ ହରି ସିଂହ। ଗୁଣଗ୍ରାହୀ ପ୍ରତାପରୁଦ୍ର ଦେବ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ବିଦ୍ୟାରେ ବିଶାରଦ ଦେଖି ଗୁଣାନୁରୂପ 'ବିଦ୍ୟାଧର ମହାପାତ୍ର' ଉପାଧି ପ୍ରଦାନ କରିଥିଲେ। ତଦନୁସାରେ ସେମାନେ ଗୋବିନ୍ଦ ବିଦ୍ୟାଧର, ଜନାର୍ଦ୍ଦନ ବିଦ୍ୟାଧର ଓ ହରି ବିଦ୍ୟାଧର ରୂପେ ପରିଚିତ ହେଲେ। ସେମାନଙ୍କ ସମ୍ବନ୍ଧରେ ଶ୍ରୀ ରାମଚନ୍ଦ୍ର ଦେବଙ୍କ ୧୭ଅଙ୍କ ଧନୁ ଦି ୪ନ ଶ୍ରୀ ଛାମୁ ଚିଟାଉରେ ନିମ୍ନମତେ ବର୍ଣ୍ଣିତ ହୋଇଛି – 'ଏ ତିନିଜଣ ଯଦୁବଂଶୀ ଛତ୍ରୀ। ଏହାର କୁଳପଦ୍ଧତି ସିଂହନାମ ବୋଲି ଥିଲା। ଏମାନେ ପଶ୍ଚିମରୁ ଓଡ଼ିଶାକୁ ଆସି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣରେ ଶରଣ ନେଲାରୁ ମହାପ୍ରଭୁଙ୍କ ଆଜ୍ଞାପ୍ରମାଣେ ଭୋଇ ପଣରେ ରହି ପାଟଶାଢ଼ି ନେଇ ବିଦ୍ୟାଧର ମହାପାତ୍ର ପଦ ଏ ଉତ୍ତାରୁ ଶାଢ଼ି ପାଇଲେ।'

ଗଜପତି ପ୍ରତାପରୁଦ୍ର ଦେବ ଗୋବିନ୍ଦ ବିଦ୍ୟାଧରଙ୍କୁ ପ୍ରଧାନମନ୍ତ୍ରୀ, ଜନାର୍ଦ୍ଦନ ବିଦ୍ୟାଧରଙ୍କୁ ଅର୍ଥ ସଚିବ ଓ ହରି ବିଦ୍ୟାଧରଙ୍କୁ ସମର ସଚିବ ରୂପେ ନିଯୁକ୍ତ କଲେ। ପରବର୍ତ୍ତୀ ସମୟରେ ଗୋବିନ୍ଦ ବିଦ୍ୟାଧର ଓଡ଼ିଶାର ରାଜା ଓ ହରି ବିଦ୍ୟାଧର ଢେଙ୍କାନାଳ ରାଜବଂଶର ପ୍ରଥମ ନରପତି ହୋଇଥିଲେ। ଏହି ତିନି ସହୋଦର ପ୍ରଥମେ ଭୋଇ ବା କ୍ଷମତାପୂର୍ଣ୍ଣ ରାଜକର୍ମଚାରୀ ରୂପେ ନିଯୁକ୍ତ ହୋଇଥିବାରୁ ଇତିହାସରେ ସେମାନଙ୍କ ବଂଶଧରମାନେ ଭୋଇବଂଶ ଭାବେ ଖ୍ୟାତ। ଅତଏବ ଭୋଇବଂଶ ଓ ଯଦୁବଂଶ ଏକ। ପୁନଶ୍ଚ ଯଦୁ ହେଉଛନ୍ତି ଯଯାତିଙ୍କ ପୁତ୍ର। ଯଯାତି ଚନ୍ଦ୍ରବଂଶୀୟ। ଏଣୁ ଖୋର୍ଦ୍ଧା ରାଜବଂଶକୁ ଭୋଇବଂଶୀୟ ଓ ଯଦୁବଂଶୀୟ କୁହାଯାଉଥିଲେ ହେଁ ମୂଳତଃ ସେମାନେ ଚନ୍ଦ୍ରବଂଶୀୟ କ୍ଷତ୍ରୀୟ। 'ଔଡ୍ରକ୍ଷତ୍ରିୟପ୍ରଭା'ରେ ରାଜପୁତ୍ର ଔଡ୍ର ଯଦୁବଂଶ ସମ୍ଭୁତ ବୋଲି ଉଲ୍ଲେଖ ଅଛି। ଔଡ୍ରଙ୍କ ବଂଶଧରମାନଙ୍କର ପ୍ରାଧାନ୍ୟ ଥିବା ଅଞ୍ଚଳ ଖୋରଧା ଓଡ଼ିଶା ରୂପେ ପରିଚିତ ଥିଲା। ପୂର୍ବେ ବିଭିନ୍ନ ଗଡ଼ଜାତର ଲୋକମାନେ ଖୋରଧା ଆସୁଥିଲେ। ମୁସଲମାନମାନେ ଔଡ୍ର ସୈନ୍ୟଙ୍କ ସହ ଯୁଦ୍ଧ କରୁଥିବାରୁ ସେମାନେ ଉତ୍କଳକୁ 'ଓଡ଼ିଶା' ଓ ଉତ୍କଳବାସୀଙ୍କୁ 'ଓଡ଼ିଆ' ନାମ ଦେଇଥିଲେ। ଖ୍ରୀ. ୧୫୭୨ରେ ଗଜପତି ରାମଚନ୍ଦ୍ର ଦେବ ବରୁଣେଇ ପାହାଡ଼ ତଳେ ଖୋରଧା ଗଡ଼ ନିର୍ମାଣ କରିଥିଲେ। ଏହି ସ୍ଥାନର ରାଜସ୍ୱ ଗ୍ରାମ ନାମ ଗଡ଼ଖୋର୍ଦ୍ଧା। ଆଧୁନିକ ଖୋରଧା ସହର ଖୋରଧା ଗଡ଼ ନୁହେଁ। ଏହା ଜଜାର ସିଂହ ମୌଜା। ଜନଶ୍ରୁତିରୁ ଜଣାଯାଏ ଜୁଝାର ସିଂହ ପଦଧାରୀ ଜଣେ ପାଇକ ଦଳପତିଙ୍କ ଅସୀମ ସୌର୍ଯ୍ୟରେ ମୁଗ୍ଧହୋଇ ତାଙ୍କ ନାମରେ ଏହି ମୌଜାକୁ ଖୋର୍ଦ୍ଧା ଗଜପତି ନାମିତ କରିଥିଲେ। ଇଂରେଜ ଶାସନ ସମୟରେ ଏଠାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସ୍ଥାପିତ ହେବାରୁ ଏହା ଖୋରଧା ବା ଖୋର୍ଦ୍ଧା ରୂପେ ପରିଚିତ ହେଲା। ଏକଦା ଓଡ଼ିଶାର ରାଜଧାନୀ ଥିବା ଖୋରଧା/ ଖୁରୁଧା/ ଖୁରଦା/ ଖରୁଦା ସଂସ୍କୃତ 'କ୍ଷୁରଧାର' ଶବ୍ଦରୁ ଆନୀତ। ଏଠାରେ ବାସ କରୁଥିବା ସମର-କୁଶଳୀ ବୀର ପାଇକମାନଙ୍କର ଶୌର୍ଯ୍ୟ-ବୀର୍ଯ୍ୟ କ୍ଷୁରର ଧାର ସଦୃଶ ତୀକ୍ଷ୍ଣ ହୋଇଥିବାରୁ ଏପରି ନାମକରଣ ହୋଇଥିବା ଇତିହାସରୁ ଜଣାଯାଏ। ପୁନଶ୍ଚ ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ଖୁର (କ୍ଷୁର) ଓ ଦାଆ ଶବ୍ଦର ସମ୍ମିଶ୍ରଣରେ ଖୁରଦା ଶବ୍ଦଟି ପ୍ରଚଳିତ। ଅର୍ଥାତ୍ ଏହି ଅଞ୍ଚଳର ପାଇକବାହିନୀ ସମର ପ୍ରାଙ୍ଗଣରେ ଶତ୍ରୁସମ୍ମୁଖରେ ଥିଲେ ଖୁର ସଦୃଶ ତଥା ସୁଜଳା ସୁଫଳା ଶସ୍ୟଶ୍ୟାମଳା କୃଷି କ୍ଷେତ୍ରରେ ଥିଲେ ଦାଆ ଚଳାଇବାରେ ସିଦ୍ଧହସ୍ତ। 'କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା' ଆପ୍ତବାକ୍ୟଟି ଯଥାର୍ଥରେ ଖୋରଧାର ବୀରତ୍ୱପୂର୍ଣ୍ଣ ଐତିହ୍ୟକୁ ପ୍ରତିପାଦିତ କରୁଛି। ଏହା ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ଯଥାର୍ଥ ପ୍ରତିଫଳନ। ପ୍ରଭୁ ଶ୍ରୀଜଗନ୍ନାଥ ଶତ୍ରୁସଂହାର ପାଇଁ ସୁଦର୍ଶନ ଚକ୍ର ବ୍ୟବହାର କରି କ୍ଷତ୍ରୀୟର କର୍ମ କଲାବେଳେ ଜ୍ୟେଷ୍ଠଭ୍ରାତା ଶ୍ରୀବଳଭଦ୍ର ହସ୍ତରେ ଲଙ୍ଗଳ ଧରି କୃଷକର କର୍ମ କରୁଥିଲେ। ତେଣୁ ଓଡ଼ିଶାର ସୈନିକମାନେ ଥିଲେ ଉଭୟ କୃଷକ ଓ ସୈନିକ। ଲାଲ ବାହାଦୂର ଶାସ୍ତ୍ରୀଙ୍କର 'ଜୟ ଜବାନ, ଜୟ କିଷାନ' ସ୍ଲୋଗାନଟି ପ୍ରାଚୀନ କାଳରୁ ଓଡ଼ିଶାରେ ହିଁ ପ୍ରମାଣିତ ହୋଇସାରିଥିଲା। ଆଉ ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତିର ରାଜ୍ୟ ଓଡ଼ିଶା ଓ ରାଜାଙ୍କ ସନ୍ତକ ଥିଲା 'ନୀଳଚକ୍ର'।

ଖ୍ରୀ. ୧୫୬୮ରେ ସ୍ୱାଧୀନତା ଓ ସାର୍ବଭୌମତ୍ୱ ହରାଇଥିବା ଉତ୍କଳ ସାମ୍ରାଜ୍ୟର ସ୍ୱତ୍ୱାଧିକାରୀ ରାଷ୍ଟ୍ରଦେବତା ଥିଲେ ଶ୍ରୀଜଗନ୍ନାଥ ଓ ଗଜପତି ଥିଲେ ତାଙ୍କର ପ୍ରତିନିଧି (ରାଉତ) ବା ପ୍ରଥମ ସେବକ। ଏହି ପାରମ୍ପରିକ ବ୍ୟବସ୍ଥାକୁ ବଞ୍ଚାଇ ରଖିବା ପାଇଁ ଗଜପତି ରାମଚନ୍ଦ୍ର ଦେବ ଖୋରଧାର ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ, ଯାହାଙ୍କର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ଥିଲା କଳାପାହାଡ଼ ଦ୍ୱାରା ଅପହୃତ ତ୍ରିମୂର୍ତ୍ତିଙ୍କୁ ଶ୍ରୀମନ୍ଦିରରେ ସଂସ୍ଥାପନା କରାଇବା। ଇତିହାସରୁ ଜଣାଯାଏ ଯେ କଳାପାହାଡ଼ ତ୍ରିମୂର୍ତ୍ତିଙ୍କୁ ଅପହରଣ କରି ଗଙ୍ଗାକୂଳରେ ପୋଡ଼ିଦେବା ପରେ ବିଶର ମହାନ୍ତି ନାମକ ଜନୈକ ଧାର୍ମିକ ବ୍ୟକ୍ତି ବ୍ରହ୍ମଙ୍କୁ ଉଦ୍ଧାର କରି ଆଣି କୁଜଙ୍ଗରେ ତାହା ଲୁଚାଇ ରଖିଲେ। ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗରୁ ବ୍ରହ୍ମଙ୍କୁ ଆଣି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ନୂତନ ଦାରୁମୂର୍ତ୍ତି ନିର୍ମାଣ କରି ଗଡ଼ଖୋର୍ଦ୍ଧାଠାରେ ରଖାଇଥିଲେ ଓ ଖ୍ରୀ. ୧୫୮୦ରେ ପୁରୀରେ ତାହା ପ୍ରତିଷ୍ଠା କରାଇଥିଲେ ଏବଂ ଆଠବର୍ଷ କାଳ ବନ୍ଦ ହୋଇଥିବା ଶ୍ରୀମହାପ୍ରସାଦର ପୁନଃପ୍ରଚଳନ କରାଇଥିଲେ। ଏହି ଘଟଣା ପରେ ରାମଚନ୍ଦ୍ର ଦେବ 'ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ' ବା 'ଦୁତି ଇନ୍ଦ୍ରଦ୍ୟୁମ୍ନ' ନାମରେ ପରଚିତ ହେଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଖୋର୍ଦ୍ଧାଗଡ଼ରେ କିଛିକାଳ ପାଇଁ ଅବସ୍ଥାନ କରିଥିବାରୁ ଏହାର ନାମ 'ଜଗନ୍ନାଥପୁର କଟକ' ହୋଇଥିଲା। ସୁତରାଂ ଖ୍ରୀ. ୧୫୭୨ରୁ ଖ୍ରୀ. ୧୮୦୪ ଡିସେମ୍ବର ୫ ପର୍ଯ୍ୟନ୍ତ ୨୩୨ ବର୍ଷ ଖୋର୍ଦ୍ଧାଗଡ଼ ଓଡ଼ିଶାର ରାଜଧାନୀ ଥାଇ ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା।




ଖୋରଧା ରାଜ୍ୟ ସୃଷ୍ଟି ଓ ଖୋରଧା ଦୁର୍ଗ ପ୍ରତିଷ୍ଠା ବେଳକୁ ବିଶାଳ ଉତ୍କଳ ସାମ୍ରାଜ୍ୟର ପାରମ୍ପରିକ ରାଜଧାନୀ କଟକ-ବାରବାଟୀ ଦୁର୍ଗ ଆଫଗାନ୍ ଓ ପରେ ପରେ ମୋଗଲମାନଙ୍କ ଅଧିକାରକୁ ଚାଲିଯାଇଥିଲା। ଉତ୍କଳ ସାମ୍ରାଜ୍ୟର ପତନ ପରେ ପରେ ଗୋଦାବରୀ ନଦୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଗୋଲକୁଣ୍ଡା ସୁଲତାନ, କାଠଯୋଡ଼ି ନଦୀଠାରୁ ହୁଗୁଳି ନଦୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ପ୍ରଥମେ ଆଫଗାନ ଓ ପରେ ମୋଗଲମାନଙ୍କ ଶାସନାଧୀନ ହେଲା। ଅବଶିଷ୍ଟ ଉପକୂଳବର୍ତ୍ତୀ ଅଞ୍ଚଳ ଖୋରଧା ରାଜାଙ୍କ ଅଧିକାରଭୁକ୍ତ ହେଲା। ଆଫଗାନ୍ ମୋଗଲମାନଙ୍କ ଶାସନ ପରେ ମରହଟ୍ଟାମାନେ ଓଡ଼ିଶା ଅଧିକାର (୧୭୫୧) କଲେ। ସେମାନେ ହିନ୍ଦୁ ଥିବାରୁ ଜଗନ୍ନାଥ ଧର୍ମ ସଂସ୍କୃତି ପ୍ରାୟତଃ ନିରାପଦ ଥିଲା। ମରହଟ୍ଟାଙ୍କଠାରୁ ଇଂରେଜମାନେ ଖ୍ରୀ. ୧୮୦୩ରେ ଓଡ଼ିଶା ଏବଂ ଖ୍ରୀ. ୧୮୦୪ରେ ଖୁରୁଧା ଦୁର୍ଗ ଅଧିକାର କରିନେଲେ। ଇଂରେଜମାନଙ୍କ ବିରୋଧରେ ଜୟୀରାଜଗୁରୁଙ୍କ ନେତୃତ୍ୱରେ ଖ୍ରୀ. ୧୮୦୪ରେ ଖୋରଧା ପାଇକବାହିନୀର ସଂଗ୍ରାମ ଏବଂ ଖ୍ରୀ. ୧୮୧୭ରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ସଂଘଟିତ ହୋଇଥିଲା। ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ଭାରତ ବର୍ଷର ପ୍ରଥମ ସଶସ୍ତ୍ର ଗଣବିପ୍ଳବ। ଏହି ବିପ୍ଳବ ବିଫଳ ହେବା ପରେ ମଧ୍ୟ ବକ୍ସିଙ୍କର ଗରିଲା ସଂଗ୍ରାମ, ତାପଙ୍ଗ ଦଳବେହେରାଙ୍କର ଇଂରେଜ ବିରୋଧରେ ସଂଗ୍ରାମ (୧୮୨୬), କୃତ୍ତିବାସ ପାଟଣାଶାଣୀଙ୍କ ନେତୃତ୍ୱରେ ବାଣପୁର ବିଦ୍ରୋହ (୧୮୩୩) ଓ ପାଞ୍ଚଗଡ଼ ମେଳି (୧୮୮୭) ପ୍ରଭୃତି ଥିଲା ବିଧର୍ମୀ ବିଜେତା ଶାସକମାନଙ୍କ ବିରୋଧରେ ସାମୟିକ ସଂଗ୍ରାମ। ଯଦି ଖୁରୁଧା ରାଜ୍ୟ ସୃଷ୍ଟି ହୋଇ ଖୁରୁଧା ଦୁର୍ଗର ପ୍ରତିଷ୍ଠା ହୋଇ ନ ଥାନ୍ତା, ତେବେ ଭାରତର ପୂର୍ବ ଉପକୂଳ (ବଙ୍ଗରୁ ଆନ୍ଧ୍ର- ଢାକାରୁ ହାଇଦ୍ରାବାଦ ପର୍ଯ୍ୟନ୍ତ) ଇସଲାମ ପ୍ରଭାବରେ କବଳିତ ହୋଇ ଲାଲ ହୋଇଯାଇଥାନ୍ତା। ବିଧର୍ମୀ ଯବନମାନଙ୍କ ପ୍ରଭାବରୁ ମାତୃଭୂମିକୁ ରକ୍ଷା କରିବାକୁ ଯାଇ ଖୁରୁଧା ମାଟି ଅତୀତରେ ବାରମ୍ବାର ଶତ୍ରୁରକ୍ତ ଓ ସ୍ୱ ପାଇକବାହିନୀର ବୀର ଯବାନମାନଙ୍କର ଉଷ୍ମ ଶୋଣିତରେ ଲାଲ ହୋଇଛି।

ସ୍ୱାଧୀନ ଓଡ଼ିଶାର ଶେଷ ରାଜଧାନୀ ଖୋର୍ଦ୍ଧାଗଡ଼ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଗୌରବର ଟୀକା ବହନ କରିଛି ତଥା ବହୁ ବୀର ପୁଙ୍ଗବମାନଙ୍କର ଅନ୍ତୁଡ଼ିଶାଳ ରୂପେ ଖ୍ୟାତିଲାଭ କରିଛି। ଏହି ଭୁଖଣ୍ଡର ବୋଲଗଡ଼ ଓ ବାଣପୁର ନିମନ୍ତ୍ରଣ କରିଆଣିଛି ସତ୍ୟ ଓ ଅହିଂସାର ପୂଜାରୀ ମହାମାନବ ମହାତ୍ମା ଗାନ୍ଧୀଙ୍କୁ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସର୍ବପ୍ରଥମେ ଖୋର୍ଦ୍ଧା ମାଟିରୁ ସ୍ୱାଧୀନତା ଆନ୍ଦୋଳନର ସୂତ୍ରପାତ କରିଛନ୍ତି ଓ 'ସମାଜ' ଖବରକାଗଜରେ 'ସତ୍ୟ ହେଲେ ସାଂଘାତିକ' ଲେଖି ଖୋର୍ଦ୍ଧା କଚେରୀରେ ଏହାର ବିଚାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ ସମାପ୍ତ କରି ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି ରଣପୁର ପ୍ରଜାଆନ୍ଦୋଳନର ମହାନ ନେତା ରୂପେ ଆବିର୍ଭୂତ ହୋଇ ସହିଦ ହୋଇଛନ୍ତି। ସ୍ୱାଭାବିକ ଭାବେ ଖୋର୍ଦ୍ଧାର ମାଟି ଲାଲ ରଙ୍ଗର। କବି କଳ୍ପନାରେ ଏ ମାଟିର ବୀର ସନ୍ତାନମାନେ ସ୍ୱାଧୀନତା ପାଇଁ ନିଜର ରକ୍ତ ଢାଳି ଏହାର ରଙ୍ଗକୁ ଲାଲ କରିଛନ୍ତି। ତେଣୁ ଏହା 'ନାଲିମାଟି' ବା 'ଲାଲ୍‌ମାଟି' ଭାବେ ପ୍ରସିଦ୍ଧି ଲାଭ କରିଛି। ଶହୀଦମାନଙ୍କର ଅମର କାହାଣୀରେ ରକ୍ତରଂଜିତ ଖୋର୍ଦ୍ଧାର ଲାଲ୍‌ମାଟି ଏବେ ମଧ୍ୟ ବିପ୍ଳବର ଝଙ୍କାର ତୋଳି ଆହ୍ୱାନ କରେ ଉତ୍ତରପୁରୁଷଙ୍କୁ। ଜାତୀୟବାଦୀ ଚେତନାର ଆଗ୍ନେୟଗିରି ଖୋର୍ଦ୍ଧାର ମୁଠାଏ ମାଟିକୁ ଚିପୁଡ଼ିଦେଲେ ଏହା କହିବ ସଂଗ୍ରାମୀମାନଙ୍କ ଯନ୍ତ୍ରଣାଦଗ୍ଧ ତ୍ୟାଗପୂତ ଜୀବନର ଅମଳିନ ଗାଥା। ଖୋର୍ଦ୍ଧାକୁ ଓଡ଼ିଶାର ସାଂସ୍କୃତିକ ଚେତନାର ପ୍ରାଣକେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ପାଲା, ଦାସକାଠିଆ, ଦଣ୍ଡନାଚ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ସହ ପାଇକ ଆଖଡ଼ା ଗୌରବମୟ ଅତୀତର ବୀରତ୍ୱପୂର୍ଣ୍ଣ ସ୍ମୃତିକୁ ଜାଗ୍ରତ କରିଥାଏ। ଖୋର୍ଦ୍ଧାର କଥିତ ଭାଷା ହିଁ ଶୁଦ୍ଧ ଓଡ଼ିଆ ଭାଷା। ଓଡ଼ିଆ ସାହିତ୍ୟ ଖୋର୍ଦ୍ଧାର ଅବଦାନ ଯୋଗୁଁ ବହୁଳ ଭାବେ ସୁସମୃଦ୍ଧ। ଏହାର ଗିରି-କାନ୍ତାର, ବନ-ଝରଣା ଘେରା ପ୍ରାକୃତିକ ଶୋଭା ସମ୍ପଦ ଯୁଗେ ଯୁଗେ କବି, ଲେଖକମାନଙ୍କୁ ପ୍ରୋତ୍ସାହିତ କରିଛି ଲେଖନୀ ଚାଳନା କରିବାକୁ। ସେଥିପାଇଁ ବହୁ କାବ୍ୟ-କବିତା, ନାଟକ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ ଆଦିରେ ଖୋର୍ଦ୍ଧାର ସାହିତ୍ୟ ରସାଣିତ। ଏଠି ପ୍ରାଚୀନ କବି ଭକ୍ତ ଚରଣ ଦାସ, ଦନେଇ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ଅନଙ୍ଗ ନରେନ୍ଦ୍ରଙ୍କଠାରୁ ଆରମ୍ଭ କରି ମାୟାଧର ମାନସିଂହ, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସଚ୍ଚି ରାଉତରାୟ, ସତ୍ୟାନନ୍ଦ ଚମ୍ପତିରାୟ ଓ ପ୍ରସନ୍ନ ପାଟଶାଣୀଙ୍କ ପର୍ଯ୍ୟନ୍ତ ବହୁ କବିମାନଙ୍କ ଲେଖନୀରୁ ଝରିଆସିଛି ଅପୂର୍ବ ସୃଷ୍ଟି ସମ୍ଭାର। ସମ୍ରାଟ ଆକବରଙ୍କ 'ଆଇନ-ଇ-ଆକ୍‌ବରୀ' ଠାରୁ ଆରମ୍ଭ କରି ମହାତ୍ମା ଗାନ୍ଧୀଙ୍କ 'ହରିଜନ' ପତ୍ରିକାରେ ମଧ୍ୟ ସ୍ଥାନ ପାଇଛି ଖୋର୍ଦ୍ଧା।

ବାଣପୁର ମାଟିରୁ ବକ୍ସି ଜଗବନ୍ଧୁ ଆରମ୍ଭ କରିଥିଲେ ବିଦ୍ରୋହ, ଯାହାଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ପୁନଶ୍ଚ କୃତ୍ତିବାସ ପାଟଣାଶାଣୀଙ୍କ ନେତୃତ୍ୱରେ ହୋଇଥିଲା ଅନ୍ତିମ ବିପ୍ଳବ। ଏହି ବିଦ୍ରୋହରେ ବହୁ ବୀର ପ୍ରାଣବଳୀ ଦେଇ ଶହୀଦ ହୋଇଛନ୍ତି, କାରାଦଣ୍ଡ ଭୋଗିଛନ୍ତି, ଘରଦ୍ୱାର ଛାଡ଼ି ବାହାରକୁ ଚାଲି ଯାଇଛନ୍ତି। ସେମାନଙ୍କୁ ସମାଜ ଭୁଲିଯାଇଛି। କିନ୍ତୁ ସେମାନଙ୍କ ବଳିଦାନର ମହତ୍ତ୍ୱ କେଉଁଠି ନା କେଉଁଠି ଅଙ୍କୁରିତ ହେଉଛି। ପାଇକ ବିଦ୍ରୋହର ୨୦୦ ବର୍ଷ ପୂରଣ ଉପଲକ୍ଷେ ସେମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି।

**ଐତିହାସିକ, ଶିକ୍ଷାବିତ୍**
**ଏମ୍-୨୩, ଖୋର୍ଦ୍ଧା ବି.ଡି.ଏ କଲୋନୀ,ଖୋର୍ଦ୍ଧା - ୭୫୨୦୫୫**
**ଦୂରଭାଷ: ୯୨୩୭୦୮୯୫୦୯**

# ପରିବର୍ତ୍ତନରେ ମହିଳାଙ୍କ ଯୋଗଦାନ ଅପରିହାର୍ଯ୍ୟ



ସୌମେନ୍ଦ୍ର ଜେନା

ସମାଜରେ ମହିଳାଙ୍କ ସଂଖ୍ୟା ୫୦ ପ୍ରତିଶତ ଥିବା ସମୟରେ ଆଜି ସବୁସ୍ତରରେ ସେମାନଙ୍କ ପ୍ରତିନିଧିତ୍ୱ ସମାନ ନାହିଁ । କିନ୍ତୁ ପରିବାର ମଧ୍ୟରେ ସୀମିତ ହୋଇ ରହୁଥିବା ମହିଳା ଇଚ୍ଛାକଲେ ନିଜ ପାଖ ପଡୋଶୀ, ସାହି, ଗ୍ରାମ, ରାଜ୍ୟର ବିକାଶ କରିପାରିବ । ସମାଜର ପରିବର୍ତ୍ତନରେ ମହିଳାଙ୍କ ଯୋଗଦାନ ସବୁବେଳେ ଅପରିହାର୍ଯ୍ୟ । ମହିଳାଙ୍କୁ ପରିବାର ମଧ୍ୟରେ ସଂସ୍କାର ଦେଇ ସାମାଜିକ କାର୍ଯ୍ୟରେ ସାମିଲ କରିବାପରି ଅଭିଯାନ ବିଗତ ୮୦ ବର୍ଷ ଧରି ଚାଲୁରଖି ଆସିଥିବା ସଂଗଠନ ହେଉଛି ରାଷ୍ଟ୍ର ସେବିକା ସମିତି । ୨୫ ଅକ୍ଟୋବର ୧୯୩୬ରେ ଲକ୍ଷ୍ମୀବାଇ କେଲକର ଏହାର ପ୍ରାଣପ୍ରତିଷ୍ଠା କରିଥିଲେ । ସଂଗଠନକୁ ମଜବୁତ କରିବା ପାଇଁ ୨୭ନଭେମ୍ବର ୧୯୭୮ ଯାଏ ସେ ନିରନ୍ତର କାର୍ଯ୍ୟକରିଆସିଥିଲେ । ଯାହା ଫଳରେ ଆଜି ସାରା ଦେଶରେ ୨୭୮୧ଟି ଶାଖା ଏବେ କାର୍ଯ୍ୟରତ ରହିଛନ୍ତି । ଏସବୁ ଶାଖାରେ ପ୍ରାୟ ୩ଲକ୍ଷ ମହିଳା ସକ୍ରୀୟ ରହିଛନ୍ତି । ଶାରୀରିକ ଦୃଷ୍ଟିରୁ ମହିଳାମାନଙ୍କୁ ସକ୍ଷମ କରି ଗଢିତୋଳିବା ଲାଗି ପଡିଆରେ ଯୋଗ, ଲାଠି, ଛୁରୀ, ଖଣ୍ଡା ଆଦି ଚାଳନା କରିବାର ଶିକ୍ଷା ସମିତି ତରଫରୁ ଦିଆଯାଇଥାଏ । ଘୋଡା ଉପରେ ଚଢିଯିବା, ଦୌଡ କରିବା ଆଦି ଶିକ୍ଷା ନାରୀମାନେ ସମିତି ଠାରୁ ଲାଭ କରିଥାନ୍ତି । ଅଷ୍ଟଭୁଜା ମା ଦୁର୍ଗା ହେଉଛନ୍ତି ସମିତିର ଆରାଧ୍ୟ ଦେବୀ । ୧୯୫୩ରେ ସମିତି ସ୍ତ୍ରୀ ଜୀବନ ବିକାଶ ପରିଷଦ ଗଠନ କରିଥିଲା । ଆଜି ସମିତିର ୭୫୧ଟି ପ୍ରକଳ୍ପ ଚାଲୁରହିଛି । ସେଥିରେ ଛାତ୍ରୀନିବାସ, ଶିକ୍ଷା, ସ୍ୱାସ୍ଥ୍ୟସେବା କେନ୍ଦ୍ର, ସ୍ୱୟଂ ସହାୟତା, ପାଠାଗାର, ସ୍ୱଦେଶୀ ବସ୍ତୁ ଭଣ୍ଡାର ଆଦି ସାମିଲ ରହିଛି । ସମିତିର କାର୍ଯ୍ୟ ସଂପର୍କରେ ପ୍ରଦର୍ଶନୀ, ପ୍ରକାଶନ, ସିଡି, ପାୱାର ପଏଣ୍ଟ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି । ସମିତିର କାର୍ଯ୍ୟ ଆଜି ଭାରତ ମଧ୍ୟରେ ସୀମତି ନରହି ଦେଶ ବାହାରେ ବ୍ରିଟେନ୍, ଆମେରିକା, ମାଲେସିଆ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ସମେତ ୧୦ଟି ଦେଶରେ ଚାଲୁ ରହିଛି । ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ବେଳେ ସମିତିର ଭଉଣୀମାନେ ଅଂଶଗ୍ରହଣ କରିଥିଲେ । ୧୯୬୫ ଓ ୧୯୭୧ ଯୁଦ୍ଧ ସମୟରେ ସୀମାବର୍ତ୍ତୀ ଅଞ୍ଚଳରେ ସମିତି ପକ୍ଷରୁ ସେବାକାର୍ଯ୍ୟ କରାଯାଇଥିଲା । ସେ ସମୟରେ ଖବରଜାଣିବା ପାଇଁ ସମିତିର ସଦସ୍ୟାମାନେ ୨୦୦ ରେଡିଓ କିଣି ସୈନ୍ୟମାନଙ୍କୁ ଦେଇଥିଲେ । ସମିତିର ଦାୟିତ୍ୱରେ ସରସ୍ୱତୀ ଆପଟେ ୨୭.୧୯୭୮ ରୁ ୯ ମାର୍ଚ୍ଚ ୧୯୯୪ ନଭେମ୍ବର, ଉଷା ଚାଟି ୯ ମାର୍ଚ୍ଚ ୧୯୯୮ରୁ ୨୩ ଜୁଲାଇ ୨୦୦୬ ପର୍ଯ୍ୟନ୍ତ, ପ୍ରମିଳା ମେଢେ ୨୩ ଜୁଲାଇ ୨୦୦୬ରୁ ୧୮ ଅଗଷ୍ଟ ୨୦୧୨ ଯାଏଁ ଏବଂ ଶେଷରେ ଶାନ୍ତା କୁମାରୀ ୧୮ ଅଗଷ୍ଟ ୨୦୧୨ରୁ ଆଜିଯାଏ କାର୍ଯ୍ୟ କରିଆସୁଛନ୍ତି । ମାଆ ପରିବାରର କେନ୍ଦ୍ର ବିନ୍ଦୁ । ତେଣୁ ପରିବାର ସମ୍ଭାଳିବା ପାଇଁ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ହେତୁ ମହିଳାମାନଙ୍କୁ ସଂସ୍କାରିତ, ସଶକ୍ତ, ଚେତନାଯୁକ୍ତ କରି ଗଢିତୋଳିବା ଲାଗି ସମିତି ଶିକ୍ଷା ଦେଇଥାଏ । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ୧୯୫୩ରେ ମୁମ୍ବାଇରେ ୧୦୦ଟି ସ୍ୱାବଲମ୍ବନ କେନ୍ଦ୍ର ଖୋଲାଯାଇଥିଲା , ଯେଉଁଠାରେ ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାପାଇଁ ପ୍ରଶିକ୍ଷଣ ଦିଆଯାଇ କାର୍ଯ୍ୟ କରିବାର ସୁଯୋଗ ପ୍ରଦାନ କରାଯାଉଥିଲା । ଆଜି ଏହିପରି କେନ୍ଦ୍ର ସବୁଆଡେ ଚାଲୁରହିଛି । ଭିନ୍ନ ଭିନ୍ନ ଉପାୟରେ ମହିଳାମାନେ କାର୍ଯ୍ୟକରି ନିଜକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କରିବା ସହ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି । ସାରାଦେଶରେ ଏହିପରି ଅନେକ ପ୍ରକଳ୍ପ ସାହାଯ୍ୟରେ ମହିଳାମାନେ ଉପକୃତ ହୋଇପାରିଛନ୍ତି ।

ରାଷ୍ଟ୍ରସେବିକା ସମିତି ପରି ଆଉ ଏକ ନାରୀ ସଂଗଠନ ଗତ ଅଳ୍ପଦିନରେ କେରଳରେ ଚହଳ ପକାଇଛି । ପେମ୍ବିଲାଇ ଓରୁମାଇ (ନାରୀ ଏକତା) ନାମରେ ଗଢି ଉଠିଥିବା ସ୍ତ୍ରୀ ସଂଗଠନ ଦେଶର ମୁଖ୍ୟଧାରାରେ ଥିବା ରାଜନୀତିକ ଦଳଗୁଡିକୁ ନିର୍ବାଚନରେ ଖାଲି ଯେ ଟକ୍କର ଦେଇଛି ତା ନୁହେଁ,ବଡ ବଡ ଜାତୀୟ ଶ୍ରମିକ ସଂଗଠନ ଗୁଡିକର ନୈତିକତାକୁ ଦୋହଲାଇ ଦେଇଛି । ଲିସି ସନ୍ନିଙ୍କ ନେତୃତ୍ୱରେ ଏହି ସଂଗଠନ ଚାହା ବଗିଚାରେ କାର୍ଯ୍ୟରତ ମହିଳା ଶ୍ରମିକଙ୍କ ଦାବିକୁ ନେଇ କେରଳର ମୁନ୍ନାର ସହର ନିକଟସ୍ଥ କାନନ ଦେବନ ହିଲ ପ୍ଲାଣ୍ଟେସନସ ଲିମିଟେଡଠାରୁ ମୁନ୍ନାର ସହର ପର୍ଯ୍ୟନ୍ତ ଶ୍ରମିକ ବିରୋଧୀ ନୀତିର ପ୍ରତିବାଦରେ ଯେଉଁ ଶୋଭାଯାତ୍ରା କରିଥିଲା ତାହା ଗତବର୍ଷ ଢେର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା । ୮ମ ଶ୍ରେଣୀ ଯାଏ ପାଠ ପଢିଥିବା ସନ୍ନିଙ୍କ ନେତୃତ୍ୱରେ ଗଢିଉଠିଥିବା ଏହି ସ୍ତ୍ରୀ ଶକ୍ତି ସଂଗଠନରେ ଅଧିକାଂଶ ସଦସ୍ୟା ହେଉଛନ୍ତି ତାମିଲନାଡୁରୁ କେରଳକୁ ଆସିଥିବା ନିମ୍ନବର୍ଗର ମହିଳା ଶ୍ରମିକ । ପିଠିରେ ୫୦ରୁ ୭୫କି.ଗ୍ରା ଓଜନର ଚାହାପତ୍ର ବୋଝେଇଥିବା ଝୁଡିକୁ ନେଇ ତୀକ୍ଷ୍ଣ ପାହାଡ ଚଢି କାର୍ଯ୍ୟକରୁଥିବା ମହିଳା ଶ୍ରମିକଙ୍କ ଦାବିକୁ ନେଇ ସନ୍ନି ଯେତେବେଳେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ନେତାମାନଙ୍କ ସହ ଆଲୋଚନା କଲେ ସେତେବେଳେ ବାମପନ୍ଥୀ ନେତାମାନେ ତାଙ୍କୁ ପରିହାର କଲେ । ଦୁଇଦିନରୁ ମହିଳାଙ୍କ ପ୍ରତିବାଦ ଅଧିକ ସମୟ ତିଷ୍ଠିବ ନାହିଁ ବୋଲି କହି ସମାଲୋଚନା କଲେ । କିନ୍ତୁ ସନ୍ନି ସେହି ସମାଲୋଚନାରେ ଭାଙ୍ଗିନପଡି ସମସ୍ତଙ୍କୁ ସଂଗଠିତ କଲେ । ଅଲଗା ଅଲଗା ରାଜନୀତିକ ଦଳ ସହ ଯୋଡି ହୋଇଥିବା ମହିଳାମାନଙ୍କୁ ୨୦ ପ୍ରତିଶତ ବୋନସ ଦାବିରେ ଏକାଠିକଲେ । ଓରୁମାଇ ଆନ୍ଦୋଳନ ଆରମ୍ଭ ହୋଇ ୯ଦିନ ଧରି ଚାଲିଲା । ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଲା । ଶେଷରେ ସଂଗଠନ ସଫଳ ହେଲା । ଏହା ପରେ ପରେ ଶ୍ରମିକମାନଙ୍କ ବେତନ ବୃଦ୍ଧିରେ ସଂଗଠନ ଆଉ ଏକ ପାହାଚ ଆଗକୁ ଗଲା । ପଞ୍ଚାୟତ ନିର୍ବାଚନରେ ସଂଗଠନ ପକ୍ଷରୁ ମହିଳା ପ୍ରାର୍ଥୀମାନଙ୍କୁ ଛିଡା କରାଗଲା । କିନ୍ତୁ ସିପିଏମ୍ ଓ କଂଗ୍ରେସ ଦଳ ପକ୍ଷରୁ ମହିଳାଙ୍କ ସମର୍ଥନ ଭାଙ୍ଗିବାକୁ ସମସ୍ତ ପ୍ରକାର ଚେଷ୍ଟା କରାଗଲା । ଯେଉଁ ମହିଳାମାନଙ୍କୁ ଏକାଠି କରି ଓରୁମାଇ ଶ୍ରମିକ ଆନ୍ଦୋଳନରେ ସଫଳ ହୋଇଥିଲା ନିର୍ବାଚନ ଦୌଡରେ ବିଫଳ ହେଲା । ରାଜନୀତିକ ଦଳମାନେ ମହିଳାମାନଙ୍କ ସମର୍ଥନ ନିଜ ସପକ୍ଷରେ ନେବାକୁ ମହିଳାଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରାଇଲେ । ଏପରିକି ସନ୍ନିଙ୍କ ପଡୋଶୀ ଥିବା ଜଣେ ପୁରୁଷ ଯିଏକି ଏକ ରାଜନୈତିକ ଦଳରେ କର୍ମୀ ଭାବେ କାର୍ଯ୍ୟକରେ । ସେ ଏକଦା ସନ୍ନିଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଲା । ହେଲେ ସେ ଭୟ ନକରି ପରିସ୍ଥିତିକୁ ସାମ୍ନା କଲେ । ଘର ଭିତରକୁ ଯାଇ ହାତରେ ଏକ ଦା ଧରି ବାହାରକୁ ଆସିଲେ । ପଡୋଶୀ ମହିଳାଙ୍କ ସ୍ୱାମୀକୁ ଏକ ଜବରଦସ୍ତ ଚୋଟ ଗୋଡକୁ ଦେଲେ ଯେ ସେ ସେଠାରୁ ଜୀବନ ବିକଳରେ ରକ୍ତାକ୍ତ ଅବସ୍ଥାରେ ପଛକୁ ଦୌଡିଲା । ସନ୍ନିଙ୍କ ସାହସ, ସଂଗଠନ କୁଶଳତା ତାଙ୍କ ଶତ୍ରୁବୃଦ୍ଧିର କାରଣ ହୋଇଛି । ମହିଳା ଶ୍ରମିକଙ୍କ ସ୍ୱାମୀମାନେ ସନ୍ନିଙ୍କ ଶତ୍ରୁ ହୋଇ ଛିଡା ହୋଇଛନ୍ତି । ମହିଳା ଶ୍ରମିକମାନେ ମଦୁଆ ସ୍ୱାମୀମାନଙ୍କୁ ନିଜ ରୋଜଗାର ଅର୍ଥ ଦେବାକୁ ଏବେ ଅମଙ୍ଗ ହେଉଛନ୍ତି । ଆଜି କେରଳରେ ପେମ୍ବିଲାଇ ଓରୁମାଇ ମହିଳାଙ୍କ ଅଧିକାର ସୁରକ୍ଷା କରିବା କ୍ଷେତ୍ରରେ ଆନ୍ଦୋଳନ କରି ସମକାଳୀନ ରାଜନୀତିକ ସଂଗଠନଗୁଡିକୁ ନୂଆ ଆହ୍ୱାନ ଦେଇଛି । ଆନ୍ଧ୍ର ପ୍ରଦେଶର ଏକାକିନୀ ସ୍ତ୍ରୀ ସେନା କହିଲେ ପ୍ରଜ୍ୱଳା ସଂଗଠନର ଡକ୍ଟର ସୁନିତା କ୍ରିଷ୍ଣନଙ୍କୁ ବୁଝାଏ । କନ୍ୟା ଓ ମହିଳାମାନଙ୍କୁ ବେଶ୍ୟାବୃତ୍ତିରୁ ରକ୍ଷା କରିବା, କନ୍ୟାଚାଲାଣ ଓ ଅପହରଣକୁ ବନ୍ଦ କରିବା, ଶିଶୁ ଯୌନାଚାର ବିରୁଦ୍ଧରେ ଅଭିଯାନ ଚଳାଇବା ପ୍ରଜ୍ୱଳାର ଭିନ୍ନ ପରିଚୟ । ନିଜେ ଗଣଧର୍ଷଣର ଶିକାର ହୋଇଥିବା ସୁନିତା ୧୯୯୬ରେ ସ୍ୱର୍ଗତ ଜୋସ୍ ଭେଟିକାଟିଲଙ୍କ ସହ ମିଶି ଏହି ସଂଗଠନ ଆରମ୍ଭ କରିଥିଲେ । ଓଡିଶା, ଆନ୍ଧ୍ର ପ୍ରଦେଶରେ ଚାଲୁଥିବା ଦେହ ବ୍ୟବସାୟ, ନାରୀଚାଲାଣ, କ୍ଷେତ୍ରରେ ସେ ପ୍ରତିବନ୍ଧକ ସାଜିବାରୁ ଅନେକବାର ଦେହ ବ୍ୟବସାୟୀ ମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ଏଡସ୍ ରୋଗଗ୍ରସ୍ତା ମହିଳାଙ୍କ ଶବଦାହ କରିବାକୁ ଶବ ସଂସ୍କାର ସଂସ୍ଥାମନେ ମନାକରିବାରେ ସୁନିତା ନିଜ ଦାୟିତ୍ୱରେ ଅନେକଙ୍କ ଶବଦାହ କରାଇଛନ୍ତି । ହାଇଦ୍ରାବାଦରେ ଝିଅମାନଙ୍କ ଦକ୍ଷତା ବିକାଶ ପାଇଁ ସେ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଛନ୍ତି । ଏକ କାରଖାନା ଖୋଲି ସେଠାରେ ମହିଳାଙ୍କୁ ଭିନ୍ନ ଭିନ୍ନ ପେସାର ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ପ୍ରଜ୍ୱଳାର ସଂଘର୍ଷ ପାଇଁ ସୁନିତାଙ୍କୁ ପଦ୍ମଶ୍ରୀ, ସତ୍ୟସାଇ ଗ୍ଲୋବାଲ ଏକସିଲେନସୀ ଆୱାର୍ଡ, ଟଲବର୍ଗ ବିଶ୍ୱ ନେତୃତ୍ୱ ପୁରସ୍କାର, ଫ୍ରାଙ୍କୋ - ଜର୍ମାନ ମାନବାଧିକାର ପୁରସ୍କାର ମିଳିଛି । ସେ ତାଙ୍କ ସ୍ୱାମୀ ରାଜେଶ ଟଚରିଭରଙ୍କ ସହ ମିଶି ଏଣ୍ଟେ (ବିସ୍ଫୋରକ) ଶୀର୍ଷକ ସିନେମା ନିର୍ମାଣ କରିଛନ୍ତି ଯେଉଁଥିରେ ଯୌନ ଦାସତ୍ୱ ମୁଖ୍ୟ ବିଷୟ ରହିଛି । ଏହି ସିନେମାର ତେଲୁଗୁ ସଂସ୍କରଣ ନା ବଙ୍ଗାରୁ ତାଲ୍ଲିକୁ ଜାତୀୟ

**ମହାଶୟ,**

ଉତ୍କଳ ଦିବସକୁ ନେଇ ଯେଭଳି ରାଜନୀତି ହେଉଛି, ତାହା ଅତ୍ୟନ୍ତ ଲଜ୍ଜାଜନକ। ଉତ୍କଳ ବା ଓଡ଼ିଶାର ଉନ୍ନତି ନେଇ ଯେତିକି ରାଜନୀତି ହେବା କଥା ତା'ଠାରୁ ବେଶୀ ରାଜନୀତି ହେଉଛି କିଏ କେତେ ମାଇଲେଜ ନେଇପାରିବ ଓ ଆଗାମୀ ସାଧାରଣ ନିର୍ବାଚନ ପାଇଁ କିଏ କେତେ ଭୋଟ୍ ସାଉଁଟିପାରିବ। ଏହାଦ୍ୱାରା ସାଧାରଣ ଲୋକଙ୍କର ଉନ୍ନତି ପରିବର୍ତ୍ତେ କିଛି ନ୍ୟସ୍ତସ୍ୱାର୍ଥ ନେତାଙ୍କର କେବଳ ଉନ୍ନତି ହେଉଛି। ନେତାମାନେ ମାଟି ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବେଳେ ପ୍ରକୃତରେ ପାର୍ଟି ପାଇଁ କାମ କରୁଥିବା ଜଣାପଡୁଛି। ସେଥିପାଇଁ ଆଜିର ନେତାମାନେ ଉତ୍କଳମଣି ଓ ଉତ୍କଳଗୌରବଙ୍କ ପରି ସମ୍ମାନସ୍ପଦ ହୋଇପାରୁନାହାନ୍ତି।

ଗୋପବନ୍ଧୁ ରାଉତରାୟ, ବଡ଼ମ୍ବା

**ଆମ ଠିକଣା**
**ଏକମାତ୍ର**
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭, ଧର୍ମବିହାର
ଖଣ୍ଡଗିରି, ଭୁବନେଶ୍ୱର-୩୦
ଦୂରଭାଷ : ୦୮୭୬୩୩୬୮୦୨୯

# ବେଦନାର ବେଦ (୧୧)



କ୍ଷୀରୋଦ ଦାସ
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com



ଧାରାବାହିକ ଉପନ୍ୟାସ

**ମାଟିମନସ୍କ, କଥକତା, ସ୍ମୃତିସଜଳ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

**କ**ଟକ ସହର ବିଷୟରେ ଯା' ତା' ମୁହଁରୁ ଚକ୍ରଧର ଅନେକ କଥା ଶୁଣିଛି। କଳକାରଖାନା, ଲୋକବାକ, ଗାଡ଼ିମଟର, ବସ୍, ଟ୍ରେନ୍, ଅଫିସ୍, ସ୍କୁଲ, କଲେଜ, ରିକ୍ସା, ଅଟୋ ଖାଲି ହାଉଜାଉ। ସେଠି କାଳେ ରାସ୍ତାଘାଟରେ ସାରାରାତି ଆଲୁଅ ଜଳେ। ଚାରିଆଡ଼େ ଫର୍ଚ୍ଚା, ଦିନମୟ। ସେଠି କାଳେ ଦିନ ଦ୍ୱିପ୍ରହରରେ ଚୋରି, ଡକାୟତି, ଖୁନ୍‌ଖରାବି, ରାହାଜାନି ଚାଲେ ସେଠି କାଳେ ଦିନଟାରେ ବି ମାଇପି ପିଲାମାନଙ୍କୁ ଟେକିନେଇ ସେମାନଙ୍କ ଇଜ୍ଜତ ଲୁଟାଯାଏ। ସେଠି କାଳେ କେହି କାହା ପିଠିରେ ପଡ଼ନ୍ତିନି। ବିପଦଆପଦରେ କେହି ଆହାପଦେ କୁହନ୍ତିନି। ଯେଝା ବାଟରେ ସିଏ। ମଣିଷମାନେ ଧାଉଁଥିବେ ଯନ୍ତ୍ରପରି। କାହାର ବେଳ ନଥାଏ କାହା କଥା ଶୁଣିବାକୁ, କାହା ସୁଖଦୁଃଖରେ ସମଭାଗୀ ହେବାକୁ। ମଣିଷ ଖଣ୍ଡିଆଖାବରା ହୋଇ ରାସ୍ତା ଉପରେ ପଡ଼ି ଛଟପଟ ହୋଇ ମରିଗଲେ ସୁଦ୍ଧା ସେଇ ବାଟ ଦେଇ ଯା'ଆସ କରୁଥିବା ଅନ୍ୟ ମଣିଷଟି ସେଆଡ଼କୁ ଚାହେଁନା ବି। ସାହାଯ୍ୟ କରିବା ତ ପର କଥା। ନିଜର ତେଣେ ନିହାତି ଅର୍ଜେଣ୍ଟ କାମ ପଡ଼ିଛି, ସେଇ କାମ ପାଇଁ ଡେରି ହୋଇଯାଉଛି, ସେହିପରି ବୃଥା ବ୍ୟସ୍ତତା ଦେଖାଇ ସେ ଧାଇଁ ଚାଲିଯାଏ ତା'ବାଟରେ, ତା'ବେଗରେ, ତା'ନିଜ କାମରେ।

"ଆରେ ବାପ୍‌ରେ, କି ସାଂଘାତିକ ସ୍ଥାନ! କି ବିପଦସଂକୁଳ ସ୍ଥାନ! କେମିତି ବଞ୍ଚନ୍ତି ସେଠି ମଣିଷ ନାମଧାରୀ ପ୍ରାଣୀମାନେ କେଜାଣି?"- ଚକ୍ରଧରର ଦମ୍ଫିଲା ଛାତିଟା ଶୀତେଇଯାଏ ସେସବୁ କଥା ଶୁଣି।

ଯାଇଯାଇ ସେ ପରଜଙ୍ଗ ବଜାରଯାଏ ଯାଇଛି ଦୁଇଚାରିଥର। ବୟାଅସୀ ମସିହାରେ ଗାଁରେ ଯେଉଁ ଗଣ୍ଡଗୋଳ ହୋଇଥିଲା, ସମସ୍ତେ ଟଣାଓଟରା ହୋଇ ଯାଇଥିଲେ ଜଗତସିଂହପୁର କୋର୍ଟଯାଏ। ଯାଇଛି ଏବଂ ଯେତେ କାମ ଥିଲେ ବି ସଞ୍ଜବେଳକୁ ଫେରିଆସିଛି। ବାସ୍ ସେତିକି, ଗାଁ ଛାଡ଼ି ବାହାରେ କୋଉଠି ରହିଲେ ତାକୁ ଆଦୌ ନିଦ ମାଡ଼େନାଇଁ। ଭାରି ମାଡ଼ି ମାଡ଼ି ପଡ଼େ। କିଏ ଯେପରି ପଛପଟରୁ ତାକୁ ଆକ୍ରମଣ କରିବା ପାଇଁ ସଜବାଜ ହେଉଥିବା ପରି ଲାଗେ!

ପୁଅକୁ କଟକ ବଡ଼ମେଡିକାଲ ନେଇଯିବା କଥା ଗୋଟାଏ ଜୋସ୍‌ରେ କହିଦିଏ ସିନା, ହେଲେ ପରମୁହୂର୍ତ୍ତରେ ନିଜ ଭିତରେ ଧସ୍‌କି ପଡ଼େ ଚକ୍ରଧର। ତା' ଭିତରର ସାହାସ କାପୁରୁଷଙ୍କ ପରି କୋଉଠି ଛପିଯାଏ। ଭିତରେ ଭିତରେ ସେ ଛିନ୍‌ଛତ୍ର ହୋଇଯାଏ। ତା'ପୌରୁଷ ତାକୁ ଧିକ୍କାର କରେ।

ଏ ଅସମୟରେ ବୁଢ଼ୀମା' ବି ପାଖରେ ନାଇଁ। ଚାଲିଗଲାଣି ଆରପାରିକି। ଚକ୍ରଧର ଭାଙ୍ଗିପଡ଼ିଲା। କିଛି ନ ହେଲେ ବି ବୁଢ଼ୀଟା ଘରେ ବସିଥିଲା। ମେରିଆ ଖୁଣ୍ଟପରି। ନାତିକୁ ସେ ନାନା ଗାଉଁଲି ଔଷଧ, ନାନା ଗଛର ପତ୍ର ବାଟି ପିଆଉଥିଲା। ଡାକ୍ତରଖାନା ନେବା କଥା ଶୁଣିଲେ ଖପ୍ପା ହୋଇ କହୁଥିଲା – "ହାଁ'ରେ ଚକରା, ତତେ କାଳ ଘୋଟିଲାଣି କିରେ? ଇରେ ଏଡ଼ିକି ବକଟେ ଏଣ୍ଡୁଅଛୁଆପରିକା ଛୁଆକୁ ତୁ ଛତରଖିଆ କହୁଚୁ ରେଳରେ ବସାଇ କଟକ ଡାକ୍ତରଖାନା ନେବାକୁ! ଇରେ ସେଗୁଡ଼ା କି ଡାକତର କିରେ? କ'ଣ ଜାଣିଛନ୍ତି ସେମାନେ? କି ଘୋଡ଼ାଡିମ୍ବ ପାଠ ପଢ଼ିଛନ୍ତି? କୋଉ ଡାକତର କୋଉ ରୋଗୀକୁ ଭଲ କଲାଣି କହିଲୁ? ଖାଲି ଟଙ୍କା ଶୋଷିବେ ରକତ ପରି। ତା'ପରେ ରୋଗୀ ମରୁ କି ବଞ୍ଚୁ, ସେମାନଙ୍କର ଯାଏ କେତେ ଆସେ କେତେ?"

ଏତକି କହିବାକୁ, ମନରେ ସାହାସ ଓ ବଳ ଖଞ୍ଜିଦେବାକୁ ବୁଢ଼ୀମା' ଆଉ ନାଇଁ ଏ ସଂସାରରେ। ଗଲା ମାଘମାସର ବାଘ ପରି ଶୀତରେ ବୁଢ଼ୀମା' ମରିଗଲା ଶ୍ୱାସବେମାରୀରେ ପେଲି ହେଇହେଇ। କଣ୍ଟେଇମାଳ ମଶାଣୀରେ ବୁଢ଼ୀ ପୋଡ଼ାହେଇଥିବା ଜାଗାରେ ଘାସ କଅଁଳିଲାଣି। ଆକାଶର କୋଉ କୋଣରେ ଅଗଣିତ ତାରାମାନଙ୍କ ଗହଣରେ ବୁଢ଼ୀ ତାରାଟିଏ ହୋଇ ମିଟିମିଟି କରି ଚାହିଁଲାଣି।

ପୁଅର ଅବସ୍ଥା ଦେଖି ଚମ୍ପା ଆଖିରୁ ଲୁହ ଶୁଖୁ ନ ଥିଲା। କୌଣସି କାମଦାମରେ ତା' ମନ ଲାଗୁ ନ ଥିଲା। ତାକୁ ଖାଇବା ପିଇବା କିଛି ରୁଚୁ ନ ଥିଲା। ଦିନେ ସଞ୍ଜବେଳେ କାନ୍ଦକାନ୍ଦ ହୋଇ ସେ ଚକ୍ରଧରକୁ କହିଲା, "ହଜାରଥର କହିଲଣି ପୁଅକୁ ବଡ଼ ଡାକତରଖାନା ନବ ବୋଲି। ନବ ନବ ବୋଲି ବର୍ଷେ ବିତିଗଲାଣି। ବେଳକୁ ବେଳ ମୋ ପୁଅର ଦେହ ଆହୁରି ଖରାପ ହେଇଯାଉଛି। ଛୁଆଟା ପେଟକଷ୍ଟ ସମ୍ଭାଳି ନ ପାରି ଖାଲି ଗଡୁଛି ଭୂଇଁରେ। ଜମା ଖାଉନି କିଛି। ଖାଇବା ଦେଖିଲେ ବାନ୍ତି କରୁଚି। ଶୁଖିଶୁଖି କଣ୍ଟା ହେଲାଣି ଆସି। କଳାକାଠ ପଡ଼ିଗଲାଣି। ନ'ଟା ନାଇଁ କି ଛ'ଟା ନାଇଁ, ବକଟେ ବୋଲି ଛୁଆ ମୋର। କେତେ ଓଷାବ୍ରତ ଉପବାସ କରି, କେତେ ଦିଅଁଦେବତାଙ୍କୁ ପୂଜି ପାଇଥିଲି ତାକୁ। ବିଧାତା ମୋ ଉପରେ କାଇଁକି ଦାଉ ସାଧୁଛି କେଜାଣି?"

କଇଁ କଇଁ ହୋଇ କାନ୍ଦିଉଠିଲା ଚମ୍ପା। ଲୁଗାକାନିରେ ଲୁହ ପୋଛୁ ପୋଛୁ ପୁଣି କହିଲା – "ଶୁଣ କହିଦଉଚି ମୋ ଛୁଆର ଯଦି ଭଲମନ୍ଦ କିଛି ହୋଇଯାଏ, ରଶି ଲଗେଇଦେବି ବେକରେ। ଡେଇଁପଡ଼ିବି କୂଅ ପୋଖରୀକୁ। କନିଅର ମଞ୍ଜି ଗୁଡ଼ ବାଟି ପିଇଦେଇ ଜୀବନ ହାରିଦେବି!"

କୋହର ତୀବ୍ରତାରେ ଚମ୍ପା ଓଠର ଶବ୍ଦ ସବୁ ଅସହାୟ ଭାବେ ଭାସିଯାଆନ୍ତି କୁଆଡ଼େ ନାଇଁ କୁଆଡ଼େ। ଝରଝର ହୋଇ ଲୁହ ବୋହିଆସେ ଦୁଇଆଖିରୁ! ପୁଅକୁ କୋଳକୁ ଟେକିନେଇ ସେ ଚାଲିଯାଏ ସେପାଖ ଘରକୁ।

ନିରୁପାୟ ହୋଇ ବସିରହେ ଚକ୍ରଧର। ତା'ଆଖି ସାମ୍‌ନାକୁ ଘୋଟିଆସେ ଘନ ଅନ୍ଧକାର। ଲାଗେ, ସତେଯେପରି ତା'ହାତଗୋଡ଼ ଅବଶ ହୋଇପଡୁଛି। ସେ ପଙ୍ଗୁ ହୋଇଯାଉଛି! ତା'ସାମ୍‌ନାରେ ସତେ ଅବା ହିମାଳୟ ପାହାଡ଼! ଏପରି ପଙ୍ଗୁତ୍ୱକୁ ନେଇ ସେ ତାକୁ ଲଙ୍ଘିବ କେମିତି? ତାକୁ ବୁଦ୍ଧିବାଟ କିଛି ଦେଖାଯାଏନି। ଏକ ନିଷ୍ଫଳ ଦୁଃଖ ଓ ଯନ୍ତ୍ରଣାରେ ସେ ଖାଲି ଆଉଟି ପାଉଟି ହୁଏ। ଡହଳ ବିକଳ ହୁଏ। ଅଥଚ ସେସବୁକୁ ଅତିକ୍ରମ କରି କିଛି ଗୋଟାଏ କରିବା ପାଇଁ ତା'ର ଅବଶିଷ୍ଟ ସାମର୍ଥ୍ୟ ପୋତି ହୋଇପଡ଼େ ଅସହାୟତାର ସ୍ତୂପ ତଳେ।

ଗାଁର ୱାର୍ଡମେମ୍ବର ରବିବାବୁ ସେଦିନ ସଞ୍ଜବେଳେ ଆସି ପହଞ୍ଚିଲେ ଚକ୍ରଧର ଘରେ। ଗାଁ ପୋଖରୀରୁ ମାଛ ଧରାହେବ। ସେ କାମରେ ଚକ୍ରଧର ପାରଙ୍ଗମ। କେବଳ ମାଛଧରା କାହିଁକି, ଠାକୁର ନଡ଼ିଆଗଛରୁ ନଡ଼ିଆ ପରାହେବ, ଠାକୁରଘର ଛପର ହେବ, ଠାକୁରଜମି ହଳ ହେବ, ଗାଁରେ ମାଘସପ୍ତମୀକୁ ଅଷ୍ଟପ୍ରହରୀ ହେବ, କାହା ପୁଅଝିଅ ବାହାଘରରେ ରୋଷେଇବାସ, ଛାମୁଣ୍ଡିଆ ବନ୍ଧା, ଦୋକାନବଜାର କାମ, ସବୁ କାମରେ ଆଗ ଦରକାର ପଡ଼େ ଚକ୍ରଧର। ସେସବୁ କାମରେ ସେ ସମ୍ପୂର୍ଣ୍ଣ ତଲ୍ଲୀନ ହୋଇଯାଏ। ମୁଣ୍ଡଝାଳ ତୁଣ୍ଡରେ ମାରି ଖଟେ।

ଯେଉଁ କାମରେ ଚକ୍ରଧର ହାତ ଲଗାଇ ନ ଥିବ, ସେ କାମ ଆଉ ଶେଷ ନ ହୁଏ। ଯଦିବା ହେଲା, ସେଥିରେ କାହାର ମନ ବୁଝେନା।

"ଆରେ ଚକ୍ରଧର, ଭେଣ୍ଡି କିଆରିକୁ ପାଣି ବୁହାଯିବ। ଟିକେ ଆସନ୍ତୁ ନାଇଁ କାଲିକି!"

– "ଆରେ ଚକରା, ଆମ ଡାହାଣ ବଳଦଟା ହଳରେ ଜମା ମ'ଣ ହେଉନି। ଖାଲି ବାଆଁପଟକୁ ତଡୁଛି। ଆମର ସେ ଚାକର ଟୋକାଟା ଭୟ ପାଇଗଲାଣି। ତୁ ଟିକେ ହାତ ଲଗାନ୍ତୁନି!"

– "ଚକ୍ରଧର, ଦୋଳପୁନେଇ ବାସି ଝିଅ ବାହାଘର। ସେଇ ଦୁଇଚାରିଦିନ ତୁ ଯେମିତି କୁଆଡ଼େ ନ ଯାଉ! ତୋ ଉପରେ ସବୁ ଦାୟିତ୍ୱ।"

– "ଚକରାରେ, ବାପ ଯାଆନ୍ତୁନିକି ଟିକେ ଛକ ବଜାରଆଡ଼େ? କାଲିଠାରୁ ଘରେ ଟୋପାଏ ହେବ କିରାସିନି ନାଇଁ। ସାରାରାତି ଘରଟା ନିପଟ ଅନ୍ଧାର। ଧୋବେଇ ଦୋକାନରୁ ଦି'ଟଙ୍କାର କିରାସିନି ଆଣି ଦିଅନ୍ତୁନି ବାପ!!"

*କ୍ରମଶଃ...*

# ନିଆଁ

## ଡ. ମୌସୁମୀ ପରିଡ଼ା



**ସେ** ଆଖିରେ ନିଆଁ ଜଳୁଛି, ହୁତ୍‌ହୁତ୍ ହୋଇ। ପୁଣି ସେ ନିଆଁ ସଂଚରିଯାଉଛି ଅନ୍ୟ ଆଖିକୁ। ଏମିତି ଏକରୁ ଦୁଇ, ଆଉ ଦୁଇରୁ ଅନେକ...। ଆଖିମାନଙ୍କରେ ଆଜିକାଲି ନିଆଁର ତାଣ୍ଡବ। ସେ ନିଆଁ ବିପ୍ଳବର, ସଂଗ୍ରାମର...। ସେମାନେ କିଛି ଗୋଟାଏର ପରିବର୍ତ୍ତନ ଚାହୁଁଛନ୍ତି, ନିଜ ଅଧିକାର ପାଇଁ ଲଢ଼େଇ କରୁଛନ୍ତି।

ନିଆଁ ଜଳୁଛି... କୋଶେ ଦୂରକୁ ଦୁଶୁଛି ସେ ନିଆଁ। ସେ ନିଆଁ ବି ସଂଚରିଯାଉଛି ଗୋଟେ ଚାଳରୁ ଅନ୍ୟଚାଳ, ଅମାନିଆଁ ଝିଅଟେ ପରି। ଉତାଳ ତରଙ୍ଗଟେ ପରି! ବେସାହାରା ବାସହୀନ ଲୋକମାନଙ୍କ ଆଖିରେ ଲୁହର ଉଛୁଳା ନଈ। ସତରେ ନିଆଁ ସବୁ ଜାଳି ଦେଇପାରେ... ଉଜୁଡ଼ାଇ ଦେଇପାରେ ମୁହୂର୍ତ୍ତକ ଭିତରେ।

ମନତଳେ ନିଆଁର ତାତି। ଫୁଟୁଛି ଟକଟାକ୍ ହୋଇ... ସେ ନିଆଁ ଡେଇଁ ଚାଲିଛି ଅନ୍ୟମାନଙ୍କ ମନଭିତରକୁ ତା' ସ୍ୱଭାବ ଅନୁଯାୟୀ। ସେ ନିଆଁରେ ପୋଡ଼ି ହୋଇଯାଉଛି ଗୋଟେ ଝିଅର କଅଁଳ ଦେହ...। ତା' ନିଷ୍ପାପ ମନ ଓ ଅପୁଷ୍ପିତା ଶରୀର! ସେ ଗୁମୁରି କାନ୍ଦୁଛି ନୀରବ ଯନ୍ତ୍ରଣାରେ। ଅନ୍ୟର କାମନା, ଲାଳସା ଚରିତାର୍ଥ କରିବାକୁ ସେ ବଳିପଡ଼ିଛି ଆଜି! ଅଥଚ ହୃଦୟର ସେ ଅପମାନର ନିଆଁ କାହାରିକୁ ଦିଶୁନାହିଁ।

ମଶାଣୀରେ ନିଆଁ ଜଳୁଛି, ଏ ଜନ୍ମର ଶେଷନିଆଁ। ଜୀବନଟା ସାରା ସବୁ ନିଆଁରେ ଜଳିସାରିଥିବା ପାର୍ଥିବ ଶରୀର ଆଜି ଏ ନିଆଁରେ ପାଉଁଶ ହେବା ପରେ ସବୁ ଶେଷ ହେବ। ...ହେଲେ ଏ ନିଆଁ ବ୍ୟାପିବ ନାହିଁ କି ଡେଇଁବ ନାହିଁ କାହା ଉପରକୁ ନିର୍ଦ୍ଧାରିତ ସମୟ ପୂର୍ବରୁ। ସବୁନିଆଁ କଣ ବ୍ୟାପିପାରେ ଜୁଆରିଆ ନଈ ପରି? ହଁ ଏ ଜନ୍ମର ସବୁ ନିଆଁକୁ ଏକାଥରେ ଏଇ ମଶାଣି ନିଆଁ ହିଁ ଜାଳିଦେଇପାରେ। ନିଃଶେଷ କରିଦେଇପାରେ ଗୋଟେ ଜନ୍ମର ସମସ୍ତ ଭାବ ଅଭାବକୁ...! ସମ୍ପର୍କର ଅଡୁଆ ସୂତାମାନଙ୍କୁ।

ନିଆଁ ଜଳୁଛି, କାନ୍ଦ ଶୁଭୁଛି ଦୂରରୁ... କୁଆଁ କୁଆଁ ରାବ। ମାତୃତ୍ୱର ଆଭାରେ ଉକୁଟି ଉଠୁଛି ମାଆଟି। ଆଜି ସେ ସ୍ୱୟଂସମ୍ପୂର୍ଣ୍ଣା ପାଲଟିଛି! ଆଉ ତାକୁ କେହି ଅଶାଳୀନ ମନ୍ତବ୍ୟ ଦେବେନି!! ହସହସ ମୁହଁରେ ସେ ଟେକିନେଲା ତା' କାନ୍ଦୁରା ପିଲାଟିକୁ। ତା କାନ୍ଦଟା ଆଜି କାନକୁ ଭାରି ଭଲ ଲାଗୁଥିଲା। ନିଆଁରେ ତାକୁ ସେକୁଥିଲା ଧାଈ।

*ମାର୍ଫତ–ଡାକ୍ତର ସାରଦାପ୍ରସନ୍ନ ସ୍ୱାଇଁ*
*କ୍ୱା.ନଂ– ୩ ଆର/୪*
*ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପରିସର, ଜଗତସିଂହପୁର*



# ନିଃସହାୟ ମଣିଷ

## ବିଜୟ କୁମାର ରଥ

**ଏ**ହି ପୃଥିବୀରେ ମୋର ଜନ୍ମ
ଯେଉଁଠାରେ ଭାଇ ସହ ଭାଇ ସଂଘର୍ଷ କରେ,
ଯେଉଁଠାରେ ମାନବିକତା ଚିତ୍କାର କରିଉଠେ,
ଯୁଗ ଯୁଗ ଧରି ଭୟରେ ଥରି ଉଠେ।

ଏହି ପୃଥିବୀରେ ମୋର ଜନ୍ମ
ଯେଉଁଠାରେ ସବୁ ପ୍ରଚେଷ୍ଟା ହାରିଯାଏ
ଦୁଃଖରେ ଭାଙ୍ଗିପଡ଼େ,
ଯେଉଁଠାରେ କ୍ଷମତା, ଅନ୍ୟାୟକୁ କବଳିତ କରେ।

ଏହି ପୃଥିବୀରେ ମୋର ଜନ୍ମ
ଯେଉଁଠାରେ ଆଲୋକକୁ ଅନ୍ଧାର ରାଜତ୍ୱ କରେ
ଯେଉଁଠାରେ ନିର୍ମଳର ବିକାଶ ହୁଏ ନାହିଁ
ସତ୍ୟ ଦୀପ୍ତିମୟ ହୁଏ ନାହିଁ।

ଏହି ପୃଥିବୀରେ ମୋର ଜନ୍ମ
ଯେଉଁଠାରେ କୃତଘ୍ନ ରାଜ୍ୱ କରେ
ଧୈର୍ଯ୍ୟକୁ ହତ୍ୟା କରେ।
ଯେଉଁଠାରେ ମାନବିକତା ଛୁରିକାଘାତ ପାଏ
ମାନବିକତାର ମାନେ କିଛି ହୁଏନା।

ଏହି ପୃଥିବୀରେ ମୋର ଜନ୍ମ
ଯେଉଁଠାରେ ଦାରିଦ୍ର୍ୟ ମୃତ୍ୟୁକୁ ସାମନା କରେ
ନାରୀ ତା'ର ସମ୍ମାନ ହରାଏ
ଲଜ୍ଜାରେ ମୋର ମଥାନତ ହୋଇଯାଏ।

ତେବେ ବି ମୁଁ ବଞ୍ଚି ଉଠେ ନିର୍ଲଜ ଭାବେ
ବଞ୍ଚିବାରେ ମଧ୍ୟ କୌଣସି କାରଣ ନଥାଏ।

*ଗୁମୁଡ଼ା, ରାୟଗଡ଼ା*
*ମୋ : ୯୪୩୮୪୮୭୪୭୯*

# ବିଚରା

## ପ୍ରଣବ ପ୍ରକାଶ ନାୟକ

**ଆ**ଖିରେ ଦି'ମୁଠା ଅନ୍ଧାର
ଓ ଦଲକାଏ କମ୍ପନ
ଏବେ ବି ତ ଗୁଞ୍ଜୁ ଅଛି ମୋ' ଛାତିରେ
ସେଇ ଅ'ଧ ରାତିରେ ଯୋଡିଏ ହାତ
ଜାବ ହୋଇ ଏ ଯାବତ
ଝୁଲନ୍ତା ମୋ' ବେକରେ
ମୋ' ଓଠ କାନ ଓ ନାକ
ସଭିଏଁଙ୍କୁ ବେଢ଼ି ରହିଛନ୍ତି
ତମ ଖରନିଃଶ୍ୱାସରୁ ବାତ୍ୟାଏ
ସେବେଠୁ ହର୍ଦମା।
ହାୟ! ତଥାପି ପଚାରୁଛ
ମୋ'ର ହୋଇଛି କ'ଣ?

ସେହି ମୁହୂର୍ତ୍ତରୁ ଆକାଶରୁ ଖସିପଡ଼ିଥିବା
ଅସଂଖ୍ୟ ତାରା
ଏବକୁ ସାଲୁବାଲୁ
ମୋ'ସାରା ଅଗଣା।
ସେଇ ମୁହୂର୍ତ୍ତରେ ଆମକୁ ଦେଖି
ଯେଉଁ ଜହ୍ନଟା ଲୁଚିଗଲା
ତା'ଠିକଣା ଏଯାଏ ଅଜଣା।

ଇଥରରେ ମିଳେଇଯିବ କାଳେ
ତମ ଦେହର ବାସ୍ନା
ଝର୍କାଦେଇ ପବନ ବି ବହେନା।

ସେଇ ବେଳୁ ପ୍ରତିଧ୍ୱନିରେ
ଫେରାଇ ଦେଉଛି ମଥାନ
ତମ ଚୁଡ଼ିର ନିକ୍ୱଣ
ବାରମ୍ବାର ବାରମ୍ବାର।

ଏବେ କହୁଚ କ'ଣ ନା,
"ଛି... କେଡ଼େ ଅପରିଷ୍କାର ତମ ଘର"।
ଏଇଲେ ମୁଁ କହୁଛି ଶୁଣ!
ତମ ଯିବାର କିଛି କ୍ଷଣ ପରେ ହିଁ
ମୋ'ର ବି ହୋଇ ସାରିଛି ପ୍ରସ୍ଥାନଷ୍ଟା
ଏଠି ଯିଏ ମେଞ୍ଚାଏ ମାଟି ହେଇ ପଡ଼ି ରହିଛି
ସେ ଲୋକ ମୁଁ ନୁହେଁ, ପ୍ରଣବ ନାୟକ,
ଜାଣି, ସେତକ ହିଁ ତା'ର ପ୍ରାପ୍ୟ।
ସେଇଟା ଗଜମୂର୍ଖଟା ହେ
ଅଙ୍କ କୁଆଡୁ ଜାଣିବ ଯେ'
ଆଇଲା କେତେ ଗଲା କେତେର
ହିସାବ ରଖିବ?
ସେବେଠୁ ସବୁ ଅ'ଧ ରାତିରେ
ଅନ୍ଧାରକୁ କଣା କରି

ସେ ଘରେ ଧସେଇ ପସନ୍ତି
ସ୍ମୃତିର ଦଳେ ପଙ୍ଗପାଳ।
ସେଇ ମାଟି ମେଞ୍ଚାକ ଉପରେ
ସ୍ୱପ୍ନର କୁଆଁଟିଏ ମେଲିବା ପୂର୍ବରୁ
ସମ୍ଭାବନାର ଡାଳପତ୍ର,
ଇସ୍ କେମିତି ପଙ୍ଗପାଳଙ୍କ ଆଁରେ
ହୁଅନ୍ତି ନିଃଶେଷ।

ମୋତେ ପଚାରୁଛ ଯେ'
ହେଲେ ମୁଁ କେମିତି ଜାଣିବି,
ସ୍ୱପ୍ନହରା ଲୋକଟିଏ
କ'ଣ କିପରି ବଞ୍ଚେ?
ମୋତେ ବା କୋଉ ଜଣାଥାଏ
ବିନା ସମ୍ଭାବନାରେ
ଜୀବନଟା କଉ ରଙ୍ଗ ନିଏ?
ଯେ ସବୁ ଅଙ୍ଗେନିଭା କଥା ହୋ'
ମୋ'ପରି ଅନଭିଜ୍ଞଟା
ଅବା କିପରି ଜାଣନ୍ତା?
ଜାଣିଥିଲେ ଜାଣିଥିବ ପ୍ରଣବ ନାୟକ।
ପରନ୍ତୁ, ତା'ବାବଦରେ
ମୋତେ ଖାଲି ଜଣାଅଛି ଏତକ,
ଏବେ ତା'ର ଦୁନିଆ-ଦିଆ ଶ୍ରଦ୍ଧା ନାଁ,
'ବିଚରା ପ୍ରେମିକ'।।

ମଦନପୁର
କେନ୍ଦ୍ରାପଡ଼ା-୭୫୪୨୪୬

# ଗଡ଼

## ରୁନୁ ମହାନ୍ତି

କେବେ ମୁଁ ଜିତିପାରେନି ଗଡ଼।
ଭାଙ୍ଗିରୁଜି ହୋଇଯାଏ ଦି'ଗଡ଼ ମୁଁ ବାରବାର।
ପୁଣି ଯୋଡ଼ିହୁଏ,
ସାକ୍ଷାତ କରେ ନିଜସହିତ ନିଜର।
ହଁ ପ୍ରଜାପତି, ମୁଁ ଖୋଜେ କେବଳ ତୋର ଘର।।

ଗୋଟିଏ ପକ୍ଷୀର ଛାଇ ପଡ଼ିଥାଏ କଣ ପାଣି ଉପରେ?
ବସୁଧା କଣ ଗଠିତ ହୋଇଚି
ଗୋଟିଏ ଅଖଣ୍ଡ ବକଳରେ?
ଦୁଃଖ ତ ଆସିଚି ଅନେକ ଥର ସୁଖ ବେଶରେ।

କେତେଥର ଛୁରୀରେ ଛିଦ୍ର ହୋଇଚି ମୋ ହୃତପିଣ୍ଡ।
ଖୁବ୍ ନାଚିଚି,
ଖୁବ୍ ମାତିଚି,
ମହୀ ଦୁଲୁକିଚି,
ପ୍ରେମିକା ହେବାଠୁ ବଡ଼ ଆଶୀର୍ବାଦ ଆଉ କଣ ଅଛି?

ଦୀପଶିଖା ପରି ଯେତେଥର ତଳକୁ ମୁହଁ କରିଚି
କିନ୍ତୁ ଅଗ୍ନିଶିଖା ଉପରକୁ ଉଠିଚି।
ପୁଣି ପ୍ରଚୁର ଜାମୁକୋଳି ପରି
ଝରିପଡ଼ିଚି ମୋ ଉଦାସପଣ।
ସବୁଥର ପାତିଦେଇଚି ପ୍ରାଣ ତ
ମୋ ହୃଦୟକୁ ବୋହିନେଇଚି ପବନ।
ପ୍ରେମ ତ ବିଶ୍ୱର ପରମ ବିଧାନ।
ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବି
ମୁଁ ଆହୁରି ଚାହେଁ ଜୀବନ

ସେମିତି ଏକ ମୁଁ ନଈଟିଏ, ଛନ୍ଦି ହୁଏ, ପୁଣି ମୁକୁଳି ଆଗାଏ।
ସେମିତି ବି ମୋ ପ୍ରେମ, କେବେ ମୋତେ ମୁକୁଟ ପିନ୍ଧାଏ ତ
କେବେ ଫାଶୀରେ ଝୁଲାଏ।

*ଚୁଡ଼ଙ୍ଗ ସାହି, ପୁରୀ*
*ମୋ-୯୫୮୩୬୭୨୦୪୯*

# ଜାଲିଆତି ଓ ଷଡଯନ୍ତ୍ରର ପ୍ରମାଣ

**ପୁରୀ :** ସ୍ୱର୍ଗଦ୍ୱାର ଶ୍ମଶାନ ଜମି କିଣାବିକାରେ ବଡ଼ଧରଣର ଦୁର୍ନୀତି ହୋଇଛି। ଜାଲିଆତି କରି କୋଟି କୋଟି ଟଙ୍କାର ଜମି ଆତ୍ମସାତ କରାଯାଇଛି। ତଦନ୍ତ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଗୁରୁବାର ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ ୮୦ ପୃଷ୍ଠା ସମ୍ବଳିତ ରିପୋର୍ଟ ପ୍ରଦାନ କରିଛନ୍ତି। କ୍ଷମତାର ଦୁରୁପଯୋଗ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ଅନ୍ୟ ନାମରେ ରେକର୍ଡ କରିଥିବା ଅଫିସରଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେଥିରେ ବହୁ ସେଟେଲମେଣ୍ଟ ଅଫିସର, ତହସିଲଦାର, ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ସବ୍‌ରେଜିଷ୍ଟ୍ରାରଙ୍କ ନାମ ରହିଛି। ବେଆଇନ ଭାବେ ଅମୃତମଣୋହି ଜମି ଆତ୍ମସାତ୍ କରିଥିବା ଏବଂ ସେମାନଙ୍କୁ ସହଯୋଗ କରିଥିବା ବ୍ୟକ୍ତିଙ୍କ ନାମରେ ଖୁବ୍‌ଶୀଘ୍ର ଫୌଜଦାରୀ ମାମଲା ରୁଜୁ କରାଯିବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଫତରେ ରହିଥିବା ଶ୍ରୀଜଗନ୍ନାଥଙ୍କ ପ୍ରାୟ ୧୦୦ କୋଟି ଟଙ୍କା ମୂଲ୍ୟର ସ୍ୱର୍ଗଦ୍ୱାର ଜମି କିଛି ପ୍ରଭାବଶାଳୀ ବ୍ୟକ୍ତି ବାଣ୍ଟି ନେଇଛନ୍ତି। ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ଦାସ, ଉପଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ତହସିଲଦାର ପ୍ରବୀର କୁମାର ଖିଲାର ସ୍ୱର୍ଗଦ୍ୱାର ଶ୍ମଶାନ ସମେତ ବେବନ୍ଦୋବସ୍ତ ଖାତାରେ ଥିବା ଜମି ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର ମାପଚୁପ କରାଯିବ। ଜବରଦଖଲକାରୀଙ୍କ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଶ୍ମଶାନ ଜମିରେ ହୋଟେଲ, ଲଜିଂ ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପିକେଡିଏ କିପରି

## ସ୍ୱର୍ଗଦ୍ୱାର ଶ୍ମଶାନ ଦୁର୍ନୀତି

ଅନୁମତି ଦେଲା ସେଥିନେଇ ଖୋଳତାଡ ଆରମ୍ଭ ହୋଇଛି। ମୂଳ ଶ୍ମଶାନ ଜମି କବ୍‌ଜା କରିଥିବା ବାହୁବଳୀ ନେତାଙ୍କୁ ପ୍ରଶାସନ ଚିହ୍ନଟ କରିଛି। ୧୮୯୯ ସାବକ ରେକର୍ଡ ଖାତା ୩୩ ଏବଂ ପ୍ଲଟ ନଂ ୮୫୩ରେ ୧୬ ଏକର ୪୦୦ ଡେସିମିଲ ଜମି ରହିଥିଲା। ୧୯୯୦ ହାଲ୍ ରେକର୍ଡରେ ସେଥିରୁ ପ୍ରାୟ ୧୧ ଏକର ବିଭିନ୍ନ ଲୋକଙ୍କ ନାମକୁ ଚାଲିଯାଇଛି। ଆଉ ୫ ଏକର ୬୮୮ ଡେସିମିଲ ବେବନ୍ଦୋବସ୍ତ ରହିଛି। ତେଣୁ ସାବକ ରେକର୍ଡ ଅନୁଯାୟୀ ସବୁ ଜମି ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ନାମରେ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଜମି ଦୁର୍ନୀତିରେ ବହୁ ବଡବଡିଆ ସମ୍ପୃକ୍ତ ଥିବାରୁ ଅଧିକ ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ସୁପାରିସ କରାଯିବ।

### ଜାରି ହେଲା ନୂଆ ଅବକାରୀ ନୀତି

# ଫରେନ୍ ଲିକର ପାଇଁ ଅଧିକ ଟିକସ

ଭୁବନେଶ୍ୱର : ରାଜ୍ୟ ସରକାର ୨୦୧୭-୧୮ ପାଇଁ ନୂଆ ଅବକାରୀ ନୀତି ଜାରି କରିଛନ୍ତି। ଏପ୍ରିଲ୍ ପହିଲାରୁ ଏହା ଲଗୁ କରାଯାଇଛି। ଏନେଇ ବିଧିବଦ୍ଧ ଭାବରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନୂଆ ଅବକାରୀ ନୀତି ଅନୁସାରେ ଏଣିକି ବିଦେଶୀ ମଦ ଆମଦାନୀ ଉପରେ ଅଧିକ ଟିକସ ଲାଗିବ। ସେହିଭଳି ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ରାଜପଥର ଉଭୟ କଡ଼ରେ ଥିବା ୫୦୦ ମିଟର ଦୂରତା ମଧ୍ୟରେ ସମସ୍ତ ମଦ ଦୋକାନ ଉଚ୍ଛେଦ କରାଯିବ। ଏହା ସହିତ ଆଞ୍ଚଳିକ ଭିତ୍ତିରେ ମଦ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ବ୍ୟବସାୟୀମାନେ ଦେଉଥିବା ଟିକସକୁ ମଧ୍ୟ କୋହଳ କରାଯାଇଛି। ଲୋକମାନଙ୍କୁ ବିଶୁଦ୍ଧ ମଦ ଯୋଗାଇବା ଲକ୍ଷ୍ୟରେ ଏବଂ ମଦ ଅପମିଶ୍ରଣ ରୋକାଯିବା ପାଇଁ ଏହି ନୂତନ ନୀତିରେ ବ୍ୟବସ୍ଥା କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ଅବକାରୀ କମିଶନଙ୍କୁ ଚିଠି ଲେଖାଯାଇଛି। ଏହାସହିତ ଗଞ୍ଜେଇ ଚାଷ ରୋକିବା ନେଇ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି ଚିଠିରେ। ମଦ ବ୍ୟବସାୟର ପ୍ରସାର ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରି ଯୋଜନା କରିଛନ୍ତି। ନିଜସ୍ୱ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ବିହାର-ଓଡ଼ିଶା ଅବକାରୀ ନୀତିରେ ପରିବର୍ତ୍ତନ କରାଯାଇ ଏମାନଙ୍କ ପାଇଁ ଶୁଳ୍କ ଛାଡ଼ କରାଯାଇଛି। ଉପଭୋକ୍ତାଙ୍କ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅଣୁ ଉଦ୍ୟୋଗ ଖୋଲିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଯୁବକମାନଙ୍କୁ ଅତ୍ୟଧିକ ମଦ୍ୟପାନରୁ କ୍ଷାନ୍ତ କରିବା ପାଇଁ ଛୋଟ ଛୋଟ ପ୍ୟାକେଜିଂ ମାଧ୍ୟମରେ ଆକର୍ଷଣୀୟ ଢଙ୍ଗରେ ବିୟର ବିକ୍ରି କରିବା ଉପରେ ଗୁରୁତ୍ୱ ଦିଆଯିବ। ନୂଆ ନୀତି ଅନୁଯାୟୀ ଯୁବସମାଜ ପାଇଁ ହାଲ୍‌କା ବିୟର ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ହୋଟେଲ୍ ଏବଂ ରେଷ୍ଟୁରାଣ୍ଟ ଗୁଡିକରେ ଅଧିକ ବାର ଖୋଲାଯିବା ନେଇ ମଧ୍ୟ ଅନୁମତି ଦିଆଯିବ ବୋଲି ଏହି ଚିଠିରେ ଦର୍ଶାଯାଇଛି। ଏହାରପୋର୍ଟ, ଥ୍ରୀ-ଷ୍ଟାର ହୋଟେଲ୍ ଏବଂ ମଲ୍ ଗୁଡିକରେ ପ୍ରଥମଥର ପାଇଁ ମଡେଲ ପ୍ରିମିୟର ଲିକର ସପ୍ ଖୋଲାଯିବ। ସେହିପରି ମଦ ବିକ୍ରି ସ୍ଥାନରେ ଅପ୍ ଟୁ ଡେଟ୍ ରେଟ୍ ଚାର୍ଟ ରହିବ ଏବଂ ବିକ୍ରି ସମୟରେ କ୍ୟାସ୍ ମେମୋକୁ ବାଧ୍ୟତାମୂଳକ କରାଯାଇଛି। ୨୦୧୫-୧୬ ମସିହାରେ ରାଜ୍ୟ ସରକାର ୨୫୬୮ କୋଟି ଅବକାରୀ ଟଙ୍କା ରାଜସ୍ୱ ଆଦାୟ କରିଥିବା ବେଳେ ଏହି ନୂତନ ନୀତି ଲାଗୁ ହେଲେ ଆହୁରି ଅଧିକ ୮୦୦ କୋଟି ଟଙ୍କା ରାଜସ୍ୱ ଆଦାୟ ହେବାର ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ନୀତିରେ ନିଶାମୁକ୍ତି ଏବଂ ଲୋକଙ୍କ ମଧ୍ୟରେ ମଦ ବିରୋଧୀ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀଗୁଡିକଙ୍କ ଠାରୁ ସିଏସ୍‌ଆର ଫଣ୍ଡ ଆଦାୟ ପାଇଁ ପ୍ରସ୍ତାବ ରହିଛି। ଏହାସହିତ ଗଞ୍ଜେଇ ଚାଷ ରୋକିବା ପାଇଁ ମଧ୍ୟ ଏକ ଦୀର୍ଘମିଆଦି ଯୋଜନା ପ୍ରସ୍ତୁତ କରାଯାଇଛି। ପୋଲିସ, ଜଙ୍ଗଲ ଓ ଅବକାର ବିଭାଗ ସହାୟତାରେ ଏଗୁଡିକ ରୋକିବା ନେଇ ପଦକ୍ଷେପ ନେବାଲାଗି ନୂତନ ନୀତିରେ ଉଲ୍ଲେଖ କରାଯାଇଛି।




## ପ୍ରତିଷ୍ଠା ହେବ ନୂଆ ଔଷଧ ପରୀକ୍ଷାଗାର

**ଭୁବନେଶ୍ୱର :** ରାଜ୍ୟରେ ପାଣି, ଖାଦ୍ୟ ଏବଂ ଔଷଧ ନମୁନା ଠିକଣା ଭାବେ ପରୀକ୍ଷା ହେଉନାହିଁ। ବଜାରରେ ଯେ କୌଣସି କମ୍ପାନୀର ଜିନିଷ ଅବାଧରେ ବିକ୍ରି ଚାଲିଛି। କାହାରି ଉପରେ କଟକଣା ନାହିଁ। ଆବଶ୍ୟକ ପରୀକ୍ଷାଗାର ନଥିବାବେଳେ ଅଧିକାଂଶ ପରୀକ୍ଷାଗାରରେ ନିରୀକ୍ଷକ ପଦ ଖାଲିପଡ଼ିଛି। ଏସବୁ ପ୍ରସଙ୍ଗକୁ ନେଇ ବିଧାନସଭାରେ ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟର ସବୁ ଜିଲାରେ ଖାଦ୍ୟ ନମୁନା ଯାଞ୍ଚ ପାଇଁ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ଏବଂ ଏଦିଗରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଧାୟକ ସଞ୍ଜୀବକୁମାର ସାହୁଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ସରକାର ଖାଦ୍ୟ ପଦାର୍ଥର ମାତ୍ରା ଓ ମାନକ ପରୀକ୍ଷା ନିମନ୍ତେ ରାଜ୍ୟ ଜନସ୍ୱାସ୍ଥ୍ୟ ପ୍ରୟୋଗଶାଳା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଭୁବନେଶ୍ୱରଠାରେ ପ୍ରତିଷ୍ଠା ହୋଇଛି। ଖାଦ୍ୟ ପରୀକ୍ଷା ବ୍ୟବସ୍ଥାର ଆଧୁନିକୀକରଣ ପାଇଁ ୨.୩୦କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।ରାଜ୍ୟରେ ୨୦୧୬-୧୭ ସୁଦ୍ଧା ୫୫୫୩ଟି ନମୁନା ପରୀକ୍ଷା ପାଇଁ ହସ୍ତଗତ ହୋଇଥିଲା।୨୮୦୬ଟି ନମୁନାର ପରୀକ୍ଷା କରାଯାଇଛି। ଏହି ସମୟ ମଧ୍ୟରେ ୫୨ଜଣଙ୍କ ବିରୋଧରେ ଅଭିଯୋଗ ଆସିଥିବାବେଳେ ୧୨ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା କହିଛନ୍ତି ମନ୍ତ୍ରୀ ପ୍ରଦାପ କୁମାର ଅମାତ।ଜଳ ନମୁନା ପରୀକ୍ଷା ସଂକ୍ରାନ୍ତରେ ବିଧାୟକ ନବକିଶୋର ଦାସ, ଖାଦ୍ୟ ନମୁନା ପରୀକ୍ଷା ସମ୍ପର୍କରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରବିନାରାୟଣ ନାୟକ, ଅମରପ୍ରସାଦ ଶତପଥୀ, ପ୍ରଦୀପ ପୁରୋହିତ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ପାନୀୟ ଜଳ ପରୀକ୍ଷା କରାଯାଉଛି, ଖାଦ୍ୟ ସମ୍ପର୍କରେ ଅଭିଯୋଗ ମିଳିଲେ ନମୁନା ପରୀକ୍ଷା ପାଇଁ ପଠାଯିବ। ନିମ୍ନମାନର ଛତୁଆ ଦିଆଯାଉଥିବା ନେଇ ତାରାପ୍ରସାଦ ବାହିନୀପତି ଓ ଧନେଶ୍ୱର ମାଝିଙ୍କ ଅଭିଯୋଗର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଏ ଦିଗରେ ଅଭିଯୋଗ ଆସିଲେ ତଦନ୍ତ ହେବ। ବିଷାକ୍ତ ଔଷଧ ପରୀକ୍ଷା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ସେ ବିଷୟରେ ପ୍ରଶ୍ନ କରିଥିଲେବିଭୂତି ଭୂଷଣ ହରିଚନ୍ଦନ। ଉତ୍ତରରେ ମନ୍ତ୍ରୀ କହିଥିଲେ ଅଭିଯୋଗ ସତ୍ୟ ନୁହେଁ। ଡ୍ରଗ କଣ୍ଟ୍ରୋଲ ବ୍ୟବସ୍ଥାକୁ ମଜଭୁତ କରିବା ନିମନ୍ତେ ସରକାର ତତ୍ପର।

# ଅପହଞ୍ଚ ଇଲାକାରେ ପହଞ୍ଚିବ ବିକଳ୍ପ ବ୍ୟାଙ୍କ ସେବା

**ଭୁବନେଶ୍ୱର :** ରାଜ୍ୟର ଯେଉଁସବୁ ଅଞ୍ଚଳରେ ବ୍ୟାଙ୍କିଂ ସେବା ପହଞ୍ଚିପାରି ନାହିଁ ସେଠାରେ ବ୍ୟାଙ୍କିଂ ସେବାକୁ ନିଶ୍ଚିତ କରିବାପାଇଁ ସରକାରଙ୍କ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ରାଜ୍ୟରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ/ସଦସ୍ୟାଙ୍କୁ ନେଇ ବିକଳ୍ପ ବ୍ୟାଙ୍କିଂ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେମାନଙ୍କୁ ତାଲିମ ଦେଇ ବ୍ୟାଙ୍କି ସେବାର ମୁଖ୍ୟ ସଂଯୋଗକାରୀ କରାଯିବ। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏନେଇ ଅନୁଷ୍ଠିତ ବୈଠକରେ ଓଡ଼ିଶା ଜୀବିକା ମିଶନ ଓ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଚୁକ୍ତିନାମା ସମ୍ପାଦନା କରାଯାଇଛି। ଚୁକ୍ତିନାମା ଅନୁଯାୟୀ ରାଜ୍ୟର ଯେଉଁସବୁ ଅଞ୍ଚଳରେ ବ୍ୟାଙ୍କିଂସେବା ନାହିଁ ସେଠାରେ ପ୍ରାଥମିକତା ଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନିୟୋଜିତ କରାଯିବ। ସେମାନେ ଘର ଘର ବୁଲି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହ ନଗଦ ଅର୍ଥ ନେଣଦେଣ କରିବେ। ରାଜ୍ୟରେ ଏବେ ପ୍ରାୟ ୪୦୦୦ ପଞ୍ଚାୟତରେ ବ୍ୟାଙ୍କିଂ ସେବା ନଥିବାବେଳେ୨୦୧୮ ମାର୍ଚ୍ଚ ସୁଦ୍ଧା ୧୦୦୦ଟି ପଞ୍ଚାୟତରେ ଏହି ସହଭାଗିତା ବ୍ୟାଙ୍କିଂ ସେବା ଯୋଗାଇ ଦିଆଯିବ। ତେବେ ଏହି ସେବାକୁ ତ୍ୱରିତ ଭିତ୍ତିରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଏସ୍‌ବିଆଇର ପରିଚାଳନା ନିର୍ଦ୍ଦେଶକ ରଜ୍‌ନୀଶ କୁମାର କହିଛନ୍ତି ଯେ ବ୍ୟାଙ୍କିଂ କରେସ୍‌ପୋଣ୍ଡିଂ ସର୍ଭିସ ନିୟମ-୨୦୦୭ ଅନୁଯାୟୀ ଏହି ପଦକ୍ଷେପ ବ୍ୟାଙ୍କ ଉଠାଇପାରିବ। ଏହାଦ୍ୱାରା ସାଧାରଣଲୋକେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହିତ ସ୍ୱତନ୍ତ୍ର ମିଆଦୀ ଜମା କରିପାରିବେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନ୍‌ସନଯୋଜନା ପାଇଁ ମଧ୍ୟ ଆକାଉଣ୍ଟ ଖୋଲି ପାରିବେ। ଏଥିରେ ସାଧାରଣ ଲୋକଙ୍କୁ ଟଙ୍କା ନେଣ ଦେଣ ସୁବିଧା ଯୋଗାଇ ଦିଆଯିବା ସହିତ ରୁପେୟେ କାର୍ଡ ଯୋଗାଇ ଦିଆଯିବ। ବୈଠକ ପରେ ପଞ୍ଚାୟତିରାଜ ବିଭାଗ ସଚିବ ଡି କେ ସିଂହ କହିଥିଲେ ଯେ ଏହି ନେଣଦେଣ ବେଳେ ମିଶନ ପକ୍ଷରୁ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ,ସଦସ୍ୟାଙ୍କ ନିରାପତ୍ତାକୁ ମଧ୍ୟ ଦୃଷ୍ଟି ଦିଆଯିବ। ଏଥିରୁ ଯେଉଁ ଅର୍ଥ ଲାଭ ମିଳିବ ତା'ର ୯୦% ବ୍ୟାଙ୍କକୁ ଯିବାକୁ ରହିଥିବାବେଳେ ୧୦% ଏସ୍‌ଏଚ୍‌ଜି ସଦସ୍ୟଙ୍କ ଅର୍ଥ ପରିଚାଳନା ପାଇଁ ଖର୍ଚ୍ଚ ହେବ। ଏବେ ରାଜ୍ୟରେ ୩ଲକ୍ଷରୁ ଅଧିକ ଏସ୍‌ଏଚ୍‌ଜି ରହିଥିବାବେଳେ ଏଥିରେ ୩୦ଲକ୍ଷରୁ ଅଧିକ ସଭ୍ୟ/ସଭ୍ୟା ରହିଛନ୍ତି। ମାତ୍ର ଯେଉଁ ଅପହଞ୍ଚ ଇଲାକାରେ ବ୍ୟାଙ୍କିଂ ସେବା ନାହିଁ ସେଠାରେ ଏସ୍‌ଏଚ୍‌ଜି ସଭ୍ୟ/ସଭ୍ୟାମାନେ ବ୍ୟାଙ୍କର ବିକଳ୍ପ ସାଜିବେ ବୋଲି ଶ୍ରୀ ସିଂହ କହିଛନ୍ତି। ଆଜିର ଏହି ବୈଠକରେ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ, ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ତୁହିନକାନ୍ତ ପାଣ୍ଡେଙ୍କ ସହ ପଞ୍ଚାୟତିରାଜ ବିଭାଗ ଏବଂ ଏସ୍‌ବିଆଇର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଓଏଲ୍‌ଏମ୍ ଓ ଏସ୍‌ବିଆଇର ଚୁକ୍ତିନାମା

# 'ତାଲିକା ଦେଲେ ଅଭାବ ରହିବନି କିରାସିନି'

**ଭୁବନେଶ୍ୱର :** ଲୋକ ପାଉଥିବା ଟଙ୍କିକିଆ ଚାଉଳରେ କାହାର କେତେ ଭାଗ ତାହାକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ। ଚାଉଳ ପରେ ପରେ ପକ୍କା ଘର, ତା ପରେ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସକୁ ନେଇ ଟଣାଓଟରା ଚାଲିଲା। ଏହି ବିବାଦ ଥମି ନଥିବା ବେଳେ ଏବେ କିରାସିନି ପାଇଁ ଆରମ୍ଭ ହୋଇଛି ଲଢ଼େଇ। କୋଟା କାଟି ଦିଆଯିବା ଅଭିଯୋଗ କରିବା ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାହାକୁ କେତେ ଦରକାର ତାଲିକା ଦିଅନ୍ତୁ, କିରାସିନି ଅଭାବ ରହିବ ନାହିଁ ବୋଲି କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ କିରାସିନି କୋଟା କେନ୍ଦ୍ର ସରକାର କାଟି ଦେଇଛନ୍ତି ବୋଲି ରାଜ୍ୟର ଜଣେ ମନ୍ତ୍ରୀ ଅଭିଯୋଗ କରିଛନ୍ତି। ମାତ୍ର ସ୍ୱାଧୀନତା ପରେ କେଉଁ ରାଜ୍ୟକୁ କେତେ କିରାସିନି ଦିଆଯିବ ତାହା ଉଭୟ କେନ୍ଦ୍ର ଓ ରାଜ୍ୟ ମିଶି ସ୍ଥିର କରି ଆସୁଛନ୍ତି। ଗତବର୍ଷ ସାରା ଦେଶରେ ହାରାହାରି ପରିବାର ପିଛା ୨୫ ଲିଟର କିରାସିନି ଦିଆଯାଇଥିବା ବେଳେ ଓଡ଼ିଶାରେ ଏହାର ପରିମାଣ ୨୮ ଲିଟର। ସେହିପରି ଚଳିତ ବର୍ଷ ସାରା ଦେଶରେ ହାରାହାରି ପରିବାର ପିଛା ୧୯ ଲିଟର କିରାସିନି ମିଳୁଥିବାବେଳେ ଓଡ଼ିଶାରେ ଏହା ୨୪ ଲିଟର ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ସମସ୍ତେ ଜାଣନ୍ତି ଯେ ବିଜୁଳି ସଂଯୋଗ ଏବଂ ଏଲ୍‌ପିଜି ଇନ୍ଧନ ପହଞ୍ଚିଲେ କିରାସିନି ପ୍ରଦାନ କମ୍ ହେବ। ରାଜ୍ୟର ୪୦% ପରିବାର ଏଲ୍‌ପିଜି ବ୍ୟବହାର କରୁଛନ୍ତି। ୬୦% ପରିବାରକୁ ବିଜୁଳି ପହଞ୍ଚିଛି ବୋଲି ପରିସଂଖ୍ୟାନ କହୁଛି। କେନ୍ଦ୍ର ସରକାର ଓଡ଼ିଶାକୁ ୪୮ କିଲୋଲିଟର କିରାସିନି ଯୋଗାଉଛନ୍ତି। ତେଣୁ ଯେଉଁ ପରିବାରକୁ ବିଜୁଳି ପହଞ୍ଚି ନାହିଁ ଓ ରନ୍ଧନ ଗ୍ୟାସ ସଂଯୋଗ ହୋଇନାହିଁ, ସେହି କେବଳ ପରିବାରଗୁଡ଼ିକୁ କିରାସିନି ପ୍ରଦାନ କରାଯାଏ ତେବେ ପରିବାର ପିଛା ୪୦ ଲିଟର ଯୋଗାଇ ଦିଆଯାଇ ପାରିବ। ଗରିବ ଲୋକମାନଙ୍କୁ ରିଆତି କିରାସିନି ଯୋଗାଇବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ କାହାକୁ କେତେ କିରାସିନି ଦରକାର ରାଜ୍ୟ ତାଲିକା ଦେଉ, କିରାସିନି ଅଭାବ ରହିବ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେବଳ ଗରିବ ଲୋକମାନେ ହିଁ ରିଆତି କିରାସିନି ପାଇବାକୁ ହକ୍‌ଦାର, ତାହା ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ ବୋଲି ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।



# ନାମକୁ ମାତ୍ର ବିଦ୍ୟୁତ୍ ଥାନା; ବଢ଼ୁଛି ବିଦ୍ୟୁତ୍ ଚୋରି

**ଭୁବନେଶ୍ୱର :** ସେସୁ ପକ୍ଷରୁ ବିଦ୍ୟୁତ୍ ଚୋରି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ରାଜଧାନୀରେ ରୋକି ହେଉନି ବିଦ୍ୟୁତ୍ ଚୋରି। ସେସୁକୁ ସମସ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ଏକ ବିଦ୍ୟୁତ୍ ଥାନା ମଧ୍ୟ ସ୍ଥାପନ କରାଯାଇଛି। ମାତ୍ର ଏହି ଥାନା କୌଣସି କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି। ଗତ ପାଞ୍ଚବର୍ଷର ପରିସଂଖ୍ୟାନକୁ ଦେଖିଲେ ଭୁବନେଶ୍ୱରର ୩ଟି ଡିଭିଜନରେ ୬୯୨ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାତ୍ର ଜଣକ ନାଁରେ ବି ଏପର୍ଯ୍ୟନ୍ତ ଚାର୍ଜସିଟ୍ ଦାଖଲ ହୋଇନାହିଁ। ଏଣୁ ସେସୁର ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ବିଦ୍ୟୁତ୍ ଥାନାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ଚୋରି ରୋକିବା ପାଇଁ ସେସୁ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଉଥିଲେ ବି ଖୋଦ୍ ରାଜଧାନୀରେ ଲୋକେ ଅତି ଆରାମରେ ବିଦ୍ୟୁତ୍ ଚୋରି କରି ଚଳୁଛନ୍ତି। କମିଶନରେଟ୍ ପୋଲିସ ଅଧୀନରେ ଥିବା ବିଦ୍ୟୁତ୍ ଥାନାର ଅବସ୍ଥା ମଧ୍ୟ ନକହିବା ଭଲ। ଏହି ଥାନାରେ ଥିବା କର୍ମଚାରୀଙ୍କୁ ସର୍ବଦା ଅନ୍ୟ ଦାୟିତ୍ୱରେ ଲଗାଯାଉଛି। ତଥ୍ୟ ଅନୁଯାୟୀ, ୨୦୧୦ ମସିହାରେ ୧୪୧ ଜଣଙ୍କ ନାଁରେ ବିଦ୍ୟୁତ୍ ଚୋରି ମାମଲା ରୁଜୁ ହୋଇଥିବା ବେଳେ ୨୦୧୧ରେ ୧୪୧, ୨୦୧୨ରେ ୧୨୫, ୨୦୧୩ରେ ୧୦୮, ୨୦୧୪ରେ ୭୨, ୨୦୧୫ରେ ୧୦୪ ଓ ୨୦୧୬ରେ ୧୦୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏପରି ଭାବେ ବର୍ତ୍ତମାନ ସୁଦ୍ଧା ୬୯୨ଜଣଙ୍କ ନାଁରେ ବିଦ୍ୟୁତ୍ ଚୋରି ମାମଲା ରୁଜୁ ହୋଇଛି। ଏ ହେଉଛି ସେସୁ ଜାଣତରେ ହେଉଥିବା ଅପରାଧ। ଏବେ ବି ହଜାର ହଜାର ଲୋକେ ସେସୁ ଆଖିରେ ଅଙ୍ଗୁଳି ଖେଞ୍ଚି ବିଦ୍ୟୁତ୍ ଚୋରି କରି ଚାଲିଛନ୍ତି। ଏମିତି ବି ବହୁ ଲୋକ ଚୋରାରେ ନିକଟସ୍ଥ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦେଉଛନ୍ତି। ସେମାନେ ସେସୁକୁ ଠକି ମାସକୁ ହଜାର ହଜାର ଟଙ୍କା ଆଦାୟ କରି ନିଜ ପକେଟ ଗରମ କରୁଛନ୍ତି। ଏ ସମ୍ପର୍କରେ ନା ସେସୁ କି ବିଦ୍ୟୁତ୍ ଥାନା କେହି ଟେର ପାଉନାହାନ୍ତି। ଏପଟେ ବିଦ୍ୟୁତ୍ ପାଇଁ ଲୋକେ ଛଟପଟ ହେଉଛନ୍ତି। କେଉଁଠି ବିଦ୍ୟୁତ୍ ଆଦୌ ରହୁନାହିଁ ତ ଆଉ କେଉଁଠି ମିଞ୍ଜି ମିଞ୍ଜି ହୋଇ ଜଳୁଛି। ଏପଟେ ହଜାର ହଜାର ଲୋକେ ବିଦ୍ୟୁତ୍ ଚୋରି କରି ଚାଲିଛନ୍ତି। ସେଥିପାଇଁ ରାଜଧାନୀର ଲକ୍ଷାଧିକ ଲୋକ ପ୍ରଭାବିତ ହେଉଛନ୍ତି। ଗୋଟିଏ ପଟେ ବିଦ୍ୟୁତ୍ ଚାହିଦା ବଢ଼ି ବଢ଼ି ଚାଲିଥିବା ବେଳେ ଚୋରି ଯୋଗୁଁ ଅବସ୍ଥା ଆହୁରି ସଙ୍ଗୀନ ହୋଇପଡିଛି। ବିଦ୍ୟୁତ୍ ସରବରାହ ଜନିତ କ୍ଷତି ମଧ୍ୟ ରୋକିବାରେ ସେସୁ ବିଫଳ ହୋଇଛି। ଏବେ ବି ଶତକଡ଼ା ୧୦ ଭାଗରୁ ଅଧିକ କ୍ଷତି ହେଉଛି। ଏଣୁ ଏ ଦିଗରେ ସେସୁ ତୁରନ୍ତ ପଦକ୍ଷେପ ନେଉ ବୋଲି ସାଧଶରଣରେ ମତ ପ୍ରକାଶ ପାଇଛି।

### ଜିଲ୍ଲାପରିଷଦ ଅଧ୍ୟକ୍ଷ ନିର୍ବାଚନ ଆଇନ ସଂଶୋଧନ ମାମଲା

## ହାଇକୋର୍ଟ କହିଲେ ଅସାମ୍ବିଧାନିକ



**କଟକ :** ଜିଲ୍ଲାପରିଷଦ ଅଧ୍ୟକ୍ଷ ନିର୍ବାଚନ ପାଇଁ ମାର୍ଚ୍ଚ ୮ ତାରିଖରେ ରାଜ୍ୟ ସରକାର ଜାରି କରିଥିବା ସଂଶୋଧିତ ବିଜ୍ଞପ୍ତିକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୁଖ୍ୟ ବିଚାରପତି ବିନୀତ ଶରଣ ଓ ବିଚାରପତି ଡକ୍ଟର ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିସ୍ତୃତ ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ ସୁପ୍ରିମକୋର୍ଟ ଦେଇଥିବା କେତେକ ରାୟର ଉଦାହରଣ ଦେଇ ସଂଶୋଧିତ ବିଜ୍ଞପ୍ତି ବେଆଇନ ବୋଲି ଦର୍ଶାଇବା ସହ ତାହାକୁ ଅଚଳ କରିଦେଇଛନ୍ତି। ଫଳରେ ୧୯୯୪ରେ ପ୍ରଣୟନ କରାଯାଇଥିବା ଓଡ଼ିଶା ଜିଲ୍ଲାପରିଷଦ ଆଇନ ଏବେ ବଳବତ୍ତର ରହିଥିବା ସ୍ପଷ୍ଟ ହୋଇଛି। ତେବେ ସଂଶୋଧିତ ଆଇନ ଅନୁସାରେ ଯେଉଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି, ସେ ସମ୍ବନ୍ଧରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ଓ ନିର୍ବାଚନ ଚାଲିଥିବା ସମୟରେ ମାର୍ଚ୍ଚ ୮ ତାରିଖରେ ରାଜ୍ୟ ସରକାର ନିର୍ବାଚନ ଆଇନରେ ସଂଶୋଧନ ଆଣିଥିଲେ। ଏହାକୁ ବିରୋଧୀ ଦଳମାନେ ବିରୋଧ କରିଥିବା ବେଳେ ଭିନ୍ନ ଭିନ୍ନ ମହଲରେ ନାପସନ୍ଦ କରାଯାଇଥିଲା। ଏହି ସଂଶୋଧନକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ତେବେ ନିର୍ବାଚନ ସରିଯାଇଥିବାରୁ ବିରୋଧୀ ଦଳମାନେ ବିଶେଷ ଲାଭବାନ ହେବେନାହିଁ ବୋଲି କୁହାଯାଉଛି। ତେବେ ଅଧ୍ୟକ୍ଷ ନିର୍ବାଚନ ବେଆଇନ ଘୋଷିତ ହୋଇଥିବା ସାନି ନିର୍ବାଚନ ହେବ କି ନା' ତାହାକୁ ନେଇ ଚର୍ଚ୍ଚା ଚାଲିଛି।

# ବଢ଼ିଲା ୩ ମେଡିକାଲ କଲେଜର ୫୨ ପିଜି ସିଟ୍

**କଟକ :** ରାଜ୍ୟରେ ତିନୋଟି ମେଡିକାଲ କଲେଜରେ ପିଜି ସିଟ୍ ସଂଖ୍ୟା ବୃଦ୍ଧି କରାଯାଇଛି। ଏସ୍‌ସିବିରେ ୨୯, ବ୍ରହ୍ମପୁରରେ ୭ ଓ ବୁର୍ଲାରେ ୧୬ଟି ପିଜି ସିଟ୍ ସଂଖ୍ୟା ବଢ଼ିଥିବା ସୂଚନା ମିଳିଛି। ଏସ୍‌ସିବି ମେଡିସିନ୍ ବିଭାଗରେ ୯ଟି ସିଟ୍ ବଢ଼ିଥିବା ବେଳେ ପଲ୍‌ମନାରୀ ମେଡିସିନ୍‌ରେ ୧ଟି, ମାନସିକ ରୋଗ ଚିକିତ୍ସା ବିଭାଗରେ ୧ଟି, ଚର୍ମ ରୋଗ ବିଭାଗରେ ୧ଟି, ସର୍ଜରୀରେ ୫ଟି, ଅସ୍ଥିଶଲ୍ୟରେ ୮ଟି, ରେଡିଓଲୋଜିରେ ୧ଟି ଓ ଚକ୍ଷୁ ବିଭାଗରେ ୩ଟି ପିଜି ସିଟ୍ ବୃଦ୍ଧି ଘଟିଛି। ସେହିପରି ବ୍ରହ୍ମପୁର ମେଡିକାଲ କଲେଜର ଚକ୍ଷୁ ବିଭାଗରେ ୨ଟି ପିଜି ସିଟ୍ ବୃଦ୍ଧି ଘଟିଥିବା ବେଳେ ସର୍ଜରୀରେ ୪ଟି, ପ୍ରସୂତି ବିଭାଗରେ ୧ଟି ବୃଦ୍ଧି ପାଇଛି। ବୁର୍ଲା ମେଡିକାଲ କଲେଜର ଶିଶୁ ରୋଗ ବିଭାଗରେ ୩ଟି, ସର୍ଜରୀରେ ୫ଟି, ଚକ୍ଷୁରେ ୨ଟି, ପଲମନରୀ ମେଡିସିନ୍‌ରେ ୧ଟି ଏବଂ ନିଶ୍ଚେତକ ବିଭାଗରେ ୫ଟି ପିଜି ସିଟ୍ ବୃଦ୍ଧି ହୋଇଛି।

# ବୈଜ୍ଞାନିକଙ୍କ ମାର୍ଗଦର୍ଶକ କମଳା

**ଭୁବନେଶ୍ୱର :** ସେ ନିଜ ଜୀବନକାଳରେ କେବେ ବିଦ୍ୟାଳୟ ମାଟି ମାଡ଼ି ନାହାନ୍ତି। ରହନ୍ତି କୋରାପୁଟ ଜିଲାର ଏକ ଅଖ୍ୟାତ ପଲ୍ଲୀରେ। ସବୁପ୍ରକାର ସୂଚନା ପ୍ରଯୁକ୍ତି ସେବାଠାରୁ ବହୁ ଦୂରରେ ରହିଥିବା ଏହି ଆଦିବାସୀ ମହିଳାଙ୍କ ନିକଟରେ ଥିଲା କେବଳ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ଦରିଦ୍ର ଚାଷୀଙ୍କୁ କିଛି ନୂଆ ତଥା ସହଜ କୌଶଳ ଶିକ୍ଷାଦେବାର ପ୍ରୟାସ। ସେ ଆଜି ଯାହା କରି ଦେଖାଇଛନ୍ତି ତାହା କେବଳ ଭାରତ ନୁହେଁ ବରଂ ବିଦେଶର କୃଷି ବୈଜ୍ଞାନିକଙ୍କୁ ଚକିତ କରିଛି। ସେ ନିଜ ଉଦ୍ୟମ ବଳରେ ଧାନ କିସମର ସଂରକ୍ଷଣ ଓ ନିରନ୍ତର କୃଷି ପଦ୍ଧତି ଉଦ୍ଭାବନ କରିଛନ୍ତି, ଯାହା ବନ୍ୟା, ବାତ୍ୟା, ମରୁଡ଼ି, ରୋଗ ତଥା ପୋକ ଲାଗିବା ସମସ୍ୟାର ମୁକାବିଲା କରିପାରିବ। ଶସ୍ୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଅନେକ ବିଲୁପ୍ତପ୍ରାୟ ପାରମ୍ପରିକ ଧାନ କିସମ ସଂରକ୍ଷଣ କରି ସେ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ତାଙ୍କର ଏହି ଉଦ୍ଭାବନକୁ ଗଭୀର ଭାବେ ଅଧ୍ୟୟନ କରିବା ସହିତ ରାଜ୍ୟର କୃଷି କ୍ଷେତ୍ରରେ ତାଙ୍କ କୌଶଳ ଉପଯୋଗ କରିବା ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ମହିଳା ଜଣକ ହେଉଛନ୍ତି କୋରାପୁଟ ଜିଲାର ବାସିନ୍ଦା କମଳା ପୂଜାରୀ। ତାଙ୍କର ଏହି ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଏକ ଛାତ୍ରୀ ନିବାସକୁ କମଳା ପୂଜାରୀ ଛାତ୍ରୀନିବାସ ନାମରେ ନାମିତ କରାଯାଇଛି। କୋରାପୁଟ ଜିଲା ପାତ୍ରପୁଟ ଗ୍ରାମରେ ରହୁଥିବା କମଳାଙ୍କ ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ। ଓଳିଏ ନଖଟିଲେ ଦିନକୁ ଦୁଇବେଳା ଖାଇବା ଯୋଗାଡ଼ କରିବା ମୁସ୍କିଲ୍। କିନ୍ତୁ ତାହା ଭିତରେ ବି ନିଜ ଅଧ୍ୟବସାୟ ଜାରି ରଖିବାରେ ସେ ଆଦୌ ହେଳା କରି ନଥିଲେ। ଅନେକ ବର୍ଷ ଧରି ସେ କୃଷିରେ ବିଭିନ୍ନପ୍ରକାର ଉପାୟ ଅବଲମ୍ବନ କରି ପରୀକ୍ଷା ନିରୀକ୍ଷା ଚଳାଇ ଆସୁଛନ୍ତି। ବହୁ ବର୍ଷ ପୂର୍ବରୁ କୋରାପୁଟ ଜିଲାରେ ବହୁ ପ୍ରଜାତିର ଧାନ ଦେଖିବାକୁ ମିଳୁଥିବା ବେଳେ ସେ ନିଜ ଜୀବନକାଳ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ବିରଳ ଧାନ କିସମ ସଂରକ୍ଷିତ ରଖି ପାରିଛନ୍ତି। ଏହି ଉଦ୍ୟମ ମଧ୍ୟରେ ସେ ଅନେକ ଧାନ ଜାତୀୟ ଫସଲର ଏପରି କିଛି ଜେନୋଟାଇପ୍ କିସମ ଉଦ୍ଭାବନ କରିବାରେ ସଫଳ ହୋଇଛନ୍ତି। କମଳାଙ୍କର ଏହି କୌଶଳ ଉପଯୋଗ କରି ଫସଲର ପୁରାତନ କିସମ ସଂରକ୍ଷଣ କରିବା ଲାଗି ବିଭିନ୍ନ ଦେଶର କୃଷି ବୈଜ୍ଞାନିକ ଆତୁର ହୋଇ ଚାହିଁ ରହିଛନ୍ତି।

ଜୀବନବ୍ୟାପୀ ଅଧ୍ୟବସାୟ ସମ୍ପର୍କରେ କମଳା କହନ୍ତି, ନିଜ ଜେଜେ ବାପାଙ୍କ ସମୟରୁ ଚାଷ କାମରେ ଲାଗିଛନ୍ତି। ସେମାନଙ୍କ ପୂର୍ବଜ ଯେଉଁ କୌଶଳ ଅବଲମ୍ବନ କରିଥିଲେ, ତାହାକୁ ହିଁ ସେ ଆଜିପର୍ଯ୍ୟନ୍ତ ଅନୁକରଣ କରି ଚାଲିଛନ୍ତି। ଯଦ୍ଦ୍ୱାରା ତାଙ୍କ କୌଶଳ ଆଜି ଆଦିବାସୀବହୁଳ ଇଲାକାରେ ବହୁଳ ବ୍ୟବହାର ହେଉଛି। ଜୈବିକ ପଦ୍ଧତି ଅବଲମ୍ବନ କରି ନିରନ୍ତର କୃଷି ପ୍ରକ୍ରିୟା ଜାରି ରଖିଛନ୍ତି। ସଂରକ୍ଷିତ କିସମ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିରେ ଚାଷ ହୋଇ ପାରିବ। ନିଜ ସମ୍ପର୍କରେ ସେ କହନ୍ତି, ଆଗରୁ ଅନେକବାର ସରକାର ଓ ବିଦେଶୀ ଅନୁଷ୍ଠାନ ତାଙ୍କର ଉପଲବ୍ଧି ପାଇଁ ସମ୍ମାନିତ କରିଛନ୍ତି। କିନ୍ତୁ ଏହାଦ୍ୱାରା ତାଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ସରକାରଙ୍କ ନିକଟରୁ ତାଙ୍କୁ ସେପରି କୌଣସି ସହଯୋଗ ମଧ୍ୟ ମିଳିନାହିଁ। ଖେତରେ ଖଟିଲେ ପରିବାର ଚଳେ।



# ଶେଷରେ ଭଦ୍ରକ

**କଟକ :** ସମଗ୍ର ଦେଶରେ ଅଟଳ ମିଶନ ଫର୍ ରେଜୁଭେନଶନ ଆଣ୍ଡ ଅର୍ବାନ ଟ୍ରାନ୍‌ସଫର୍ମେଶନ (ଅମୃତ) ଯୋଜନାରେ ସାମିଲ ହୋଇଛି ଦେଶର ୫୦୦ଟି ସହର। ଏଥିମଧ୍ୟରୁ ୫୫ଟି ସହରର ଆର୍ଥିକ ସ୍ଥିତି ଭଲ ଥିବା ଆକଳନରୁ ଜଣାଯାଇଛି। ତେବେ ଏହି ତାଲିକାରେ କଟକ ମହାନଗର ନିଗମ (ସିଏମ୍‌ସି) ସ୍ଥାନ ପାଇଛି। ଫଳରେ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ଅନୁଦାନ ମିଳିବା ନିମନ୍ତେ ଏକପ୍ରକାର ପଥ ପରିଷ୍କାର ହୋଇଛି। ରାଜ୍ୟର ଏକମାତ୍ର ସହର ଭାବେ କଟକ ଏହି ଯୋଗ୍ୟତା ହାସଲ କରିଛି। ମାତ୍ର ଅମୃତ ଯୋଜନାରେ ସାମିଲ ହୋଇଥିବା ରାଜ୍ୟର ଅନ୍ୟ ସହର ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବାରିପଦା, ପୁରୀ ଓ ଭଦ୍ରକ ଏଥିରୁ ବାଦ୍ ପଡିଛନ୍ତି। ଏହିଭଳି ସମଗ୍ର ଦେଶରେ ମୋଟ ୩୯ଟି ସହରର ଆର୍ଥିକ ସ୍ଥିତି ଖରାପ ରହିଛି। ସେଥିପାଇଁ ସେହି ସହରଗୁଡିକୁ ନିଜର ଆର୍ଥିକ ସ୍ଥିତି ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକବର୍ଷ ସମୟ ପ୍ରଦାନ କରାଯାଇଛି। ପ୍ରକାଶଥାଉ କି ଦେଶର ୪୦୦୦ ଅର୍ବାନ ଲୋକାଲ ବଡି ମଧ୍ୟରୁ ୫୦୦ଟି ଅର୍ବାନ ଲୋକାଲ୍ ବଡି (ସହର)କୁ କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ସାମିଲ କରାଯାଇଥିଲା। ଏହି ଅର୍ବାନ ଲୋକାଲ ବଡିଗୁଡିକର ସମ୍ପତ୍ତି, ଦାୟିତ୍ୱ, ରାଜସ୍ୱ ଆୟର ଉତ୍ସ, ଅର୍ଥ ବିନିଯୋଗ ପାଇଁ ସୁଯୋଗ, ହିସାବ ପ୍ରକ୍ରିୟା ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାକୁ ନେଇ ଆର୍ଥିକ ଆକଳନ କରାଯାଇଥିଲା। କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଅର୍ବାନ ଲୋକାଲ ବଡିଗୁଡିକର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେଥିରେ ୧୪ ପ୍ରକାର ଗ୍ରେଡ୍ ବ୍ୟବସ୍ଥା ରହିଥିଲା। ପ୍ରଥମ ଗ୍ରେଡ୍‌ରେ ନୂଆଦିଲ୍ଲୀ ମ୍ୟୁନିସିପାଲ କାଉନସିଲ, ନାଭି ମୁମ୍ବାଇ ଓ ପୁଣେ ଏବଂ ଦ୍ୱିତୀୟ ଗ୍ରେଡ୍‌ରେ ଅହମ୍ମଦାବାଦ, ବିଶାଖପାଟଣା ଓ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେସନ ସ୍ଥାନ ପାଇଛି। ନବମ ଗ୍ରେଡ୍‌ରେ ମହାରାଷ୍ଟ୍ରର

## ଅମୃତ ଯୋଜନା ରିପୋର୍ଟ

ଅମରାବତୀ, କର୍ଣ୍ଣାଟକର ବାଲଗାଡି, ଗୁଜରାଟର ଭାରୁଚ ଓ ଭାବନଗର, ରାଜସ୍ଥାନର ଭରତପୁର, ଭାଲୱାରୀ, ବିକାନେର, ହନୁମାନଗଡ, ଆନ୍ଧ୍ରପ୍ରଦେଶର ଚିତ୍ତୋର, କୁଡାପାଡା, ଓଡ଼ିଶାର କଟକ, ଝାଡଖଣ୍ଡର ରାଞ୍ଚି ରହିଛି। ସେହିପରି ଏକାଦଶ ଗ୍ରେଡ୍‌ରେ ଓଡ଼ିଶାର ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସମେତ ଅନ୍ୟ ରାଜ୍ୟର ସହର ସ୍ଥାନିତ ହୋଇଛି। ତ୍ରୟୋଦଶରେ ଓଡ଼ିଶାର ବାରିପଦା, ପୁରୀ ସହର ସହ ଝାଡଖଣ୍ଡର ଗାଜିଆବାଦ ରହିଛି। ତାଲିକାର ଶେଷ ସ୍ଥାନ ଗ୍ରେଡ୍ ଚତୁର୍ଦ୍ଦଶରେ ଏକମାତ୍ର ଓଡ଼ିଶାର ଭଦ୍ରକ ସହର ରହିଛି। ଦଶମରୁ ଚତୁର୍ଦ୍ଦଶ ଗ୍ରେଡ୍ ମଧ୍ୟରେ ରହିଥିବା ୩୯ଟି ଅର୍ବାନ ଲୋକାଲ ବଡି ଆଗାମୀ ଏକବର୍ଷ ମଧ୍ୟରେ ସେମାନଙ୍କର ଆର୍ଥିକ ସ୍ଥିତି ସୁଧାରିବାକୁ କେତେକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ରହସ୍ୟମୟ ଯାଗଁତି ଉମାମହେଶ୍ୱର ମନ୍ଦିର

ଆନ୍ଧ୍ରପ୍ରଦେଶରେ ରହିଛି ଯାଗଁତି ଉମାମହେଶ୍ୱର ଶିବମନ୍ଦିର । ଏହା ଅତି ରହସ୍ୟମୟ । ସତେ ଯେମିତି ମଣିଷ ବର୍ଷ ବର୍ଷ ଧରି ଈଶ୍ୱରୀୟ ସତ୍ତା ଉପରୁ ଆସ୍ଥା ହଟାଇବାର ନାଁ ମଧ୍ୟ ଧରୁନି । ଯେଉଁଠି ଈଶ୍ୱର, ସେହିଠାରେ ହିଁ ଲୁଚି ରହିଥାଏ ରହସ୍ୟ । ଈଶ୍ୱରଙ୍କ ଲୀଳାକୁ ଭକ୍ତ ଓ ଶ୍ରଦ୍ଧାଳୁ ଯୁଗ ଯୁଗ ଧରି ମାନି ନେଇଛନ୍ତି । ଆଉ ବିଜ୍ଞାନ ଓ ବିଶ୍ୱାସର ମାନସିକ ସଂଗ୍ରାମର ଯେମିତି ଅନ୍ତ ନାହିଁ, ସେହିଭଳି ରହସ୍ୟମୟ ଲୋକବିଶ୍ୱାସର ମଧ୍ୟ ଅନ୍ତ ନାହିଁ । ସେମିତି ବିଶ୍ୱାସ ସହ କୁରନୁଲଠାରେ ରହିଛି ଏହି ମନ୍ଦିର । କୁରନୁଲଠାରୁ ପ୍ରାୟ ୧୦୦ କିଲୋମିଟର ଗଲା ପରେ ବନାଗନପାଲେ ମଣ୍ଡଳଠାରୁ ପଶ୍ଚିମ ଦିଗକୁ ୧୪ କିଲୋମିଟର ଯିବା ପରେ ଏହି ମନ୍ଦିର ପଡ଼ିଥାଏ । ଏହି ମନ୍ଦିରର ଆକାର ପରିବର୍ତ୍ତନ କରୁଥିବା ଶିବଲିଙ୍ଗ ବିଷୟରେ ଜାଣିଥିଲେ କିନ୍ତୁ କୁରନୁଲର ଯାଗଁତି ଉମାମହେଶ୍ୱର ଶିବମନ୍ଦିର ରହସ୍ୟ ହେଉଛି ଭିନ୍ନ । ଏଠାରେ ଥିବା ଏହି ଶିବ ମନ୍ଦିରରେ ଶିବଲିଙ୍ଗ ନୁହେଁ, ବରଂ ଏଠାରେ ଥିବା ଦେବଦେବ ମହାଦେବଙ୍କ ବାହନ ନନ୍ଦୀଙ୍କ ଆକାର ପରିବର୍ତ୍ତନ ହେଉଛି । ଏହି ଘଟଣା କେତେ ରହସ୍ୟମୟ, ତାହା ଭାବନ୍ତୁ । ଆପଣ ଏହି ମନ୍ଦିରକୁ ଗଲେ ଦେଖିବାକୁ ପାଇବେ ଏକ ବିଶାଳ ଆକୃତିର ନନ୍ଦୀ ମୂର୍ତ୍ତି । ଆଉ ଭକ୍ତମାନଙ୍କର ବିଶ୍ୱାସରେ ଏହି ମୂର୍ତ୍ତିର ଆକାର ପରିବର୍ତ୍ତନ ହେଉଛି । ବର୍ଷ ବର୍ଷ ଧରି ନନ୍ଦୀ ମୂର୍ତ୍ତିର ଆକାରରେ ପରିବର୍ତ୍ତନ ଘଟି ଆଜି ଏହି ଅବସ୍ଥାରେ ପହଞ୍ଚିଛି । ବିଶ୍ୱାସ ଅନୁସାରେ ଏହି ମନ୍ଦିର ବିଜୟନଗରମ୍ ରାଜ୍ୟର ରାଜା ହରିହର ବୁକ୍କାରାୟ ନିର୍ମାଣ କରିଥିଲେ । ଆଉ ଏହି ମନ୍ଦିର ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ତେବେ ଏସବୁ ଭିତରେ ମହାଦେବଙ୍କ ବାହନ ନନ୍ଦୀ ହିଁ ସବୁଠାରୁ ରହସ୍ୟମୟ । ନନ୍ଦୀଙ୍କର ଆକାର ପରିବର୍ତ୍ତନ ହିଁ ଏହାର ମୂଳ ରହସ୍ୟ । ଏପରିକି ଏହି ନନ୍ଦୀ ମୂର୍ତ୍ତିଙ୍କର ଆକାର ପରିବର୍ତ୍ତନ ଯୋଗୁଁ ମନ୍ଦିର କର୍ତ୍ତୃପକ୍ଷ ଏହି ସ୍ଥାନରୁ ଏକ ସ୍ତମ୍ଭକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ କିଛି ବିଶେଷଜ୍ଞମାନେ ଏଠାରେ ଥିବା ନନ୍ଦୀ ମୂର୍ତ୍ତିଙ୍କ ନିର୍ମାଣରେ ଲାଗିଥିବା ପଥର ଏପରି ଆକାର ପରିବର୍ତ୍ତନ କରିବା ପଛର କାରଣ ବୋଲି କହିଥାନ୍ତି ।

ଏହି ମନ୍ଦିରକୁ ନେଇ ଏକ କିମ୍ବଦନ୍ତୀ ରହିଛି । ଋଷି ଅଗସ୍ତ୍ୟ ଏହି ସ୍ଥାନରେ ଏକ ଭେଙ୍କଟେଶ୍ୱର ମନ୍ଦିର ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ । ହେଲେ ଏଠାରେ ଭେଙ୍କଟେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ହେବା ପୂର୍ବରୁ ଭାଙ୍ଗିଯାଇଥିଲା । ଏଥିରେ ଋଷି ଅଗସ୍ତ୍ୟ ଖୁବ୍ ମର୍ମାହତ ହୋଇଥିଲେ । ଆଉ ଦେବଦେବ ମହାଦେବଙ୍କୁ ତପସ୍ୟା କରିଥିଲେ । ମହାଦେବ ତାଙ୍କ ତପସ୍ୟାରେ ଖୁସିହୋଇ ଏହି ସ୍ଥାନରେ ଉଭା ହୋଇଥିଲେ ଓ ଋଷି ଅଗସ୍ତ୍ୟଙ୍କୁ ଏହି ସ୍ଥାନ ଶିବ ଉପାସନା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ । ତେଣୁ ଋଷି ଅଗସ୍ତ୍ୟ ଏଠାରେ ଶିବ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ଯୋଜନା କଲେ ଏବଂ ଭଗବାନ ଶିବଙ୍କୁ ଏଠାରେ ମାତା ପାର୍ବତୀଙ୍କ ଏକ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ । ଆଉ ସେହିଦିନଠାରୁ ଏହି ମନ୍ଦିରରେ ଭଗବାନ ଶିବ ହିଁ ଉମାମହେଶ୍ୱର ଭାବରେ ଉପାସିତ ହୋଇ ଆସୁଛନ୍ତି । ତେଣୁ ଏଠାରେ ଶିବ ଉପାସନା ଅନେକ ଯୁଗରୁ ଚାଲିଥିବା କଥା ବିଶ୍ୱାସ କରାଯାଏ । ଏହି ସ୍ଥାନରେ ଆଉ ଏକ ରହସ୍ୟ ମଧ୍ୟ ରହିଛି । କୁହାଯାଏ ଯେ ଏହି ସ୍ଥାନରେ କାଉମାନଙ୍କୁ ଦେଖିବାକୁ ମିଳେନି । କାଉକୁ ଏହି ମନ୍ଦିରରେ ପ୍ରବେଶ ଅଧିକାର ନାହିଁ । ଏହା ପଛରେ ବି ରହିଛି କିମ୍ବଦନ୍ତୀ । କୁହାଯାଏ ଯେ ଋଷି ଅଗସ୍ତ୍ୟ ଏହି ସ୍ଥାନରେ ଭଗବାନ ଶିବଙ୍କୁ ତପସ୍ୟା କରୁଥିବା ସମୟରେ କାଉମାନେ ରାବିବା ଦ୍ୱାରା ତାଙ୍କର ତପସ୍ୟାରେ ବିଘ୍ନ ହୋଇଥିଲା । ଆଉ ସେ କାଉମାନଙ୍କୁ ଏହି ସ୍ଥାନରୁ ସବୁଦିନ ପାଇଁ ଦୂରେଇ ରହିବାର ଅଭିଶାପ ଦେଇଥିଲେ । ଆଉ ସେହିଦିନଠାରୁ କାଉମାନେ ଏହି ମନ୍ଦିରଠାରୁ ଦୂରେ ରହୁଛନ୍ତି । ସତରେ କେତେକ ରହସ୍ୟମୟ ଏସବୁ କାହାଣୀ !!

କେବଳ ସେତିକି ନୁହେଁ, ଭକ୍ତଙ୍କ ବିଶ୍ୱାସ ରହିଛି ଯେ ଯଦି ଆପଣଙ୍କର କିଛି ମନସ୍କାମନା ଥାଏ, ତା'ହେଲେ ଆପଣ ଏହି ବଢୁଥିବା ଏହି ନନ୍ଦୀଙ୍କର କାନରେ ଯଦି ତାହା କହିଥାନ୍ତି, ତେବେ ତାହା ନିଶ୍ଚୟ ପୂରଣ ହୋଇଥାଏ । କେମିତି ଏହା ସମ୍ଭବ ? ନନ୍ଦୀ କ'ଣ ଭକ୍ତମାନଙ୍କର ମନସ୍କାମନା ନିଜ ପ୍ରଭୁ ଦେବଦେବ ମହାଦେବଙ୍କ ନିକଟରେ ଜଣାଇ ତାହା ପୂରଣ କରିଥାନ୍ତି । କାରଣ ବିଶ୍ୱାସ ଅନୁସାରେ ଏଠାରେ ନନ୍ଦୀ ଏବେ ଜାଗ୍ରତ ଅବସ୍ଥାରେ ରହିଛନ୍ତି । ଆଉ କଳିଯୁଗ ଶେଷରେ ଏହିଠାରେ ପୁଣି ଭଗବାନ ଶିବଙ୍କ ବାହନ ପୁରାଣବର୍ଣ୍ଣିତ ନନ୍ଦୀ ନିଜ ରୂପ ଧାରଣ କରିବେ । ଭାବନ୍ତୁ କେତେ ରହସ୍ୟମୟ ଏ ଲୋକବିଶ୍ୱାସ । ସତରେ କ'ଣ ନନ୍ଦୀ ଏହି ଜାଗାରେ କଳିଯୁଗ ଶେଷ ହେବାର ଘୋଷଣା କରିବେ ! ଆଉ ଏ ନନ୍ଦୀଙ୍କର ମୂର୍ତ୍ତି ଜୀବନ୍ତ ହେବେ ! ଏସବୁ ପ୍ରଶ୍ନ ମନଭିତରେ ଆସୁଥିଲେ ମଧ୍ୟ ଲୋକବିଶ୍ୱାସରେ କିନ୍ତୁ ଏହା ନିଜ ସ୍ଥାନ ଅକ୍ତିଆର କରି ରହିଛି । ଯାହା ଆଜି ନୁହେଁ, ବର୍ଷ ବର୍ଷ ଧରି ଏମିତି ରହିଆସିଛି ।



ଉପସ୍ଥାପନା : ଜାହ୍ନବୀସୁତ





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ପରେ ରାଜ୍ୟ ରାଜନୀତିକୁ ଏହା ବେଶ୍ ଉଷ୍ମ ଓ ରୋଚକ କରିଥିଲା । ବୈଜୟନ୍ତ ତାଙ୍କ ଲେଖାରେ ଉଲ୍ଲେଖ କରିଥିଲେ ଯେ "ଦକ୍ଷ ନେତୃତ୍ୱ ଯୋଗୁଁ କେତେକ ରାଜନୈତିକ ଦଳ ଏବେ ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇଛନ୍ତି । ଯଦି ବିଜେଡି ପ୍ରତିଷ୍ଠାତା ଏ ଦିଗ ପ୍ରତି ଜରୁରୀକାଳୀନ ଭିତ୍ତିରେ ଗୁରୁତ୍ୱ ନଦେବେ ତେବେ ଆଗାମୀ ଦିନରେ ବିଜେଡ଼ି ପ୍ରତି ଏହା ଚ୍ୟାଲେଞ୍ଜ ସୃଷ୍ଟି କରିବା ନିଶ୍ଚିତ । ସେ ମଧ୍ୟ ଆହୁରି ଦର୍ଶାଇଛନ୍ତି ଯେ ୧୯୯୭ ମସିହାରେ ଉଠିଥିବା ବ୍ୟାପକ ଦୁର୍ନୀତି, ଜଘନ୍ୟ ଅପରାଧୀଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ ଭଳି ଅଭିଯୋଗ ଗତ ୩ବର୍ଷ ଭିତରେ ପୁଣି ଉଠିଛି । ଏବେ ଆମ ରାଜ୍ୟରେ ବହୁ ଯୁବ ଭୋଟର ଅଛନ୍ତି । ନବେ ଦଶକରେ ହୋଇଥିବା ଅନ୍ୟାୟ ଓ ଶୋଷଣ ବିଷୟରେ ସେମାନଙ୍କର କିଛି ଧାରଣା ନାହିଁ । ସେମାନେ କେବଳ ଏବେକାର ଅନ୍ୟାୟ, ଶୋଷଣ ବିଷୟରେ ଉଦ୍‌ବିଗ୍ନ ।" ଏହି ଲେଖା ବିଜେଡ଼ି ରାଜନୀତିକୁ ସରଗରମ କରିଦେଇଛି । ଦଳର କିଛି ବରିଷ୍ଠ ନେତା ବୈଜୟନ୍ତଙ୍କ ମତକୁ ହଜମ କରିପାରି ନାହାନ୍ତି । ବିଜେଡ଼ି ସମେତ ଅନ୍ୟାନ୍ୟ ଦଳରେ ମଧ୍ୟ ଏହାକୁ ନେଇ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପରିକି ବିଜେପିର ଟ୍ୱିଟର ଆକାଉଣ୍ଟରେ ବୈଜୟନ୍ତଙ୍କ ଲେଖାକୁ ଉଲ୍ଲେଖ କରି ଧର୍ମେନ୍ଦ୍ରଙ୍କ ନେତୃତ୍ୱକୁ ଡ଼ର ବୋଲି ଦର୍ଶାଯାଇଛି । ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ବିଜେଡ଼ି ଭିତରେ ଗୁଣ୍ଡାରାଜ ଚାଲିଛି ଏବଂ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଧରି ଦଳ ଶାସନ ଚଳାଇଛି । ୨୦୦୯ ମସିହାରୁ ବିଜେପି କହିଆସୁଥିଲା, ସେକଥା ଏବେ ପଦାକୁ ଆସିଛି । ଅନୁରୂପ ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଏବେ ପଲ୍ଲୀଠୁ ରାଜଧାନୀ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ଭରିଗଲାଣି । ଏହାକୁ ନେଇ ବିଜେଡ଼ି ଭିତରେ ଫାଟ ସୃଷ୍ଟି ହୋଇଥିବା କଥା ସ୍ପଷ୍ଟ ହୋଇଗଲାଣି । ବରିଷ୍ଠ ନେତା ଦାମୋଦର ରାଉତ ଦଳ ସମ୍ପର୍କରେ ବୈଜୟନ୍ତଙ୍କ ଏଭଳି ଲେଖାକୁ ନାପସନ୍ଦ କରିଥିଲେ । ସେ କହିଥିଲେ ଯେ ଗଣମାଧ୍ୟମରେ ଦଳ ବିଷୟରେ ଏଭଳି ପ୍ରକାଶ କରାଯିବା ଉଚିତ ନୁହଁ । ନେତା ଦଳ ସଜାଡ଼ିବା ବିଷୟରେ ମତ ରଖିବା ଭଲ କଥା । ବୈଜୟନ୍ତ ଦଳୀୟ ବୈଠକରେ ଏକଥା କହିଥିଲେ ଭଲ ହୋଇଥାନ୍ତା । ବାହାରେ କହି ନିଆଁରେ ଘିଅ ଢ଼ାଳିବା ଭଳି ହୋଇଛି । ପ୍ରଚାରରେ ବଢୁଥିବା ଦଳକୁ ଏହା ସୁହାଇବ । ଏଥିପ୍ରତି ଗୁରୁତ୍ୱ ଦିଆ ନଗଲେ ଦଳ ପାଇଁ ଏହା ଆହ୍ୱାନ ହେବ । ସେହିପରି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଥିଲେ ଯେ ଗଣମାଧ୍ୟମରେ ଏପରି ଆଲୋଚନା ସମୀଚିନ ନୁହେଁ । ଏ ସମ୍ପର୍କରେ ଦଳୀୟ ମଞ୍ଚରେ ଆଲୋଚନା କରିବା କିମ୍ବା ଏ ବିଷୟରେ ଚିଠି ଲେଖି ସଭାପତିଙ୍କୁ ଜଣାଇବା ଉଚିତ ହୋଇଥାନ୍ତା ।

### ୩,୧୫୭ଟି ...

ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି ଓ ୨୭ଟି ବିଚାରାଧୀନ ଥିବା ବିଭାଗ କହିଛି । ୩୧୫୭ଟି ପ୍ରତାରଣା ମାମଲା ରୁଜୁ ହୋଇଥିଲା । ଠକ ଅର୍ଥଲଗାଣକାରୀ ସଂସ୍ଥାଗୁଡ଼ିକ ଲୋକଙ୍କୁ ଲୋଭ ଦେଖାଇ ଅର୍ଥ ସଂଗ୍ରହ କରି ପଳାଇ ଯାଇଥିବାରୁ ଏସବୁ ମାମଲା କରାଯାଇଛି । ଏଥିରୁ ୯୪୦ଟି ମାମଲାର ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ସେହିପରି ୨୦୧୬ରେ ୧୯୧୪ଟି ଦଙ୍ଗା ମାମଲା ପଞ୍ଜୀକୃତ ହୋଇଥିଲା । ସେହିବର୍ଷ ୨୧୪୪ଟି ବଳାତ୍କାର ମାମଲା ମଧ୍ୟରୁ ୧୩୫୦ଟିରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି । ନାରୀମାନଙ୍କ ବିରୋଧରେ ଘଟୁଥିବା ଅପରାଧଗୁଡ଼ିକ ନିରାକରଣ ଓ ଏହାର ତ୍ୱରିତ ଅନୁସନ୍ଧାନ ପାଇଁ ତୃଣମୂଳ ସ୍ତରରେ ପୁଲିସ ଅଫିସରଙ୍କୁ ସାହାଯ୍ୟ କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ସଂକ୍ଷିପ୍ତ ପୁସ୍ତିକା ପ୍ରଚଳନ କରାଯାଇଛି । ସେହିବର୍ଷ ୧୦ ହଜାର ୫୩୨ଟି ମୋଟର ଯାନ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା । ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ ଆଇନରେ ୬୫ଟି ମାମଲା ରୁଜୁ କରାଯାଇଥିଲା । ୫୮୬୬ଟି ଯୌତୁକଜନିତ ମାମଲା ମଧ୍ୟରୁ ୩୩୨୯ଟି ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିବାବେଳେ ୨୫ଟିର ଚୂଡ଼ାନ୍ତ ରିପୋର୍ଟ ସତ୍ୟ ବୋଲି ଜଣାପଡ଼ିଛି । ଯୌତୁକଜନିତ ନିର୍ଯାତନା ଉପରେ ୩ ହଜାର ୫୦୯ଟି ମୋକଦ୍ଦମା ମଧ୍ୟରୁ ୭୦ଟି ମିଥ୍ୟା ପ୍ରମାଣିତ ହୋଇଛି ଓ ୧୭ଟି ସତ୍ୟ ବୋଲି ଜଣାପଡ଼ିଛି । ଅଣଯୌତୁକ ନିର୍ଯାତନା ମାମଲାରେ ୬୨୨ଟି ମୋକଦ୍ଦମା ତଦନ୍ତାଧୀନ ଅଛି । ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଉପରେ ହୋଇଥିବା ନିର୍ଯାତନା ମଧ୍ୟରୁ ୧୩୦୯ଟି ମୋକଦ୍ଦମା ତଦନ୍ତାଧୀନ ରହିଛି । ରାଜ୍ୟର ୩୦ଟି ଜିଲା ମୁଖ୍ୟାଳୟ ଓ ୩୧୪ଟି ବ୍ଲକ ମୁଖ୍ୟାଳୟରେ ଏହି ବର୍ଗର ଜନସାଧାରଣଙ୍କୁ ଆଇନଗତ ସହାୟତା ଦେବାପାଇଁ ଆଇନ ସହାୟତା କେନ୍ଦ୍ର ଖୋଲାଯାଇଛି । ସେଠାରେ ୫୯୩ ଜଣ ଆଇନଜୀବୀ ନିୟୋଜିତ ରହିଛନ୍ତି । ୨୦୧୬ ମସିହାରେ ନାଗରିକ ଅଧିକାର ସଂରକ୍ଷଣ ସମ୍ପର୍କିତ କୌଣସି ମକଦ୍ଦମା ରୁଜୁ ହୋଇନଥିବା ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ମହିଳା ଓ ଶିଶୁମାନଙ୍କ ସାମାଜିକ ତଥା ଆଇନଗତ ସ୍ୱାର୍ଥରକ୍ଷା ନିମନ୍ତେ ସରକାର ୫୩୭ଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠା କରିଥିବା ଏଥିରେ ଉଲ୍ଲେଖ କରିଛନ୍ତି । ସମୁଦ୍ର ପଥ ଦେଇ ଅବୈଧ ଅସ୍ତ୍ରଶସ୍ତ୍ରର ଆମଦାନି ଓ ରପ୍ତାନୀକୁ ରୋକିବା, ଅନୁପ୍ରବେଶ ଓ ଅନଧିକାର ମାଛମରା ଏବଂ ଦେଶଦ୍ରୋହୀମାନଙ୍କ ଅନୁପ୍ରବେଶ ଉପରେ କଟକଣା ପାଇଁ ଉପକୂଳ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଓଡ଼ିଶା ଉପକୂଳର ସୁରକ୍ଷାକୁ ମଜବୁତ କରିବା ପାଇଁ ୧୮ଟି ସାମୁଦ୍ରିକ ଥାନା କାର୍ଯ୍ୟକ୍ଷମ ହୋଇଛି । ଦେଶର ଅଭ୍ୟନ୍ତରୀଣ ନିରାପତ୍ତା ପରିପ୍ରେକ୍ଷୀରେ ରାଜ୍ୟରେ ସନ୍ତ୍ରାସବାଦ ଗତିବିଧିକୁ ନିୟନ୍ତ୍ରଣ କରାଯାଇପାରିଥିବା କୁହାଯାଇଛି । ସେହିପରି ମାଓବାଦୀ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଥିବା ଗୃହ ବିଭାଗ ପ୍ରକାଶ କରିଛି । ଏହି ସମୟ ମଧ୍ୟରେ ୬୮ଟି ମାଓବାଦୀଜନିତ ଘଟଣା ଘଟିଥିବା ବେଳେ ସେଥିରୁ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ୩୩ଥର ଗୁଳି ବିନିମୟ ଘଟଣା ଘଟିଛି । ଏଥିରେ ୨୩ଜଣ ସାଧାରଣ ବ୍ୟକ୍ତି ଓ ୩ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଛି । ମାଓବାଦୀ ବିରୋଧୀ କାର୍ଯ୍ୟାନୁଷ୍ଠାନରେ ୩୯ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ୩୫ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ୩୧ ଜଣ ଆତ୍ମସମର୍ପଣ କରିଛନ୍ତି । ମାଓବାଦୀ କାର୍ଯ୍ୟକଳାପ ଦମନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନିରାପତ୍ତା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସୁରକ୍ଷାବଳଙ୍କ ଉଦ୍ୟମ ଯୋଗୁ ସଫଳତା ମିଳିଥିବା ଗୃହ ବିଭାଗ ସୂତ୍ରରୁ କୁହାଯାଇଛି ।

### ଜୁନ୍ ଯାଏ ...

ସଂକ୍ରାନ୍ତ ସଂଶୋଧନ ପ୍ରସ୍ତାବ ମଧ୍ୟ ଅନୁମୋଦନ ହୋଇଛି । ଅଡ଼ିଟରମାନଙ୍କ ସେବା ସର୍ତ୍ତାବଳୀ ଓ ଓଡ଼ିଶା ଜଙ୍ଗଲ ସେବା କ୍ୟାଡ଼ର ସର୍ତ୍ତାବଳୀରେ ସାମାନ୍ୟ ସଂଶୋଧନ କରାଯାଇଛି । ଅପରପକ୍ଷରେ ରାଜସ୍ୱ ବିଭାଗ ଓ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଦୁଇଟି ନୂଆ ପ୍ରସ୍ତାବ ମଧ୍ୟ କ୍ୟାବିନେଟ୍ ମୋହର ମାରିଛି । ରାଉରକେଲାରେ ଆଇଟି ପାର୍କ ସ୍ଥାପନ ପାଇଁ ୩.୫ ଏକର ଜମି ଓ କଟକ ଜିଲାର ତ୍ରିଶୁଳିଆ ନିକଟରେ ଓମ୍‌ଫେଡ଼ର ନୂତନ ଶୀତଳୀକରଣ ପ୍ଲାଣ୍ଟ ପାଇଁ ୫୧ ଏକର ଜମି ଦିଆଯିବା ସଂକ୍ରାନ୍ତରେ ରାଜସ୍ୱ ବିଭାଗର ଦୁଇଟି ପ୍ରସ୍ତାବ ମଧ୍ୟ ଅନୁମୋଦିତ ହୋଇଥିବା ଜଣାପଡ଼ିଛି । ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ଏଣିକି ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଆବଶ୍ୟକ ଜମି ଲାଗି ପ୍ରିମିୟମ ଦେବାକୁ ପଡ଼ିବ ନାହିଁ । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲା । ଏହାକୁ ବିଚାର କରାଯାଇ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ସରକାର ମାଗଣାରେ ଜମି ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

### ଠିକ୍ ସମୟରେ ...

ଏହାର ପ୍ରଭାବରେ ସାମୁଦ୍ରିକ ସ୍ରୋତ ଏବଂ ବାୟୁ ପ୍ରବାହ ନିଜ ଚରିତ୍ର ବଦଳାଇ ଦେଇଥାଏ । ଯେଉଁଥିପାଇଁ ସାରା ବିଶ୍ୱରେ ପାଣିପାଗ ପ୍ରଭାବିତ ହୁଏ । ମୌସୁମୀ ପ୍ରବାହ ବି ବେହିସାବ ହୋଇଯାଏ । ୨୦୧୫ରେ ଏଲ୍ ନିନୋ ସର୍ବୋଚ୍ଚ ସତରରେ ଥିଲା । ଦେଶରେ ବର୍ଷା ହଜିଯାଇଥିଲା । ଫଳରେ ଭୟଙ୍କର ମରୁଡ଼ି ଦେଖାଦେଇଥିଲା । ଏହି ଭୟଙ୍କର ମରୁଡ଼ିରୁ ଓଡ଼ିଶା ବି ବର୍ତ୍ତି ନଥିଲା । ଲା ନିନୋ ହେଉଚି ଏଲ୍ ନିନୋର ବିପରୀତ, ଅର୍ଥାତ୍ ଜଳ ଶୀତଳୀକରଣ । ଡକ୍ଟର ପଶୁପାଳକଙ୍କ ପୂର୍ବାନୁମାନ ଅନୁସାରେ ଉପକୂଳ, ଦକ୍ଷିଣ ଉପକୂଳ ଏବଂ ଉତ୍ତର ଓଡ଼ିଶାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ସମ୍ଭାବନା ରହିଛି । ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାରେ ବି ସ୍ୱାଭାବିକ ବର୍ଷା ହେବ । ଧାର୍ଯ୍ୟ ସମୟ, ଅର୍ଥାତ୍ ଜୁନ୍ ୧୦ ତାରିଖ ସୁଦ୍ଧା ମୌସୁମୀ ଓଡ଼ିଶାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ଜୁନ୍ ଠାରୁ ସେପ୍ଟେମ୍ବର ଭିତରେ ବର୍ଷାର ବିତରଣ ଏବର୍ଷ ସ୍ୱାଭାବିକ ରହିବ ବୋଲି ଅନୁମାନ କରାଯାଉଛି । ଜୁନ୍ ମାସରେ ସାମାନ୍ୟ ଅଧିକ ବର୍ଷା ହୋଇପାରେ । ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବରରେ ମଧ୍ୟ ଭଲ ବର୍ଷା ହେବାର ସମ୍ଭାବନା ରହିଛି । ମୌସୁମୀ ୪ ମାସରେ ଓଡ଼ିଶାରେ ପାଖାପାଖି ୧୧୫୦ ମିଲିମିଟର ବର୍ଷା ହୋଇଥାଏ । ଜୁନ୍‌ରେ ୨୨୦ ମିଲିମିଟର, ଜୁଲାଇରେ ୩୩୭, ଅଗଷ୍ଟରେ ୩୬୨ ଏବଂ ସେପ୍ଟେମ୍ବରରେ ସ୍ୱାଭାବିକ୍ ବର୍ଷାର ପରିମାଣ ୨୩୬ ମିଲିମିଟର ରହିଥିଲା । ଗତବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା । ସ୍କାଇମେଟ ଏହାର ମୌସୁମୀ ପୂର୍ବାନୁମାନରେ ଦର୍ଶାଇଛି, ଏବର୍ଷ ମୋଟାମୋଟି ଭାବେ ସ୍ୱାଭାବିକ୍ ଠାରୁ କମ୍ ବର୍ଷା ହେବ । ଦକ୍ଷିଣ ଭାରତ, ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ ଏବଂ ହରିଆଣାରେ କମ ବର୍ଷା ହେବ । କିନ୍ତୁ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ଭଲ ବର୍ଷା ହେବ । ଜୁନ୍ ମାସରେ ଅଧିକ ବର୍ଷା ହେବାର ଆଶଙ୍କା ରହିଛି । ବାକି ତିନିମାସରେ ଦେଶର ଅନ୍ୟ ଅଞ୍ଚଳରେ କମ୍ ବର୍ଷା ଥିଲେ ବି ଓଡ଼ିଶାରେ ଅଧିକ ରହିବ । ସ୍କାଇମେଟ କହିଛି ଯେ ଚଳିତବର୍ଷ ମୌସୁମୀର ଦୀର୍ଘ ଅବଧି ସମୟ (ଏଲ୍ପିଏ) ବର୍ଷା ପରିମାଣ ସ୍ୱାଭାବିକ ଠାରୁ ୫% କମ୍ ରହିବ । ଅର୍ଥାତ ବର୍ଷାର ପରିମାଣ ୯୫% ହେବ । ତା'ସହିତ ଆହୁରି ୫% କମ୍ କିମ୍ବା ବେଶୀ ରହିଛି । ଫଳରେ ଜୁନ୍‌ରୁ ସେପ୍ଟେମ୍ବର ମାସ ଭିତରେ ପ୍ରାୟ ୮୮୭ ମି.ମି. ବର୍ଷା ହେବାର ସମ୍ଭାବନା ରହିଛି । ଚଳିତ ବର୍ଷ ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ କେରଳ ଛୁଇଁବ । ଜୁନ୍ ୨୨ରୁ ୨୪ ଭିତରେ ସମଗ୍ର ଉତ୍ତର ଭାରତରେ ପହଞ୍ଚିବ ବୋଲି ଆକଳନ କରିଛି ସ୍କାଇମେଟ୍ ।

### ବାପା ଦେଲାନି ...

ତେବେ ତାଙ୍କ ଦଳକୁ ଯିବା ପାଇଁ ସୁବାସ ନାବାଳିକାଙ୍କ ବାପାଙ୍କୁ ଫୁସୁଲାଇଥିଲା । ତେବେ ନାବାଳିକାଙ୍କ ପିତା ସୁବାସର କଥାରେ ରାଜି ହୋଇ ନ ଥିଲେ । ଏହାକୁ ନେଇ ସୁବାସ ପ୍ରତିହିଂସାପରାୟଣ ହୋଇଉଠିଥିଲା । ଆଉ ଏଥିରେ ଉତ୍କ୍ଷିପ୍ତ ହୋଇ ସେ ନାବାଳିକାକୁ ରାତିଅଧରେ ଅପହରଣ କରିଥିଲା । ନାବାଳିକାଙ୍କ ଅଭିଯୋଗ ଅନୁସାରେ ସେ ନିଜ ମା' ପାଖରେ ଶୋଇଥିବା ବେଳେ ରାତିଅଧରେ ସୁବାସ ତାକୁ ଡାକିଥିଲା । ତେବେ କବାଟ ଖୋଲିବା ମାତ୍ରେ ସୁବାସ ତା' ପାଟି ଓ ମୁହଁକୁ କଳାକନାରେ ଚାପି ଧରିବା ସହ ୪ରୁ ୫ଜଣ ଯୁବକ ମିଶି ତାକୁ ଉଠାଇ ନେଇଥିଲେ । ରାତାରାତି ତାକୁ ନିକଟସ୍ଥ ଜଙ୍ଗଲକୁ ଟେକିନେବା ସହ ସେଠାରେ ନିର୍ଯାତନା ଦେବା ସହ ପଶୁ ଭଳି ୫ ଜଣ ଯୁବକ ଜଣେ ପରେ ଜଣେ କରିଥିଲେ ଦୁଷ୍କର୍ମ । ଗୋଟିଏ ଓଳି ଖାଇବାକୁ ଦେଉଥିବା ବେଳେ ଅଧିକାଂଶ ସମୟ ଉପବାସ ରଖାଯାଉଥିବା ସମ୍ପୃକ୍ତ ନାବାଳକା ଅଭିଯୋଗ କରିଛନ୍ତି । ଏମିତିକି ୪ ଜଣ ସବୁ ସମୟରେ ଜଗି ରହୁଥିବା ବେଳେ ଅନ୍ୟଜଣେ ଖାଇବାକୁ ଆଣିବା ପାଇଁ ଯାଉଥିଲା । ମାର୍ଚ୍ଚ ୯ ତାରିଖରୁ ୧୮ ତାରିଖ ଦୀର୍ଘ ୯ ଦିନ ଏଭଳି ପାଶବିକ ଅତ୍ୟାଚାର କରିଚାଲିଥିବା ବେଳେ ଏହାର ପ୍ରତିବାଦ କଲେ ସମ୍ପୃକ୍ତ ୫ ଜଣ ଯୁବକ ନାବାଳିକାକୁ ହତ୍ୟା ଧମକ ଦେଉଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ରାଜନୀତି ପାଇଁ ମଣିଷ କେତେ ତଳକୁ ଖସିଯାଇପାରେ !!! ନିଜର ନହେଲେ ବି ଜଣେ ସମ୍ପର୍କୀୟ ଭଉଣୀକୁ ଦୁଷ୍କର୍ମ କରିବା ଭଳି ଘଟଣା କେତେ ଲଜ୍ଜାଜନକ କଥା ଏ ସଭ୍ୟ ସମାଜରେ ବଞ୍ଚୁଥିବା ମଣିଷ ଏତିକି ବୁଝିପାରୁନାହିଁ । କଥାରେ ଅଛି ଭଉଣୀକୁ ନିଜ ପ୍ରାଣ ଦେଇ ସୁରକ୍ଷା ଦେବାକୁ ଭାଇ ହାତରେ ରାକ୍ଷୀ ବନ୍ଧାଯାଏ । ମାତ୍ର ସେହି ଭାଇ ଯେ କେବେ ଭଉଣୀର ସର୍ବସ୍ୱ ଲୁଟିନେବ, ତାହା କେବେ ବି କେହି ବି ଭାବି ନଥିବେ । ଏଭଳି କୁତ୍ସିତ କାର୍ଯ୍ୟ ପାଇଁ ସବୁ ମହଲରେ ନିନ୍ଦା ପ୍ରକାଶ ପାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ସବୁଠୁ ବଡ଼କଥା ହେଲା ଏଭଳି ଘଟଣା ପାଇଁ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ନାରୀକୁ ହେୟଜ୍ଞାନ, ପ୍ରସାଧନ ସାମଗ୍ରୀ ଅବା ପ୍ରତିଶୋଧ ନେବାର ମାଧ୍ୟମ ବୋଲି ଭାବିବାର ଚିନ୍ତାଧାରା ନ ବଦଳିଲେ ସମାଜ କଳୁଷିତ ହୋଇପଡିବ । ତେଣୁ ଏଭଳି ବ୍ୟଭିଚାର ରୋକିବାକୁ ସଚେତନତା ସୃଷ୍ଟି କରାଯିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇପଡିଛି ।

### ଠାକୁରଙ୍କ ...

ଠାକୁରଙ୍କ ନାମରେ ଥିବା କୌଣସି ଜମିକୁ ଅନ୍ୟମାନଙ୍କ ନାମରେ ପଟ୍ଟା ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଦେଇ ସାରିଥିବାବେଳେ ଏକ୍ଷେତ୍ରରେ କିପରି ଏହାର ବ୍ୟତିକ୍ରମ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଗଡଡୁଣିବେଡା ମୌଜାରେ ରଘୁନାଥଜୀଉଙ୍କ ଜମି ବେଆଇନ କିଣାବିକା ଘଟଣା ଆଲୋଚ୍ୟର ବିଷୟ ହୋଇଛି । ଠାକୁରଙ୍କ ଜମି କିଣାବିକା ନେଇ ଲଗାଯାଇଥିବାବେଳେ ଉକ୍ତ ସ୍ଥାନର ଠାକୁରଙ୍କ ଜମି କିପରି କିଣାବିକା ତାହା ଏକ ଆଲୋଚନାର ବିଷୟ ହୋଇଛି । ଠାକୁରଙ୍କ ଜମିକୁ ନିଜ ନାମରେ ପଟ୍ଟା କରାଇ ଜମି ଦଲାଲ ମାଧ୍ୟମରେ ଉକ୍ତ ଜମିକୁ ବିକ୍ରୀ କରାଯାଉଥିବାବେଳେ ଏହାକୁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । କେନ୍ଦୁଝର ସହରରେ ବର୍ତ୍ତମାନ ଜମିଜମା ଦର ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ଏହାର ସୁଯୋଗ ନେଇ ଜମି ମାଫିଆମାନେ ଠାକୁରଙ୍କ ମୂଲ୍ୟବାନ ଜମିକୁ ବିକି ମାଲାମାଲ ହେଉଛନ୍ତି । ଅନ୍ୟପକ୍ଷରେ ଏହି ଜମିର ସୁରକ୍ଷା ଦାୟୀତ୍ୱରେ ଥିବା ସରକାରୀ ବିଭାଗ ଯାଞ୍ଚ କରିବା ପରିବର୍ତ୍ତେ ବିକ୍ରୀରେ ସହାୟତା କରୁଛନ୍ତି । ଯାହାର ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡିବ । ଚତୁରତାର ସହ କେତେକ ପ୍ରଭାବଶାଳୀ ବ୍ୟକ୍ତି ଏହି ଠାକୁରଙ୍କ ଜମି ଉପରୁ ଅନୁମତି କରାଇ ଆଣି ନିଜ ନାମରେ ପଟ୍ଟା କରାଇ ଅନ୍ୟମାନଙ୍କୁ ବିକ୍ରୀ କରୁଛନ୍ତି । ଅନ୍ୟକ୍ରମେ ଏହାର ସତ୍ୟାସତ୍ୟ ଯାଞ୍ଚ ନକରି କିପରି ଠାକୁରଙ୍କ ଜମି ଅନ୍ୟ ନାମରେ ପଟ୍ଟା କରାଇ ପରବର୍ତ୍ତୀ ସମୟରେ ବିକ୍ରୀ ହୋଇଛି ଏହା ତଦନ୍ତ ସାପେକ୍ଷ । ଏନେଇ ସବ ରେଜିଷ୍ଟ୍ରାର କହିଛନ୍ତି ଯେ, ଉପଯୁକ୍ତ ଦସ୍ତାବିଜ ସହିତ ଆବେଦନ କରୁଥିବା ଜମି କିଣାବିକା ପଞ୍ଜୀକରଣ କରାଯାଇଛି । ଅନ୍ୟପକ୍ଷରେ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ପୂର୍ଣ୍ଣଚନ୍ଦ୍ର ମିଶ୍ର ଏଭଳି ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି । ଠାକୁରଙ୍କ ମୂଲ୍ୟବାନ ୪ଏକର ଜମି ଥିବାବେଳେ ଏଥିରୁ ୩ଏକରରୁ ଉର୍ଦ୍ଧ୍ୱ ଜମି ଅନ୍ୟ ଜଣଙ୍କ ନାମରେ ପଟ୍ଟା ହେବା ଏବଂ ପରେ ବିକ୍ରୀ ହେବା ଘଟଣାରେ ତହସିଲ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସବ୍‌ରେଜିଷ୍ଟର କାର୍ଯ୍ୟାଳୟର ଭୂମିକା ନେଇ ସନ୍ଦେହ ସୃଷ୍ଟି ହେଉଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ପଦାକୁ ଆସିପାରିବ ବୋଲି ଆଲୋଚନା ହେଉଛି । ଏତଦ୍‌ବ୍ୟତିତ ଏହି ଶ୍ରୀ ରଘୁନାଥଜୀଉଙ୍କର ଜମି ହଡପ କେଳେଙ୍କାରୀରେ ପୁରୀରୁ ଆସି କେନ୍ଦୁଝରରେ ଜମି ଦଲାଲ କାମ କରୁଥିବା ଜଣେ ବ୍ୟକ୍ତି ଏବଂ ଡିଏନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଏବଂ ପରିବାର ସଦସ୍ୟଙ୍କୁ ଜେରା କରାଗଲେ ସବୁ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହେଉଛି ।

## ସାରଥୀଙ୍କ ଅଡୁଆ ବଢ଼ିଲା

**କଟକ :** ସନ୍ତୋଷ କୁମାର ରାଉଳ ଓରଫ ସାରଥୀ ବାବାଙ୍କର ଠାବ କରାଯାଇଥିବା ୧୧.୪ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଛି । ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ-୨୦୦୨ ଅନୁସାରେ ଏହି ସମ୍ପତ୍ତି ବାଜ୍ୟାପ୍ତ କରାଯିବା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାଥମିକ ପଦକ୍ଷେପ ନିଆଯାଇଛି । ଏହି ସମ୍ପତ୍ତି ମଧ୍ୟରେ ସାରଥୀଙ୍କର କେନ୍ଦ୍ରାପଡା ବାରିମୂଳ ଆଶ୍ରମର କୋଠା ଓ ଜମି ରହିଥିବା ବେଳେ ଭୁବନେଶ୍ୱରରେ ଥିବା ତାଙ୍କର ୨ଟି ଘର ରହିଛି । ବାରିମୂଳ ଆଶ୍ରମର କୋଠା ଏବଂ ଜମିର ମୂଲ୍ୟ ପ୍ରାୟ ୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ସାରଥୀ, ତାଙ୍କ ସମ୍ପର୍କୀୟ ଓ ଆଶ୍ରମର ସଦସ୍ୟଙ୍କ ଆକାଉଣ୍ଟଗୁଡ଼ିକରେ ଜବତ ହୋଇଥିବା ୨.୪ କୋଟି ଟଙ୍କା ବାଜ୍ୟାପ୍ତ କରାଯିବା ଲାଗି ପକ୍ରିୟା ଆରମ୍ଭ କରାଯାଇଛି । ସାରଥୀ, ତାଙ୍କ ପୁଅ ସତ୍ୟମ ରାଉଳ, ସତ୍ୟମ ଚାରିଟେବୁଲ୍ ଟ୍ରଷ୍ଟ, ତାଙ୍କ ପୁତୁରା ଅନ୍ୟ ଘନିଷ୍ଠ ସହଯୋଗୀଙ୍କ ନାମରେ ଥିବା ସମ୍ପତ୍ତି ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ୨୦୧୫ ଅଗଷ୍ଟ ପ୍ରଥମ ସପ୍ତାହରେ କେନ୍ଦ୍ରାପଡ଼ା ଜିଲା ବାରିମୂଳସ୍ଥିତ ଆଶ୍ରମର ସାରଥୀ ବାବାଙ୍କ ହାଇଦ୍ରାବାଦର ଗୋଲ୍‌କୁଣ୍ଡାସ୍ଥିତ ଏକ ହୋଟେଲ୍‌ରେ ଜିନ୍ ପିନ୍ଧା ଏବଂ କେତେକ ଆପତ୍ତିଜନକ ଫଟୋ ଓ କାର୍ଯ୍ୟକଳାପକୁ ନେଇ ତାଙ୍କ ବିରୋଧରେ ବିବାଦ ମୁଣ୍ଡ ଟେକିଥିଲା । ତେବେ ଏହାକୁ ନେଇ ଅଗଷ୍ଟ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । କ୍ରାଇମ୍‌ବ୍ରାଞ୍ଚର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ବାରିମୂଳ ଆଶ୍ରମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତେବେ ସେଦିନ ରାତିରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଘଟଣାସ୍ଥଳରେ ପହଞ୍ଚିବା ପରେ ସାରଥୀଙ୍କ ବିରୋଧରେ ରହିଥିବା ଏକାଧିକ ମାମଲାକୁ ତର୍ଜମା କରାଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା ।

ସାରଥୀ ଗିରଫ ହେବା ପରେ ତାଙ୍କର ସମସ୍ତ ସମ୍ପତ୍ତି ଆକଳନ କରାଯାଇଥିଲା । କ୍ରାଇମ୍‌ବ୍ରାଞ୍ଚର ଅନ୍ୟ ଏକ ଟିମ୍ ବାରିମୂଳ ଆଶ୍ରମର ମାପଚୁପ କରିବା ପରେ ଭୁବନେଶ୍ୱରର ଶ୍ରୀବିହାର ପ୍ରିମିୟମ୍ ରେସିଡେନସିର ପ୍ରଥମ ମହଲାରେ ଥିବା ଫ୍ଲାଟ୍ ନଂ-୧୦୬ ଏବଂ ତ୍ରୀଷ୍ଟା ଟାୱାରରେ ଥିବା ଏକ ଡୁପ୍ଲେକ୍ସକୁ ଯାଇ ସେସବୁକୁ ଯାଞ୍ଚ କରିଥିଲା । ଏହି ଦୁଇ ଘରୁ ଅନେକ ଦାମୀ ସାମଗ୍ରୀ ଜବତ କରାଯାଇଥିଲା । ତେବେ ଏହାର କିଛି ଦିନ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ସାରଥିଙ୍କ ସମ୍ପତ୍ତିର ଆୟବ୍ୟୟର ଆକଳନ କରାଯିବା ଲାଗି ସ୍ଥାନୀୟ ଜିଲ୍ଲା ଜଜ୍‌ଙ୍କ କୋର୍ଟର ଆଶ୍ରୟ ନିଆଯାଇଥିଲା । କୋର୍ଟଙ୍କ ଅନୁମତି ପରେ କ୍ରାଇମ୍‌ବ୍ରାଞ୍ଚ ଠାବ କରିଥିବା ସମ୍ପତ୍ତି ନେଇ କାଗଜପତ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ହସ୍ତାନ୍ତର କରାଯାଇଥିଲା ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 3rd-09th Apr, 2017
ଭୁବନେଶ୍ୱର, ୦୩-୦୯ ଏପ୍ରିଲ, ୨୦୧୭
ଆମୋଦ ପ୍ରମୋଦ




# ପବିତ୍ର ଉତ୍କଳ ଦିବସର ଶୁଭକାମନା

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଶୁଭ ଜନ୍ମଦିନରେ ମୋର ପ୍ରିୟ ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭକାମନା ଜଣାଉଛି। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ସହାୟ ହୁଅନ୍ତୁ ଏବଂ ରାଜ୍ୟର ବିକାଶ ହେଉ ଏହାହିଁ କାମନା କରୁଛି।



**ଅରବିନ୍ଦ ଢାଲି**

ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ, ଓଡ଼ିଶା



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୧ ବର୍ଷ ପୂର୍ତ୍ତି ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଉତ୍କଳ ଦିବସ ଅବସରରେ ପାଟକୁରାବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି। ଆମ ଭାଷା, ସାହିତ୍ୟ ଓ ଗୌରବମୟ ପରମ୍ପରାକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ମିଳିମିଶି ଆଗକୁ ବଢ଼ିବା



**ଇଂ.ମାନସ ରଞ୍ଜନ ମହାନ୍ତି**

ବିଜେପି ନେତା, ପାଟକୁରା

# କେନ୍ଦୁଝର ଜିଲ୍ଲାବାସୀଙ୍କୁ ପବିତ୍ର ଉତ୍କଳ ଦିବସର ଶୁଭକାମନା

ସ୍ଥାନୀୟ ଜନସାଧାରଣଙ୍କ ନିକଟରେ ଆମେ ଚିରକୃତଜ୍ଞ। ଆମକୁ ଆପଣଙ୍କର ସେବା କରିବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇବା ସହ ଏହି ଅଞ୍ଚଳକୁ ବିକାଶପଥରେ ଆଗେଇ ନେବା ପାଇଁ ଆପଣଙ୍କ ସହଯୋଗ କାମନା କରୁଛୁ।



**ଲତିକା ଦେହୁରୀ**

ଅଧ୍ୟକ୍ଷା, ସଦର ବ୍ଲକ





**ବିଶ୍ୱନାଥ ବାରିକ**

ଉପାଧ୍ୟକ୍ଷ, ସଦର ବ୍ଲକ

# ଉତ୍କଳ ଦିବସର ଶୁଭକାମନା

ପଦ୍ମପୁର ପଞ୍ଚାୟତବାସୀଙ୍କ ନିକଟରେ ମୁଁ କୃତଜ୍ଞ। ମୋତେ ଆପଣଙ୍କର ସେବା କରିବାର ସୁଯୋଗ ଦେଇଥିବାରୁ ଧନ୍ୟବାଦ ଜଣାଇବା ସହ ଏହି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ କାମନା କରୁଛି।

**ରାଜେନ୍ଦ୍ର ହାଂସଦା**

ସରପଞ୍ଚ, ପଦ୍ମପୁର ପଞ୍ଚାୟତ

ସଦର ବ୍ଲକ, କେନ୍ଦୁଝର



*Space donated by :*

**M/S ANSUMAN RAUT**

**B.Tech (Computer Science)**


## ଖବର କିଛିକିଛି

- **ନୂଆଦିଲ୍ଲୀ :** ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଛି। ପେଟ୍ରୋଲଦର ଲିଟରପ୍ରତି ୩ଟଙ୍କା ୭୭ ପଇସା କମିଥିବା ବେଳେ ଡିଜେଲ ଦର ଲିଟର ପ୍ରତି ୨ ଟଙ୍କା ୯୧ ପଇସା ହ୍ରାସ ପାଇଛି।
- **ରାୟଗଡ଼ା :** ଏପ୍ରିଲ ୧୫ ଓ ୧୬ ତାରିଖରେ ଓଡ଼ିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀଙ୍କୁ ମାଓବାଦୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ମାଓବାଦୀମାନେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିକଟସ୍ଥ ଦହିଖାଲ ରେଳଷ୍ଟେସନରେ ବିସ୍ଫୋରଣ କରିବା ସହ ପୋଷ୍ଟର ଲଗାଇଛନ୍ତି।
- **ନୂଆଦିଲ୍ଲୀ :** ବହୁଚର୍ଚ୍ଚିତ ଜର୍ମାନ ଯୁବତୀ ଦୁଷ୍କର୍ମ ମାମଲାରେ ଜେଲ୍‌ରେ ଥିବା ବିତ୍ତିହୋତ୍ର ମହାନ୍ତିଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଛି। ଖୁବ୍‌ଶୀଘ୍ର ସେ ଜେଲ୍‌ରୁ ବାହାରିପାରନ୍ତି ବୋଲି ତାଙ୍କ ପିତା ତଥା ପୂର୍ବତନ ହୋମ୍‌ଗାର୍ଡ ଡିଜି ବିଦ୍ୟାଭୂଷଣ ମହାନ୍ତି ପ୍ରକାଶ କରିଛନ୍ତି।
- **କରାଚି :** ପାକିସ୍ତାନର ପାରାଚିନା ଅଞ୍ଚଳରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ ଫଳରେ ୨୫ ଜଣ ପ୍ରାଣ ହରାଇଥିବା ବେଳେ ୬୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି।
- **ନୂଆଦିଲ୍ଲୀ :** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂ, ତାଙ୍କ ପତ୍ନୀ ଓ ଅନ୍ୟମାନଙ୍କ ବିରୋଧରେ ସିବିଆଇ ଚାର୍ଜସିଟ୍ ଦାଖଲ କରିଛି।
- **ନୂଆଦିଲ୍ଲୀ :** ତୀବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଅରୁଣାଚଳପ୍ରଦେଶ ଗସ୍ତକୁ ନେଇ ଚୀନ୍ ଚିନ୍ତା ପ୍ରକଟ କରିଛି। ଏଥିସହ ଭାରତ ସହ ସମ୍ପର୍କ ଖରାପ ହେବା ନେଇ ଧମକ ଦେଇଛି ଚୀନ୍।
- **ଭୁବନେଶ୍ୱର :** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତୃତୀୟ ପର୍ଯ୍ୟାୟରେ ଅର୍ଥତତ୍ତ୍ୱ (ଏଟି) ଗ୍ରୁପ୍‌ର ୧୩.୩ କୋଟି ଟଙ୍କା ମୂଲ୍ୟର ସ୍ଥାବର, ଅସ୍ଥାବର ସମ୍ପତ୍ତି ଆଟାଚ୍ କରିଛି।
- **ଭୁବନେଶ୍ୱର :** ଏଣିକି ରାଜପଥ କଡ଼ ମଦ ଦୋକାନ ସମେତ ବିଭିନ୍ନ ହୋଟେଲ ଓ ଢାବାଗୁଡ଼ିକରେ ଆଉ ମଦବିକ୍ରି ହୋଇପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ଆଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।
- **ଅନୁଗୁଳ :** ଅନୁଗୁଳରେ ପୁଣି ଚାଷୀ ଆତ୍ମହତ୍ୟା। ଋଣବୋଝ ସହି ନ ପାରି ପୁରୁଣାକୋର୍ଟ ଥାନା ଅନ୍ତର୍ଗତ ଶରଧାପୁର ଅଞ୍ଚଳର ପରମାନନ୍ଦ ପଲେଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି।
- **ଭୁବନେଶ୍ୱର :** ଅପହରଣ କରିନେଇଥିବା ଜଣେ ବ୍ୟକ୍ତିଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। କାଳିମେଳା ବ୍ଲକ୍ ଅଧୀନସ୍ଥ ତେଲରାଇ ପଞ୍ଚାୟତର ତେୟାଲତଙ୍ଗଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରିଥିବା ଜଣାପଡ଼ିଛି।



# ବହିପ୍ରେମରେ ସୋନାକ୍ଷୀ

**ପ୍ରେ**ମରେ ପଡ଼ିଛନ୍ତି ଦବଙ୍ଗଗର୍ଲ ସୋନାକ୍ଷୀ। କ'ଣ ଆଶ୍ଚର୍ଯ୍ୟଚକିତ ହେଲେ କି? ଆଜ୍ଞା ହଁ ସେ ତ ପ୍ରେମରେ ପଡ଼ିଛନ୍ତି, କିନ୍ତୁ କୌଣସି ଯୁବକଙ୍କ ପ୍ରେମରେ ନୁହେଁ; ବରଂ ଏବେ ସେ ବହିପ୍ରେମରେ ପଡ଼ିଯାଇଛନ୍ତି। ଏପରି ପ୍ରେମରେ ସେ ପଡ଼ିପାରନ୍ତି ବୋଲି ପିଲାଦିନରୁ ତାଙ୍କୁ ଜଣେ ଜ୍ୟୋତିଷ ଭବିଷ୍ୟବାଣୀ କରିଥିଲେ। ଜ୍ୟୋତିଷଜଣକ କହିଥିଲେ ଯେ ସୋନାକ୍ଷୀଙ୍କର ପୁସ୍ତକ ପ୍ରତି ଭଲ ପାଇବା ରହିଛି ଓ ଏହି ଭଲପାଇବା ଦିନେ ତାଙ୍କ ପାଇଁ ନୂଆମୋଡ଼ ଆଣିଦେବ। ହୁଏତ ଏହି ଭବିଷ୍ୟବାଣୀ ଏବେ ଫଳବତୀ ହେବାକୁ ଯାଉଛି ବୋଲି ଏକ ସିନେମା ପ୍ରମୋଶନ୍ ସମୟରେ ସୋନାକ୍ଷୀ ନିଜେ ପ୍ରକାଶ କରିଛନ୍ତି। 'କରାଚୀ ୟୁ ଆର୍ କିଲିଂ ମି' ପୁସ୍ତକର କାହାଣୀକୁ ଆଧାର କରି ନିର୍ମାଣ ହୋଇଥିବା ତାଙ୍କର ଅପ୍‌କମିଂ ଫିଲ୍ମ 'ନୁର୍'ର ପ୍ରମୋସନ କରିବାକୁ ଯାଇ ସେ ଏସବୁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ 'ଦି ଲାଷ୍ଟ ଲାଇଫ୍' ଉପନ୍ୟାସର କାହାଣୀକୁ ନେଇ ନିର୍ମିତ ଲୁଟେରା ଚଳଚ୍ଚିତ୍ରରେ ସେ ଅଭିନୟ କରିସାରିଛନ୍ତି।

# ଭୁବନେଶ୍ୱରରେ ବିଶ୍ୱ ହକି ଲିଗ୍ ଓ ପୁରୁଷ ହକି ବିଶ୍ୱକପ୍

**ଭୁବନେଶ୍ୱର :** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚଳିତ ୨୦୧୭ ଡିସେମ୍ବରରେ ବିଶ୍ୱ ହକି ଲିଗ୍ ଫାଇନାଲ ଓ ୨୦୧୮ରେ ବିଶ୍ୱକପ ପୁରୁଷ ହକି ପ୍ରତିଯୋଗିତା ଖେଳାଯିବ। ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ସୋମବାର ହକି ଇଣ୍ଡିଆ କର୍ମକର୍ତ୍ତା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଯୋଗିତା ଆୟାଜନ ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜାତୀୟ ଓ ଅନ୍ତର୍ଜାତୀୟ ହକିରେ ଓଡିଶା ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ରାଜ୍ୟରୁ ପୁରୁଷ ଓ ମହିଳାରେ ଅନ୍ତର୍ଜାତୀୟସ୍ତରର ଓ ଅଲିମ୍ପିଆନ ସୃଷ୍ଟି ହୋଇଛନ୍ତି। ହକି ଇଣ୍ଡିଆ ଲିଗ୍‌ର ୫ମ ସଂସ୍କରଣରେ ଓଡିଶାର କଳିଙ୍ଗ ଲାନ୍‌ସର୍ସ ଚମ୍ପିଆନ ହୋଇ ରାଜ୍ୟ ହକିକୁ ଗୌରବାନ୍ୱିତ କରିଛି। ୨୦୧୪ ଡିସେମ୍ବରରେ ୮ଟି ଦଳକୁ ନେଇ ଏଫଆଇଏଚ୍ ପୁରୁଷ ଚମ୍ପିଆନ୍ସ ଟ୍ରଫି ହକି ପ୍ରତିଯୋଗିତାକୁ ସଫଳତାର ସହିତ ରାଜ୍ୟ ପରିଚାଳନା କରିବାରେ ସକ୍ଷମ ହୋଇଛି। ଆସନ୍ତା ଡିସେମ୍ବରରେ ବିଶ୍ୱ ହକି ଲିଗ୍ ଫାଇନାଲ ଓ ୨୦୧୮ରେ ପୁରୁଷ ହକି ବିଶ୍ୱକପ ଭଳି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ ନେଇ ଓଡିଶାକୁ ସୁଯୋଗ ମିଳିଛି। ଏହାକୁ ସଫଳତାର ସହ ପରିଚାଳନା କରିବା ପାଇଁ ସରକାର ସବୁ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତା ଲାଗି ଭୁବନେଶ୍ୱର ବିଶ୍ୱରେ ଖ୍ୟାତି ଅର୍ଜନ କରିବ। ବିଦେଶୀ ଖେଳାଳି, ଅଫିସିଆଲଙ୍କ ସମାଗମ ହେବ। ଏଥିପାଇଁ ଭିତ୍ତିଭୂମୀ ସୃଦୃଢ ଲାଗି ଅନେକ ଯୋଜନା କରାଯାଇଛି । ପ୍ରତିଯୋଗିତା ପୂର୍ବରୁ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ଶେଷ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମତପ୍ରକାଶ କରିଥିଲେ। ଅବସରରେ କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡିଂ,ଏଫଆଇଏଚ୍ ସଭାପତି ନରିନ୍ଦର ଡି ବାତ୍ରା, ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, କ୍ରୀଡା ଓ ଯୁବସେବା ବିଭାଗ ସଚିବ ବିଶାଲ ଦେବ, ଉନ୍ନୟନ କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଡିସେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ହକି ଲିଗ୍ ଫାଇନାଲ ଓ ୨୦୧୮ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ପୁରୁଷ ବିଶ୍ୱକପ ହକି ପ୍ରତିଯୋଗିତା ଖେଳାଯିବ। ପ୍ରତିଯୋଗିତାକୁ ସଫଳତାର ସହିତ ପରିଚାଳନା ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୮୯.୫ କୋଟି ଟଙ୍କା ବ୍ୟୟବରାଦ ସହ କାର୍ଯ୍ୟ ଆରମ୍ଭ ହୋଇଛି। ଏଫଆଇଏଚ୍ ବିଶ୍ୱ ହକି ଲିଗ୍ ଫାଇନାଲ ଲାଗି ୧୧.୫ କୋଟି ଓ ବିଶ୍ୱକପ ହକି ପାଇଁ ୭୮ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି।ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଭିତ୍ତିଭୂମି ସୁଦୃଢ କରାଯିବା ସହିତ କଳିଙ୍ଗ ଷ୍ଟାଡିୟମ ହକି ଗ୍ରାଉଣ୍ଡ ଦର୍ଶକ କ୍ଷମତା ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି।

# ଟ୍ରଫି ଫେରିପାଇଲା ଭାରତ

**ଧର୍ମଶାଳା :** ଚଳିତ ୪ର୍ଥ ତଥା ଅନ୍ତିମ ଟେଷ୍ଟମ୍ୟାଚ୍‌ର ୮ ୱିକେଟରେ ଜିତି ଭାରତ ଏହି ୪ ମ୍ୟାଚ୍‌ର ଟେଷ୍ଟ ସିରିଜ୍‌କୁ ୨-୧ରେ ଜିତିବାରେ ସଫଳ ହୋଇଛି। ଏହାସହ କଙ୍ଗାରୁଦଳଠାରୁ ବର୍ଡର-ଗାଭାସ୍କର ଟ୍ରଫି ଛଡ଼ାଇ ଆଣିଛି ଭାରତ। ଏହି ସ୍ମରଣୀୟ ବିଜୟ ସହ ଟା'ର କ୍ରିକେଟ ଇତିହାସରେ ଅନ୍ୟତମ ସଫଳ ଘରୋଇ ସିଜିନ୍ ଭାରତ ଶେଷକରିଛି। ଏହି ସିଜିନ୍‌ରେ ଭାରତ ୪ଟିଯାକ ଟେଷ୍ଟ ସିରିଜ୍ ଖେଳି ସବୁତକ ଜିତିନେଇଛି। ୪ର୍ଥ ଦିନ ଆରମ୍ଭରେ ସିରିଜ୍‌କୁ ୨-୧ରେ ଏବଂ ସିଜିନ୍‌କୁ ୪-୦ରେ ଜିତିବା ପାଇଁ ଭାରତୀୟ ଦଳ ଆଉ ମାତ୍ର ୮୭ ରନ୍ ଆବଶ୍ୟ କରୁଥିଲା। କିଛି ଚମତ୍କାର ଆଶାରେ ଅଷ୍ଟ୍ରେଲିଆ ଦଳ ପଡ଼ିଆକୁ ଓହ୍ଲାଇଥିଲା। ଜୋସ୍ ହେଜଲ୍‌ଉଡ୍ ଓ ପ୍ୟାଟ୍ କମିନ୍‌ସ ପୂରାଦମ୍ ଲଗାଇଥିଲେ। କମିନ୍‌ସ୍‌ଙ୍କ ଏକ ଚମତ୍କାର ବଲ୍‌ରେ ବିଜୟ (୮) ୱିକେଟ ପଛରେ କ୍ୟାଚ୍ ଦେଇଥିଲେ। ୪ଟି ବଲ୍ ପରେ ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ ଦର୍ଶନୀୟ ଥ୍ରୋରେ ଚେତେଶ୍ୱର ପୂଜାରା (୦) ରନ୍‌ଆଉଟ ହୋଇ ଯାଇଥିଲେ। ତେବେ ରାହୁଲ ଷ୍ଟ୍ରୋକ୍ ଖେଳି ଚାଲିଥିଲେ ଏବଂ ରାହାଣେ କ୍ରିଜ୍‌କୁ ଆସିବା ମାତ୍ରେ ଜଲ୍‌ଦି ମ୍ୟାଚ୍ ସାରିବାର ପ୍ରୟାସ କରିଥିଲେ। ଦୁହେଁ ପ୍ରତ୍ୟାକ୍ରମଣକରି ଅଷ୍ଟ୍ରେଲିଆ ବୋଲରଙ୍କୁ ପଛଘୁଞ୍ଚା ଦେବାରେ ବାଧ୍ୟ କରିଥିଲେ। ଦୁହେଁ ୧୦ ଓଭରରେ ଅବିଭାଜିତ ୩ୟ ୱିକେଟ ଯୋଡ଼ିରେ ୬୦ ରନ୍ ଯୋଡ଼ି ମ୍ୟାଚ୍, ସିରିଜ୍ ଓ ଭାରତୀୟ ଘରୋଇ ସିଜିନ୍‌ର ଅନ୍ତଃ ଘଟାଇଥିଲେ। ରାହୁଲ ୯ଟି ଚୌକା ସହ ୫୧ ଏବଂ ରାହାଣେ ୨ଟି ଛକା ଓ ୪ଟି ଚୌକା ସହ ୩୮ ରନ୍‌କରି ଅପରାଜିତ ଥିଲେ। ପୁଣେରେ ଅଷ୍ଟ୍ରେଲିଆ ଜିତିଥିବା ବେଳେ ବାଙ୍ଗାଲୋର ଟେଷ୍ଟ ଜିତି ଭାରତ ସିରିଜ୍‌କୁ ଫେରିଥିଲା। ରାଞ୍ଚିରେ ବରାବର ଲଢ଼େଇ ପରେ ନିର୍ଣ୍ଣାୟକ ଧର୍ମଶାଳା ଟେଷ୍ଟର ୨ୟ ଦିନ ସୁଦ୍ଧା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ଅଷ୍ଟ୍ରେଲିଆ ରଖି ପାରିଥିଲା। ତେବେ ୩ୟ ଦିନରେ ନିର୍ଣ୍ଣାୟକ ମୋଡ଼ ଆସିଥିଲା ଏବଂ ମ୍ୟାଚ୍‌ର ମଙ୍ଗ ସମ୍ପୂର୍ଣ୍ଣ ଭାବେ ଭାରତ ଆଡ଼କୁ ମୋଡ଼ିଥିଲା। ରବୀନ୍ଦ୍ର ଜାଡ଼େଜାଙ୍କ ଚିତ୍ତାକର୍ଷକ ଇନିଂସ ପରେ ଭାରତୀୟ ବୋଲର ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇ ସିରିଜ୍ ବିଜୟ ନିଶ୍ଚିତ କରିଥିଲେ। ଆହତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତରେ ଭାରତ ଜଣେ ବ୍ୟାଟ୍‌ସମ୍ୟାନ୍‌ଙ୍କ ବଦଳରେ ଯୁବ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇ ଯେଉଁ ସାହସିକ ନିଷ୍ପତ୍ତି ନେଇଥିଲା; ତାହା ମଧ୍ୟ ନିର୍ଣ୍ଣାୟକ ହୋଇଥିଲା। କୁଲଦୀପ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ମଧ୍ୟକ୍ରମକୁ ଧ୍ୱଂସ କରିଥିଲେ। ଏହି ମ୍ୟାଚ୍‌ରେ ୪ଟି ୱିକେଟ ନେବା ସହ ନିର୍ଣ୍ଣାୟକ ଅର୍ଦ୍ଧଶତକ ସ୍କୋର କରିଥିବା ରବୀନ୍ଦ୍ର ଜାଡ଼େଜା 'ପ୍ଲେୟର ଅଫ୍ ଦି ମ୍ୟାଚ୍' ହୋଇଥିଲେ। ପୁଣି ଏହି ସିରିଜ୍‌ରେ ସର୍ବାଧିକ ୨୫ଟି ୱିକେଟ ନେବା ସହ ୨ଟି ଅର୍ଦ୍ଧଶତକ ମାରିଥିବା ଜାଡ଼େଜା ଯଥାର୍ଥ ଭାବେ 'ପ୍ଲେୟର ଅଫ୍ ଦି ସିରିଜ୍' ହୋଇଥିଲେ। ଭାରତୀୟ କ୍ରିକେଟ ଇତିହାସରେ ଅନ୍ୟତମ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଓ ତିକ୍ତ ସିରିଜ୍ ଜିତି ମିଠା ଅନୁଭୂତି ସହ ଭାରତ ସିରିଜ ସମାପ୍ତ କରିଛି। ଏହି ଘରୋଇ ସିଜିନ୍‌ରେ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ବାଂଲାଦେଶ ଓ ଅଷ୍ଟ୍ରେଲିଆ ବିରୋଧରେ ସିରିଜ୍ ଜିତି ଭାରତ ବିଶ୍ୱର ସର୍ବଶ୍ରେଷ୍ଠ ଟେଷ୍ଟଦଳ ଭାବେ ନିଜକୁ ପ୍ରତିପାଦିତ କରିଛି। ପୁଣି ଆଇସିସି ଟେଷ୍ଟ ମାନ୍ୟତାର ଶୀର୍ଷରେ ରହିବାକୁ ଏହା ହକ୍‌ଦାର ବୋଲି ପୁଣି ପ୍ରମାଣିତ କରିଛି। ପୁଣି ବିରାଟ କୋହଲିଙ୍କ ଅଧୀନରେ ଭାରତ କ୍ରମାଗତ ୭ମ ଟେଷ୍ଟ ସିରିଜ୍ ଜିତିପାରିଛି। ଚଳିତ ସିଜିନ୍‌ରେ ଭାରତ ମୋଟ ୧୩ଟି ଟେଷ୍ଟମ୍ୟାଚ୍ ଖେଳି ୧୦ଟି ଜିତିଥିବା ବେଳେ ଗୋଟିଏ ହାରି ୨ଟି ଡ୍ର ରଖିଛି।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି